

# ଦେଶ ବିଦେଶର ଗଳ୍ପ

ନଂ 01394



ଅଧ୍ୟାପକ—ଶ୍ରୀ ଜାନକୀବଲ୍ଲଭ ମହାନ୍ତି

# ଦେଶ ବିଦେଶର ଗଳ୍ପ

ଦେଶ ବିଦେଶର ଗଳ୍ପ

ଅଧ୍ୟାପକ **ଜାନକୀ ବଲ୍ଲଭ ମହାନ୍ତି** ଏମ୍. ଏ.

ଲେଖକ—

ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି ଏମ୍. ଏ.

ପ୍ରକାଶକ—

ଓଡ଼ିଶା ଏଡ୍ୟୁକେସନାଲ ପବ୍ଲିସର୍ସ

ବିନୋଦ ବିହାରୀ

କଟକ—୨

ପ୍ରଥମ ମୁଦ୍ରଣ

୧୯୫୮

ମୂଲ୍ୟ—ଏକଟଙ୍କା ପଚିଶ ନୂଆପଇସା

ମୁଦ୍ରାକର—

ମାଗୁଣି ଚରଣ କାନୁନଗୋ

କଂଗ୍ରେସ ପ୍ରେସ, କଟକ—୨

# ସ୍ୱୀକୃତି

ସ୍ୱଦେଶ ଓ ବିଦେଶର ବରିଷ୍ଠତମ କଥାକାରଙ୍କ ଆଠ ଗୋଟି ସୁନିର୍ବାଚିତ ଗଳ୍ପ ଏହି ପୁସ୍ତକରେ ସନ୍ନିବେଶିତ । ସେହି ସବୁ କଥାକାରଙ୍କ ସଂକ୍ଷିପ୍ତ ଜୀବନ ଚରିତ ଏଥିରେ ଯଥା ସ୍ଥାନରେ ସଂଯୋଜିତ ହୋଇ ଅଛି । ବିଗତ ସାତବର୍ଷ ମଧ୍ୟରେ ଏହି ଗଳ୍ପ ଗୁଡ଼ିକ ଅନୂଦିତ ଓ ତନ୍ମଧ୍ୟରୁ କେତୋଟି ଓଡ଼ିଶାର କେତେକ ସାହିତ୍ୟ-ପତ୍ରିକାରେ ଏଥି ପୂର୍ବରୁ ପ୍ରକାଶିତ ହୋଇଥିଲା । 'କଥା ଓ କଥାକାର'ର ଜନପ୍ରିୟତା ଓ ତାହାର ଅନୁବାଦ ଅନେକଙ୍କର ମନଃପୂତ ହେବା ଯୋଗୁଁ ଏସବୁ ଗଳ୍ପ ଏକ ସୂତ୍ରରେ ଗ୍ରଥିତ ହୋଇ ପ୍ରକାଶିତ ହେଲା । ପାଠକ ପାଠିକା ମାନଙ୍କ ଦ୍ୱାରା ଏହା ଆଦୃତ ହେଲେ ମୋର ଶ୍ରମ ସାର୍ଥକ ହେବ ।

ଏହି ବହିର ସଂକଳନ ଲାଗି ପ୍ରକାଶକଙ୍କୁ ମୁଁ ମୋର ଅନ୍ତର ସହ ଧନ୍ୟବାଦ ।

ପରିଶେଷରେ ମୁଁ ସ୍ମରଣ କରୁଛି ମୋର ସ୍ୱର୍ଗତ ମାତାମହୀ ଉତ୍କଳମଣି ଦେବୀଙ୍କୁ । ଏକଦା ଶୈଶବରେ ସେ ମୋ ହୃଦୟରେ ଜଣାଇ ଥିଲେ କାବ୍ୟର ମାଧୁର୍ଯ୍ୟ ଏବଂ ଗ୍ରନ୍ଥ ଚୌପଦୀର ଲଳିତ ମୂର୍ଚ୍ଛନା । ଆଜି ମହାଳୟା । ପିତୃ ପୁରୁଷଙ୍କୁ ସ୍ମରଣ କରିବାର ଏହି ପବିତ୍ର ଅବକାଶରେ ମୁଁ ତାଙ୍କରି ଉଦ୍ଦେଶ୍ୟରେ ମୋର ସଭକ୍ତି ପ୍ରଣାମ ନିବେଦନ କଲି । ଇତି ।

କଟକ
ତା ୧୨ । ୧୦ । ୫୮ } ଜାନକୀ ବଲ୍ଲଭ ମହାନ୍ତି

# ସୂଚୀପତ୍ର


| ବିଷୟ | ଲେଖକଙ୍କ ନାମ | ପୃଷ୍ଠା |
|---|---|---|
| ୧ । ପୁଷରାତି | ମୁନ୍‌ସି ପ୍ରେମ୍‌ଚନ୍ଦ୍ | ୧ |
| ୨ । ପ୍ରତିହିଂସା | କାଉଣ୍ଟ୍ ଲିଓ ଟଲଷ୍ଟୟ୍ | ୧୭ |
| ୩ । ଦୁଇଭାଇ | ଜର୍ଣ୍ଣ୍‌ସନ୍ | ୪୧ |
| ୪ । ଉଦ୍‌ଭାବନର ବ୍ୟର୍ଥତା | ରିଚର୍ଡ୍ ଗାର୍ନେଟ୍ | ୫୪ |
| ୫ । ବେକାଏ ଖର୍ଚ୍ଚ | ମୋପାସାଁ | ୭୦ |
| ୬ । କୋଡ଼ିଏ ବର୍ଷ ପରେ | ଓ, ହେନ୍‌ରି | ୮୩ |
| ୭ । ନିବୋଧ | ଆଇଭାନ୍ ତୁର୍ଗେନଫ୍ | ୯୩ |
| ୮ । ସତରଞ୍ଜ ଖେଳାଳୀ | ପ୍ରେମ୍‌ଚନ୍ଦ୍ | ୯୭ |


—*—

## ମୁନ୍‌ସି ପ୍ରେମ୍ ଚନ୍ଦ୍

'ପ୍ରେମ ଚନ୍ଦ'ଙ୍କ ପ୍ରକୃତ ନାମ ଧନପତ ରାୟ । ମାତ୍ର 'ପ୍ରେମ୍‌ଚନ୍ଦ' ଛଦ୍ମ ନାମରେହିଁ ହିନ୍ଦି ସାହିତ୍ୟ ଜଗତରେ ସେ ସୁପରିଚିତ ଓ ଚିର ସ୍ମରଣୀୟ । ବନାରସ ନଗରର ସନ୍ନିକଟବର୍ତ୍ତୀ ଏକ ଗ୍ରାମରେ ଏକ ଦରିଦ୍ର ପରିବାରରେ ସେ ୧୮୮୦ ରେ ଜନ୍ମ ଗ୍ରହଣ କରିଥିଲେ । ଅଳ୍ପ ବୟସରୁ ତାଙ୍କୁ ପିତୃ ମାତୃହୀନ ହେବାକୁ ପଡ଼ିଥିଲା । ପ୍ରାରମ୍ଭ ଜୀବନରେ ତାଙ୍କୁ ଦୁଃଖ ଦୁର୍ଦ୍ଦଶା ଓ ସଂଘର୍ଷ ମଧ୍ୟରେ ଦିନାତିପାତ କରିବାକୁ ପଡ଼ିଥିଲା । ଅବଶେଷରେ ସେ ଟ ୩୦ ଟଙ୍କା ବେତନରେ ଏକ ଶିକ୍ଷକ ଭାବେ କାର୍ଯ୍ୟ କଲେ । ପରେ ସେ ସ୍କୁଲ ସବ୍‌ଇନ୍‌ସପେକ୍ଟର ପଦକୁ ଉନ୍ନୀତ ହୋଇ ଥିଲେ । ୧୯୨୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଯେତେବେଳେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା, ସେତେବେଳେ ପ୍ରେମ୍-ଚନ୍ଦ୍ ଏହି ଆନ୍ଦୋଳନରେ ଯୋଗ ଦେବାଲାଗି ଚାକିରୀ ତ୍ୟାଗ କରିଥିଲେ । ତାପରେ ସେ ପୂର୍ଣ୍ଣ ପ୍ରାଣରେ ସାହିତ୍ୟ ସେବାରେ ଆତ୍ମ ନିୟୋଗ କଲେ ।

ହିନ୍ଦି ଓ ଉର୍ଦ୍ଦୁ ଉଭୟ ଭାଷାରେ ସେ ସୁପଣ୍ଡିତ ଥିଲେ ଓ ଉଭୟ ଭାଷାରେ ସେ ବହୁ ପତ୍ରିକା ସମ୍ପାଦନ, ବହୁ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପ ରଚନା କରିଥିଲେ । ନିଜର ବିପୁଳ ରଚନାବଳୀରେ ସେ ଭାରତୀୟ ସାମାଜିକ ଓ ରାଜନୈତିକ ଜାଗରଣକୁ ରୂପ ଦାନକରି ଆଧୁନିକ ଭାରତୀୟ ସାହିତ୍ୟରେ ନିଜକୁ ଚିର ସ୍ମରଣୀୟ କରି ଯାଇଛନ୍ତି । ମୁଖ୍ୟତଃ ସେ ଭାରତୀୟ କୃଷକର ବାସ୍ତବ ଜୀବନକୁ ସହୃଦୟତାର ସହିତ ନିଜର ଉପନ୍ୟାସରେ ଅଭିବ୍ୟକ୍ତ ଦାନକରି ଯାଇଥିଲେ ହେଁ, ତାଙ୍କର ତୀକ୍ଷ୍ଣ ଇତିହାସ ସଚେତନତା ତାଙ୍କର ଗଳ୍ପ ଉପନ୍ୟାସରୁ ଉପଲବ୍ଧି

କରିହୁଏ । ପ୍ରଧାନତଃ ସେ ଜଣେ ମାନବବାଦୀ ତଥା ଉଚ୍ଚ କୋଟୀର ଶିଳ୍ପୀ ଓ କଥାକାର ଭାବେ ସୁବିଖ୍ୟାତ । ଫକୀରମୋହନଙ୍କ ପରି ତାଙ୍କ ଗଦ୍ୟର ଭାଷା ସରଳ, ସାବଲୀଳ ଓ କଥ୍ୟଭାଷାର ଆଦର୍ଶରେ ନିର୍ମିତ ।

ତାଙ୍କର ସୁପ୍ରସିଦ୍ଧ 'ସତରଞ୍ଜ ଖେଳାଳି' ଗଳ୍ପଟି ତାଙ୍କର ସୂକ୍ଷ୍ମ ଇତିହାସ-ସଚେତନ ଦୃଷ୍ଟି ଭଙ୍ଗୀର ଏକ ଉଜ୍ଜ୍ୱଳ ନିଦର୍ଶନ । ନିପୁଣ ବିଦ୍ରୂପ ଓ ହାସ୍ୟରସରେ ସେ ଜୀବନର ଏକ କରୁଣଚିତ୍ର ଆଙ୍କିଛନ୍ତି—ଲକ୍ଷ୍ନୌର ଶେଷ ନବାବଙ୍କ ରାଜତ୍ୱ କାଳୀନ ବିଲୟ-ମୁଖୀ ସମାଜର ବିଳାସ ବ୍ୟସନ ଓ ଆତ୍ମ ସୁଖ ସର୍ବସ୍ୱତା କିପରି ସାହସୀ ଓ ସମ୍ଭ୍ରାନ୍ତ ଚରିତ୍ର ମାନଙ୍କୁ ଅଧୋଗାମୀ କରିଦିଏ, ଏବଂ ତୁଚ୍ଛତାକୁ ଅନୁସରଣ କରି ବ୍ୟକ୍ତି କିପରି ଦେଶପ୍ରେମ ଓ ରାଜାନୁଗତ୍ୟର ଉଚ୍ଚ ଆଦର୍ଶକୁ ସମ୍ପୂର୍ଣ୍ଣ ଭୁଲିଯାଏ ତାହା ମଧ୍ୟ ଏଥିରେ ଅଭିବ୍ୟକ୍ତି ଲାଭ କରିଅଛି ।

ସେହିପରି 'ପୁଷ ରାତି' ଗଳ୍ପଟିରେ ସେ ଅଭାବ ଗ୍ରସ୍ତ କୃଷକ ଜୀବନର ଶୋଚନୀୟ ଦୁର୍ଗତିକୁ ଜୀବନ୍ତ ଭାବେ ରୂପଦାନ କରିପାରି ଅଛନ୍ତି ।

---

# ପୁଷ ରାତି

—୧—

ହଲ୍କୁ ଆସି ତା ସ୍ତ୍ରୀକୁ କହିଲା—"ହେଇଟି ସହନା ଆସିଛି, ଯେଉଁ ଟଙ୍କା ରଖିଛେ ଆଣ ତାକୁ ଦେଇ ଦେବା । ତାହେଲେ ତା'ଠୁଁ ଅନ୍ତତଃ ରକ୍ଷା ମିଳିଯିବ ।"

ତା ସ୍ତ୍ରୀ ମୁନ୍ନୀ ଘର ଓଳାଉଥିଲା । ପଛକୁ ବୁଲିପଡି କହିଲା—"ମୋଟେ ତ ତିନିଟଙ୍କା ଅଛି, ସବୁ ତାକୁ ଦେଇ ଦେବତ କମ୍ବଳଟିଏ କିପରି କିଣିବ ? ପୁଷ ମାଘର ଶୀତ ରାତି କ୍ଷେତରେ କଟାଇବ କେମିତି ? ବରଂ ତାକୁ କହିଦିଅ, ଏ ସାଲ ଫସଲ ଆମ ଘରକୁ ଆସିଗଲେ ତା ଟଙ୍କା ଆମେ ପରିଶୋଧ କରିଦେବୁ । ବର୍ତ୍ତମାନ ତା' ହୋଇ ପାରିବ ନାହିଁ ।"

ହଲ୍କୁ ମୁହୂର୍ତ୍ତକ ପାଇଁ ଅନିଶ୍ଚିତ ଭାବେ ଠିଆ ହୋଇ ରହିଲା । ପୁଷ ମାସ ଆଗତ ପ୍ରାୟ । ରାତିରେ ବିନା କମ୍ବଳରେ କ୍ଷେତରେ ଶୋଇବା ତା' ପକ୍ଷେ ଅସମ୍ଭବ । ମାତ୍ର ସହନାକୁ କିପରି

ସନ୍ତୁଷ୍ଟ କରିବ ! ସେ'ତ କେବେ ଗୁଡ଼ିବ ନାହିଁ । ବର୍ତ୍ତମାନ ତା ଟଙ୍କା ଶୁଝିପାରିବ ନାହିଁ ଶୁଣିଲେ ସେ ନିଶ୍ଚେ ତାକୁ ଗାଳି ଦେବ, ଧମକାଇବ ଶୀତରେ କମ୍ବଳ ମାରିଗଲେ ବି ତା'ର ଯାଏ ଆସେ କେତେ ?

ଯାହାହେଉ, ଏଇ ସୁନ୍ଦର ଟଙ୍କଟିକୁ ବର୍ତ୍ତମାନ ନ ତଡ଼ିଲେ ନ ଚଳେ । ଏହା ଭାବି ସେ ଭାବାକ୍ରାନ୍ତ ମନରେ ସ୍ତ୍ରୀ ନିକଟକୁ ଆସି ଅନୁନୟ କରି ଭଲ ସ୍ୱରରେ କହିଲା—"ଯେଉଁ ଟଙ୍କା ରଖିଛ ଆଣି ଦେଇ ଦିଅ, ତା' ଠାରୁ ଅନ୍ତତଃ ନିସ୍ତାର ମିଳୁ । କମ୍ବଳଟିଏ ପାଇଁ ପଛକେ ଆଉ ଅନ୍ୟ ଉପାୟ କରିବାକୁ ହେବ ।"

ମୁନ୍ନୀ ତା' ପାଖରୁ ଦୂରକୁ ଘୁଞ୍ଚି ଯାଇ ଆଖି ବଙ୍କେଇ କରି କହିଲା—'କମ୍ବଳ ପାଇଁ ଆଉ କି ଉପାୟ କରିବ ଶୁଣେ ? କିଏ କିଏ ତମକୁ କମ୍ବଳଟିଏ ଦାନ କରିଦେବ ? ଆମର ଏତେ କରଜ ହୋଇଛି କେବେ ତା' ଶୁଝାଯିବ କେଜାଣି ! ମୁଁ କହୁଛି ତମେ କୃଷିବାସ କାମ ଛାଡ଼ି ଦେଉନ କାହିଁକି ? କାମ କରି କରି ଆମେ ମଲୁଣି । ଯାହା ମିଳିଲା ସବୁତ' କରଜ ଶୁଝିବାରେ ଯାଉଛି । ବରଂ ଏ ଜଞ୍ଜାଳ ଛୁଟାଇ ଦେବା ଭଲ । ବାକି ଶୁଝିବା ହିଁ କେବଳ ଆମ ଜୀବନର କାମ ହୋଇଅଛି । ବରଂ ପେଟ ପାଇଁ ତମେ ଏଥର ମୂଲଯାଡ଼ ଲାଗିଲେ ଭଲ ହେବ । କୃଷି କାମରୁ ଭଲ ଲାଭ ମିଳିଗଲାଣି ! ମୁଁ ଟଙ୍କା ଦେବି ନାହିଁ, ନାହିଁ, ନାହିଁ ।"

ହଲ୍କୁ ଉଦାସ ହୋଇ କହିଲା—"ତା' ହେଲେ ମୋତେ ତା ଠାରୁ ଗାଳି ଶୁଣିବାକୁ ପଡ଼ିବ ।"

ମୁନ୍ନୀ ରାଗି କରି ଉତ୍ତର ଦେଲା—"ସେ ଗାଳି ଦେବ କାହିଁକି ? କ'ଣ ଏଠି ସେ ରାଜୁତି କରୁଛନ୍ତି ?"

ମାତ୍ର ଏତକ କହିବା ସଙ୍ଗେ ସଙ୍ଗେ ତା'ର କୁଞ୍ଚିତ ଭ୍ରୂଲତା ସରଳ ହୋଇଗଲା । ହଲ୍‌କୁ କଥାର କଠୋର ସତ୍ୟ ଏକ ଭୀଷଣ ପଶୁ ଭଳି ତାକୁ ଚାରିଆଡ଼ୁ ଭୀତିପ୍ରଦର୍ଶନ କରିବାକୁ ଲାଗିଲା । ସେ ଯାଇ ଠଣ୍ଡାରୁ ଟଙ୍କା ଆଣି ହଲ୍‌କୁ [illegible]ର ଦେଲା । କହିଲା— "ସତରେ ଏଥର ଫସଲ କଟା [illegible]ଲେ ତମେ ଚାଷ କରିବା ଛାଡ଼ିଦିଅ । ମୂଲପାଣ୍ଡ ଲାଗିଲେ ଅନ୍ତତଃ ତମେ ଶାନ୍ତିରେ ମୁଠାଏ ଖାଇବାକୁ ପାଇବ । କାହାର ଗାଳି ଧମକ ଆଉ ତମକୁ ଶୁଣିବାକୁ ମିଳିବ ନାହିଁ । ଏ ପୁଣି କି ବଡ଼ିଆ ଚାଷ କାମ ! ତମେ ମେହନତ କରି ଖଟିବ, ଟଙ୍କା ଖଟେଇବ—ତା' ଉପରେ ପୁଣି ମାଇବ ଧମକ ।"

ହଲ୍‌କୁ ପଇସା ନେଇ ବାହାରକୁ ଗଲା—ସତେ ଯେମିତି ସେ ନିଜର ହୃଦପିଣ୍ଡଟା ଦେଇ ଦେବାକୁ ଯାଉଛି । ଆପଣା ଉପାର୍ଜନରୁ ସେ ପଇସେ ଦୁଇପଇସା ସଞ୍ଚୟ କରି ତିନିଟଙ୍କା ଜମାଇ ରଖିଥିଲା । ଗୋଟାଏ କମ୍ବଳ କିଣିବ ବୋଲି । ସେତକ ଆଜି ତା' ଠାରୁ ଚାଲି ଯାଉଛି । ପ୍ରତି ପଦକ୍ଷେପରେ ତା'ର ମସ୍ତକ ଆପଣା ହୀନତାର ଭାରରେ ଅବନତ ହୋଇ ପଡ଼ୁଥିଲା ।

—୨—

ପୁଷ ମାସର ଅନ୍ଧାର ରାତି । ଆକାଶରେ ତାରାମାନେ ମଧ୍ୟ ଶୀତରେ ଥରୁଥିବା ଭଳି ମନେ ହେଉଥାନ୍ତି । ହଲ୍‌କୁ ଆପଣା କ୍ଷେତ ଧାରରେ ଆଖୁ ପତରରେ ଛାଆଣି ହୋଇଥିବା ଏକ ଛୋଟ କୁଡ଼ିଆରେ ବାଉଁଶ ଖଟିଆ ଉପରେ ଆପଣା ପୁରୁଣା ମଇଳା ଚଦରଟି ଘୋଡ଼ାଇ ହୋଇ ଶୋଇ ଶୀତରେ ଥରୁଥାଏ । ଖଟିଆ ତଳେ ତାହାର [illegible]

କୁକୁର 'ଜବରା' ପେଟ ଭିତରେ ମୁହଁ ରଖି ଶୀତରେ କୁଁ କୁଁ ହେଉଥାଏ । ଦୁହିଁଙ୍କ ମଧ୍ୟରୁ କାହାରିକୁ ହେଲେ ନିଦ ହେଉନଥାଏ ।

ହଲ୍‌କୁ ଶୀତ ଯୋଗୁ ଆଣ୍ଠୁକୁ ଗଳାରେ ଲଗାଇ କହିଲା—"କରେ ଜବରା ! କଣ ଶୀତ ଲାଗୁଛି ? ମୁଁ କହୁଥିଲି ପରା ଘରେ କୁଟା ଉପରେ ଶୋଇ ରହିଥା । ତୁ ମୋ ସଙ୍ଗେ ଆସିଲୁ କାହିଁକି ? ଏଠି କ'ଣ ପାଇବୁ ? ତୁ ଭାବୁଥିଲୁ, ମୁଁ ଏଠିକି ହାଲୁଆ, ପୁରି ଖାଇବାକୁ ଆସୁଛି, ନୁହଁ ? ସେଇଥିପାଇଁ ଦୌଡ଼ିକରି ମୋ ଆଗେ ଆଗେ ଚାଲି ଆସିଲୁ । ହଉ, ଏବେ ମନଇଚ୍ଛା କାନ୍ଦୁଥା ।"

ଜବରା ଶୋଇ ଶୋଇ ଲାଙ୍ଗୁଡ଼ ହଲାଇଲା । ପୂର୍ବପରି ଜାକିଜୁକି ହୋଇ, ବଡ଼ ପାଟିରେ କୁଁ କୁଁ ହେଲା, ଶେଷରେ ହାଇ ମାରି ଚୁପ ହେଲା । ବୋଧହୁଏ ସେ ତା'ର କୁକୁର ବୁଦ୍ଧିରେ ବୁଝି ପାରିଲା—ମୁଁ କୁଁ କୁଁ ହେବାରୁ ମୋର ଖାମିନ୍ଦଙ୍କୁ ନିଦ ହୋଇ ପାରୁନାହିଁ ।

ହଲ୍‌କୁ ଗୋଡର ତଳୁ ହାତ କାଢ଼ି ଜବରାର ଥଣ୍ଡା ଦେହକୁ ଆଉଁଶି ଦେଉ ଦେଉ କହିଲା—"କାଲିଠାରୁ ଆଉ ମୋ ସଙ୍ଗେ ଆସିବୁ ନାହିଁ । ଆସିଲେ ତୋତେ ନିଶ୍ଚେ ଶୀତ ଧରିବ । ଏଇ ଶ··ପଶ୍ଚିମା ପବନ କେଉଁଠୁ ହେମାଳ ବରଫ ନେଇ ଆସିଛି । ଉଠି ପୁଣି ଥରେ ଚିଲମ ସଜାଡ଼େ । ଯେପରି ହେଉ ତ ରାତିଟା କଟାଇବାକୁ ପଡ଼ିବ । ଆଠ ଚିଲମ ତ ଖାଇ ସାରିଲିଣି ! ଏଇଆ ହେଉଛି ଚାଷ କାମର ମଜା ! ଏମିତି ଭାଗ୍ୟବାନ ଅଛନ୍ତି ଯାହାଙ୍କ ପାଖକୁ ଶୀତ ଗଲେ ମୋଟା ରେଜେଇ ଓ କମ୍ବଳର ଗରମରେ ବ୍ୟସ୍ତ ହୋଇ ପଳାଇ ଆସିବ । ସେମାନଙ୍କ ପରବାୟୁ

କ'ଣ ? ଏଇ ହେଉଛି ଭାଗ୍ୟ ! ଆମେ ମେହନତ କରିକରି ଆଉ ଦୋସରା ଲୋକେ ମଜା ମାରୁଥିବେ !

ହଲ୍କୁ ଉଠି ଗାତରୁ ଟିକିଏ ନିଆଁ ଆଣି ଚିଲମରେ ପୂର୍ତ୍ତି କଲା । ଜବରା ମଧ୍ୟ ଉଠି ବସିଲା । ହଲ୍କୁ ଗଞ୍ଜେଇ ଟାଣୁ ଟାଣୁ କହିଲା—"ତୁ ଟିକିଏ ଟାଣିବୁ ? ଜାଡ଼ ଛଡ଼ାଇବାକୁ ଏହା କିଛି ନୁହଁ ! ତେବେ ହଁ, ଏଥିରେ ସମୟଟା ବେଶ୍ କଟିଯାଏ ।"

ଜବରା ପ୍ରେମ-ଛଳ ଛଳ ଆଖିରେ ତା' ଆଡ଼କୁ ଚାହିଁ ରହିଲା । ହଲ୍କୁ ପୁଣି କହିଲା—"ଆଜ ଅନ୍ଧାରରେ କୌଣସି ମତେ ସମୟ କଟାଇଦେ । କାଲି ମୁଁ ତୋ ଲାଗି ଏଠି କୁଟା ବିଛାଇ ଦେଇଥିବି । ତାରି ଉପରେ ବସିଲେ ତୋତେ ଆଉ ଶୀତ କରିବ ନାହିଁ ।"

ଜବରା ତା'ର ସାମ୍ନା ପାଦ ଦୁଇଟି ହଲ୍କୁ କହୁଣି ଉପରେ ରଖି ତା' ମୁହଁକୁ ହଲ୍କୁ ମୁହଁ ପାଖରେ ରଖିଲା । ହଲ୍କୁ ମୁହଁରେ ତାର ଉଷ୍ଣ ନିଶ୍ୱାସ ବାଜୁଥାଏ ।

ଗଞ୍ଜେଇ ଟାଣିସାରି ହଲ୍କୁ ଭାବିଲା—ଏଥର ଯାହା ହେଉ ପଛକେ ସେ ଶୋଇ ପଡ଼ିବ । ମାତ୍ର ଅଳ୍ପ ସମୟ ପରେ ତା'ର ଦେହ ଶୀତରେ ଥରିବାକୁ ଲାଗିଲା । ସେ କଡ଼ ଲେଉଟାଇ ଏପଟ ସେପଟ ହେଲା । ମାତ୍ର ଶୀତ ଭୂତ ଭଳି ତା'ର ଛାତି ଉପରେ ମାଡ଼ି ବସିଥାଏ ।

ଯେମେ ସେ ଆଉ କୌଣସି ମତେ ଶୀତ ସହି ପାରିଲା ନାହିଁ । ତହୁଁ ସେ ଜବରାକୁ ଧୀରେ ଉଠାଇ ଆଣିଲା । ତାହା ମୁଣ୍ଡକୁ ଆଉଁଷାଇ ତାକୁ ଆଣି ଆପଣା କୋଳରେ ଶୁଆଇଲା । କୁକୁର ଦେହରୁ ଏକ ପ୍ରକାର ଦୁର୍ଗନ୍ଧ ବାହାରୁଥାଏ । ମାତ୍ର ସେ ତାକୁ ଆପଣା କୋଳରେ ଆଲିଙ୍ଗନ କରି ଏପରି ସୁଖ ଅନୁଭବ କଲା, ଯାହାକି ସେ କେତେମାସ ମଧ୍ୟରେ ପାଇ ନ ଥିଲା । ଜବରା

ସମ୍ଭବତଃ ଭାବୁଥିଲା ଏହା ହିଁ ହେଉଛି ସ୍ୱର୍ଗ । ହଲ୍‌କୁର ପବିତ୍ର ଆତ୍ମାରେ ମଧ୍ୟ କୁକୁର ପ୍ରତି ଘୃଣାର ଗନ୍ଧ ସ୍ଥାନ ପାଇ ନ ଥିଲା । ହୁଏତ ଆପଣାର ଅଭିନ୍ନ ମିତ୍ର ବା ଭାଇକୁ ହିଁ ଏତିକ ତତ୍ପରତାର ସହିତ ଆଲିଙ୍ଗନ କରିଯାନ୍ତା । ନିଜର ଘନତା ଯୋଗୁ ଏପରି ଦୁର୍ଦ୍ଦଶା ଭୋଗୁଥିଲେହେଁ ସେ ଆହତ ବୋଧ କରି ନ ଥିଲା । ବରଂ ଏହି ଅସ୍ୱାଭାବିକ ବନ୍ଧୁତ୍ୱ ତାହାର ଆତ୍ମାର ସମସ୍ତ ଦ୍ୱାର ଖୋଲି ଦେଇଥିଲା ଓ ତା' ଦେହର ସମସ୍ତ ଅଣୁ ପରମାଣୁ ପ୍ରକାଶ— ଆନନ୍ଦରେ ସମୁଜ୍ଜ୍ୱଳ ହୋଇ ଉଠିଥିଲା ।

ସହସା ଜବରା କେଉଁ ଏକ ପଶୁର ଶବ୍ଦ ଶୁଣିବାକୁ ପାଇଲା । ଏହି ବିଶେଷ ଆତ୍ମୀୟତା ତାହା ମଧ୍ୟରେ ଏକ ନବୀନ ସ୍ଫୁର୍ତ୍ତି ଜାଗ୍ରତ କରିଦେଇ ଥିଲା । ସେଥିପାଇଁ ସେ ହେମାଳ ପବନକୁ ମଧ୍ୟ ତୁଚ୍ଛ ମନେ କରୁଥିଲା । ସେ ଉଠି ଛିଡ଼ା ହେଲା । ଝୁଙ୍ଗି ବାହାରକୁ ଆସି ଭୁକିଲା । ହଲ୍‌କୁ ତାକୁ କେତେଥର ତୁ-ତୁ-କରି ଡାକିଲା । ମାତ୍ର ସେ ତା ପାଖକୁ ଆସିଲା ନାହିଁ । କ୍ଷେତ ଚାରିପଟେ ଦୌଡ଼ାଦୌଡ଼ି କରି ଭୁକିଲା । ମୁହୂର୍ତ୍ତକ ଲାଗି ସେ ହଲ୍‌କୁ ପାଖକୁ ଆସେ ତ ପୁଣି ଶୀଘ୍ର ଦୂରକୁ ଧାଇଁ ପଳାଉଥାଏ । ହୃଦୟରେ ଆଶା ଭଳି କର୍ତ୍ତବ୍ୟବୋଧ ତାର ପ୍ରଦୀପ୍ତ ହୋଇ ଉଠିଥିଲା ।

—୩—

ପୁଣି ଘଣ୍ଟାଏ ବିତି ଗଲା । ରାତି ପବନ ଆହୁରି ଶୀତଳତା ବଢ଼ିବାକୁ ଲାଗିଲା । ହଲ୍‌କୁ ଉଠି ବସିଲା, ଦୁଇ ଆଣ୍ଠୁକୁ ଛାତିରେ ଲଗାଇ ତାହା ଉପରେ ମୁଣ୍ଡ ରଖିଲା । ତଥାପି ଥଣ୍ଡା କମ୍ ବୋଧ ହେଉ ନ ଥାଏ । ରକ୍ତ ଜମାଟ ବାନ୍ଧି ଗଲା ଭଳି ବା ଧମନୀରେ ରକ୍ତ ପରିବର୍ତ୍ତେ ଶୀତ ପ୍ରବାହିତ ହେଉଥିଲା ପରି ତାକୁ ମନେ

ହେଉଥାଏ । ଗଛ  ଆଉ କେତେ ଅଛି—ମୁଣ୍ଡ ଉଠାଇ ନଇଁ କରି ସେ ଆକାଶ ଆଡ଼କୁ ଚାହିଁଲା । ସପ୍ତର୍ଷି ବର୍ତ୍ତମାନ ସୁଦ୍ଧା ଆକାଶ ମଝିକୁ ଆସିନାହିଁ, ସକାଳ ହେବାକୁ ଆଉ ପହରେକରୁ ବେଶି ଅଛି ।

ହଲ୍‌କୁ କିଆରୀଠାରୁ ଟିକିଏ ଛଡ଼ାରେ ଗୋଟାଏ ଆମ୍ବ ତୋଟା । ତେଣୁରୁ ପତ୍ର ଝଡ଼ିବା ଆରମ୍ଭ ହୋଇ ଯାଇଥାଏ । ସେଇ ବଗିଚାରେ ପତ୍ରସବୁ ଗଦା ହୋଇ ପଡ଼ିଥାଏ । ହଲ୍‌କୁ ଭାବିଲା, ଯାଇ ସେଇ ପତ୍ରସବୁ ଜାଳି ନିଆଁ ପୋଇଁବ । ରାତିରେ ପତ୍ର ସାଉଣ୍ଟୁଥିବାର ଦେଖିଲେ ନିଶ୍ଚୟ ଜଣେ ମୋତେ ଭୂତ ଭାବି ଭୟ କରିପାରେ । ଏଣେ ହୁଏତ କିଆରୀରେ କେଉଁ ପଶୁ ଲୁଚି ରହି ପାରିଥାଏ । ମାତ୍ର ଯାହାହେଉ ଆଉ ତ ଏଠି ଶୀତରେ ବସି ହେଉ ନାହିଁ ।

ସେ ପାଖ ହରଡ଼ କିଆରୀକୁ ଯାଇ କେତୁଟା ହରଡ଼ ମୂଳ ଉପାଡ଼ି ସେଥିରେ ଗୋଟାଏ ଝାଡ଼ୁ ତିଆରି କରି ଗୋଟିଏ ହାତରେ ଧରିଲା । ଆଉ ଗୋଟିଏ ହାତରେ ଘଷିରେ ଟିକିଏ ନିଆଁ ନେଇ ସେ ସେଇ ଆମ୍ବ ବଗିଚା ଆଡ଼କୁ ଚାଲିଲା । ଜବରା ତାକୁ ଯାଉଥିବା ଦେଖି ତା ଆଗକୁ ଆସି ଲାଙ୍ଗୁଡ଼ି ହଲାଇଲା ।

ହଲ୍‌କୁ କହିଲା—"ଆରେ, ଆଉ ତ ରହି ହେଉନାହିଁ ଜବରୁ ! ଚାଲ, ଏଇ ବଗିଚାରେ ପତ୍ରଜାଳି ନିଆଁ ପୋଇଁବା । ଦେହ ଟିକିଏ ଉଷୁମ ହୋଇଗଲେ ଫେରି ଆସି ଶୋଇବା । ଏବେ ତ ରାତି ବହୁତ ଅଛି ।"

ଜବରା କୁଁ କୁଁ କରି ସମ୍ମତି ପ୍ରକାଶ କଲା ଏବଂ ଆଗେ ଆଗେ ବଗିଚା ଆଡ଼କୁ ଚାଲିଲା ।

ବଗିଚାରେ ଘନ ଘୋର ଅନ୍ଧକାର ବ୍ୟାପୀ ରହିଥାଏ । ସେହି ଅନ୍ଧକାର ମଧ୍ୟରେ ନିର୍ଦ୍ଦୟ ପବନ ପତ୍ରମାନଙ୍କୁ ବିଦଳିତ କରି ପ୍ରବାହିତ ହେଉଥାଏ । ବୃକ୍ଷମାନଙ୍କରୁ ଶିଶିର ବିନ୍ଦୁ ଟପ୍ ଟପ୍ କରି ତଳକୁ ଖସୁଥାଏ । ହଠାତ୍ ଏକ ଦମକା ପବନ ହେନା ଫୁଲର ସୁବାସ ନେଇ ବହିଗଲା ।

ହଲ୍‌କୁ କହିଲା—"ଜବରୁ କେମିତି ବଢ଼ିଆ ମହକ ? ତୋ ନାକକୁ ବାସୁଛି ?"

ଜବରିକୁ ଇତି ମଧ୍ୟରେ ଭୂମି ଉପରେ ପଡ଼ିଥିବା ଖଣ୍ଡେ ହାଡ଼ ମିଳି ଯାଇଥାଏ । ସେ ତାକୁ ଚୋବାଉଥାଏ ।

ହଲ୍‌କୁ ନିଆଁ ଲୁଣ୍ଠାଟି ତଳେ ଥୋଇ ଦେଇ ପତ୍ର ସାଉଣ୍ଟିଲା । ଅଳ୍ପ ସମୟ ମଧ୍ୟରେ ସେ ଗଦାଏ ପତ୍ର ଜମାଇ ଦେଲା । ହାତ ତାର କୋଲ ମାରି ଯାଉଥାଏ, ଖୋଲା ପାଦରେ ପ୍ରାୟ ଆଉ ଚେତନା ନଥାଏ । ଯେପରି ଶୀତକୁ ଜାଳିପୋଡ଼ି ଭସ୍ମ କରିଦେବାକୁ ସେ ପତ୍ରର ସ୍ତୂପ ସଜାଉ ଥାଏ ।

ଅଳ୍ପ ସମୟ ମଧ୍ୟରେ ଅଗ୍ନି ପ୍ରଜ୍ଜ୍ୱଳିତ ହେଲା । ଲେଲିହାନ ଅଗ୍ନି ଶିଖା ବୃକ୍ଷ ଶାଖାକୁ ସ୍ପର୍ଶ କଲା । ସେହି ଅସ୍ଥିର ଅଗ୍ନି ଶିଖାରେ ବଗିଚାର ସେହି ସୁବିଶାଳ ବୃକ୍ଷ ଗୁଡ଼ିକ ଅସୀମ ଅନ୍ଧକାରକୁ ଶିରରେ ଧାରଣ କଲାପରି ପ୍ରତୀୟମାନ ହେଉଥିଲା । ଅନ୍ଧକାରର ସେହି ଅନନ୍ତ ସାଗର ମଧ୍ୟରେ ସେହି ଅଗ୍ନିଶିଖା ଏକ ନୌକା ପରି ଇତସ୍ତତଃ ଦୋଳାୟମାନ ହେଉଥିଲା ।

ହଲ୍‌କୁ ନିଆଁ ପାଖରେ ବସି ଉଷ୍ଣତା ଅନୁଭବ କରୁଥାଏ । ଅଳ୍ପ ସମୟ ପରେ ସେ ଜବରିକୁ ଦେହରୁ କାଢ଼ି ଆଣି କାଖ ତଳେ ଜାକିଲା । "ଏଥର ଶୀତ ମୋର କ'ଣ କରିବ କରୁ"— କହି ଶୀତକୁ ବେଖାତିର କଲା ଭଳି ସେ ଗୋଡ଼ ଦୁଇଟିକୁ ପ୍ରସାରିତ

କରିଦେଲା । ଶୈତ୍ୟର ଅସୀମ ଶକ୍ତିକୁ ପରାଭୂତ କରିବା ଯୋଗୁଁ ସେ ଏହି ବିଜୟ ଗର୍ବକୁ ହୃଦୟରେ ଗୋପନ କରି ପାରୁ ନଥିଲା ।

ସେ ଜବରିକୁ କହିଲା—"କରେ ଜବରି, ଆଉତ ତତେ ଥଣ୍ଡା ଲାଗୁନାହିଁ ?"

ଜବରି କୁଁ କୁଁ କରିବା ଛଳରେ ସମ୍ଭବତଃ କହିଲା—"ମତେ କ'ଣ ସବୁବେଳେ ଥଣ୍ଡା ଲାଗୁଥିବ ?"

"ଏହି ଉପାୟଟାତ ଆମର ପ୍ରଥମରୁ ମନେ ନଥିଲା । ତା' କରିଥିଲେ ଥଣ୍ଡାରେ ଆମକୁ ଥରିବାକୁ ପଡ଼ି ନଥାନ୍ତା ।"

ଜବରି ପୁଚ୍ଛ ହଲାଇଲା ।

"ଆଚ୍ଛା ଏଥର ଆସ, ଏଇ ଧୂନିକୁ କୁଦା ମାରି ଡେଇଁବା । ଦେଖାଯାଉ କିଏ ଏହାକୁ ଡେଇଁ ପାରିବ । ମାତ୍ର ବେଟା, ତୋ ଦେହ ଯଦି ପୋଡ଼ିଯାଏ, ତେବେ ମୁଁ ତୋ ପାଇଁ ଔଷଧ କରିବି ନାହିଁ ।"

ଜବରି ଭୀତିପୂର୍ଣ୍ଣନୟନରେ ସେଇ ନିଆଁ ଆଡ଼କୁ କେବଳ ଚାହିଁଲା ।

"କାଲି ମୁନ୍ନୀକୁ ଏ କଥା କହିବୁ ନାହିଁ । ସେ ଏ କଥା ଶୁଣିଲେ ନିଶ୍ଚେ ମୋତେ ବକିବ ।"

ପା[illegible] ଏହା କହି ସେ କୁଦାମାରି ଧୂନି ଆରପାଖକୁ ଏକାଥରକେ ଡେଇଁ ପଡ଼ିଲା । ଜବରି ନିଆଁ ପାଖବାଟେ ଘୂରିଯାଇ ହଲ୍ଲୁ ପାଖରେ ଠିଆ ହେଲା ।

ସେ ହଲ୍ଲୁକୁ କହିଲା—"ଶୁଣ, ଶୁଣ । ତତେ ଡେଇଁ ଆସୁନାହିଁ । ହଉଛି, ତତେ ଏମିତି ଡେଇଁବାକୁ ପଡ଼ିବ ।" କହି ସେ ଆଉ ଥରେ କୁଦାମାରି ନିଆଁ ଆରପାଖକୁ ଡେଇଁଲା ।

—୪—

ପତ୍ର ସବୁ ଜଳି ଯାଇଥିଲା । ବଗିଚାଟି ପୁଣି ଅନ୍ଧକାରରେ ସଂପୂର୍ଣ୍ଣ ଆବୃତ ହୋଇଗଲା । ପାଉଁଶ ତଳେ କିଛି ଉତ୍ତାପ ବାକି ରହିଥାଏ । ଦମକା ପବନ ଦେଲାବେଳେ ସେ ସବୁ ହଠାତ୍ ଜୀବନ୍ତ ହୋଇ ଉଠୁଥାଏ ଓ ପର ମୁହୂର୍ତ୍ତରେ ପୁଣି ଆଖି ବନ୍ଦକରି ଦେଉଥାଏ ।

ହଲ୍‌କୁ ପୁଣି ଗୃହଦ୍ୱାରକୁ ଫେରିବା ଇଚ୍ଛା ହୋଇ ସେଇ ପାଉଁଶ ପାଖରେ ବସି ଗୁଣୁ ଗୁଣୁ କରି ଗୋଟିଏ ଗୀତ ଗାଇବାକୁ ଲାଗିଲା । ଦେହ ତା'ର ଉଷୁମ ହୋଇ ଯାଇଥାଏ । ମାତ୍ର ଯେତିକି ଶୀତ ବଢ଼ୁଥାଏ, ସେତିକି ଆଳସ୍ୟରେ ସେ ମାଡ଼ି ହୋଇ ପଡ଼ୁଥାଏ ।

ହଠାତ୍ ଜବର୍ ଜୋର୍‌ରେ ଭୁକି କ୍ଷେତ ଆଡ଼କୁ ଦୌଡ଼ି-ଗଲା । ହଲ୍‌କୁର ମନେ ହେଲା, ଦଳେ ପଶୁ ଯେମିତି ତା' କ୍ଷେତ ଭିତରେ ପଶିଛନ୍ତି । ସମ୍ଭବତଃ ସେଗୁଡ଼ାକ ନୀଳଗାଈ । ସେମାନଙ୍କ ଧାଇଁବାର ଶବ୍ଦ ତା' କାନକୁ ଶୁଭୁଥିଲା । ତା'ପରେ ମନେହେଲା— ସେମାନେ ଯେପରି ତା' କ୍ଷେତରେ ଚରୁଛନ୍ତି । ସେମାନେ ପାଟିରେ ଚୋବାଉଥିବା ଶବ୍ଦ ମଧ୍ୟ ସେ ଶୁଣି ପାରିଲା ।

ମନକୁ ମନ ସେ କହିଲା—ଜବର୍ ଥିବା ଯାଏ କୌଣସି ପ୍ରାଣୀ ତା' କ୍ଷେତ ଭିତରକୁ ଆସି ପାରିବ ନାହିଁ, ସେ ସେମାନଙ୍କୁ ମାରି ଛିକ୍ ଛିକ୍ କରି ଦେବ । ସମ୍ଭବତଃ ଏପରି ଶୁଣିବା[illegible] ଭ୍ରମ ହୋଇପାରେ । କାହିଁ ବର୍ତ୍ତମାନ ତ ଆଉ ସେପରି [illegible] ନାହିଁ । ମୁଁ ତାହାହେଲେ ନିଶ୍ଚୟ ଭୁଲ ଶୁଣିଛି । ସେ [illegible] ଡାକିବାକୁ ଲାଗିଲା—'ଜବର୍, ହେ ଜବର୍ ।'

ମାତ୍ର ଜବର୍ ହଲ୍‌କୁ ନିକଟକୁ ନଆସି ଭୁକି [illegible] ରହିଲା । ପୁନର୍ବାର କିଆରୀରେ କିଏ ସବୁ ଚରୁଥିବା ଭ[illegible]

ହେଲା । ଏହା ଆଉ ତା'ର ମନର ଭ୍ରମ ନୁହେଁ । ମାତ୍ର ଆପଣା ଜାଗାରୁ ଉଠିବା ତା' ପକ୍ଷେ ଅସମ୍ଭବ । ଏଠି କେତେ ଆରାମ, କେତେ ଉଷୁମ ! ଏଇ ହେମାଳ ଶୀତରେ ପ୍ରାଣୀମାନଙ୍କ ପଛେ ଧାଇଁବା ବିଷୟ ତା ପକ୍ଷେ ଅତ୍ୟନ୍ତ ବିରକ୍ତିକର ମନେ ହେଲା । ଆପଣା ସ୍ଥାନରୁ ସେ ଟିକିଏ ହେଲେ ବି ଚଙ୍କିଲା ନାହିଁ ।

ବଡ଼ ପାଟିରେ ସେ ଡାକ ପକାଇଲା—"ଭୁ-ଭୁ-ଭୁ !" ଜବରା ପୁନର୍ବାର ଭୁକିଲା । ପଶୁ ଗୁଡ଼ାକ ତା' କ୍ଷେତରେ ଚରି ଯାଉଛନ୍ତି । ଫସଲ ବର୍ତ୍ତମାନ ପାଚିଛି, ଫଳ ବି ଭଲ ହୋଇଛି । ଏଇ ପଶୁ ଗୁଡ଼ାକ ତାରି ସର୍ବନାଶ କରି ପକାଉଛନ୍ତି ।

ହାଲ୍କୁ ସେମାନଙ୍କୁ ଘଉଡ଼େଇବାକୁ ଦୃଢ଼ ପ୍ରତିଜ୍ଞ ହୋଇ ଉଠି ଠିଆ ହେଲା । ଆଗକୁ ପାଦେ ଦି ପାଦ ଅଗ୍ରସର ହେଲା । ମାତ୍ର ହଠାତ୍ ଦମକାଏ ହେମାଳ ପବନ ବିଛା କାମୁଡ଼ିଲା ଭଳି ତାର ହୃଦୟକୁ ବିଦ୍ଧ କରି ପକାଇଲା । ସେ ପୁନର୍ବାର ନିଭି ଆସୁଥିବା ନିଆଁ ପାଖକୁ ଫେରି ଆସିଲା । ଦେହକୁ ଉଷୁମ କରିବାଲାଗି ପାଉଁଶକୁ ଉଖାରି ଦେଲା ।

ଜବରା ଗଳା ଫଟାଇ ଭୁକୁଥାଏ । ନୀଳଗାଈ ଗୁଡ଼ାକ ତା' କିଆରୀକୁ ସଫା କରି ପକାଉଥାନ୍ତି । ମାତ୍ର ହାଲ୍କୁ ଗରମ ପାଉଁଶ ପାଖେ ଶାନ୍ତହୋଇ ବସି ରହିଲା । ଅକର୍ମଣ୍ୟତା ଦଉଡ଼ିପରି ତାକୁ ଯେପରି ଚାରିପଟୁ କଷିକରି ବାନ୍ଧି ପକାଇଥିଲା ।

ସେଇ ପାଉଁଶ ପାଖରେ ଗରମ ଭୂମି ଉପରେ ସେ ଚାଦରି ଘୋଡ଼ାଇ ହୋଇ ଶୋଇପଡ଼ିଲା ।

ସକାଳେ ତାର ନିଦ ଭାଙ୍ଗିଲାବେଳକୁ ଚାରିଆଡ଼େ ଝଲ୍ମଲ୍ ସୂର୍ଯ୍ୟାଲୋକ ପଡ଼ିଥାଏ । ମୁନ୍ନୀ ତାକୁ କହୁଥାଏ—"କଣ ଅ

ଶୋଇ ରହିଥିବ ! ଉଠିବ ନାହିଁ ? ତମେ ଏଠିକି ଆସି ଜାକ ଜୁକ ହୋଇ ଶୋଇଲ, ସେପଟେ କଆରିଟାଯାକ ନଷ୍ଟ ହୋଇଗଲାଣି ।"

ହଲ୍କୁ ଉଠିକରି କହିଲା—"କଣ ତୁ କଆରି ବାଟ ଦେଇ ଆସିଲୁ ?"

ମୁନ୍ନୀ କହିଲା—"ହଁ, କଆରିଟା ଯାକ ସତ୍ୟାନାଶ ହୋଇ ଯାଇଛି । ଭଲା ଏମିତି କିଏ ଶୁଏ ? ଏଠି ତୁମପାଇଁ ଗୋଟାଏ ଟୁଙ୍ଗି ତାହାହେଲେ କାହିଁକି କରିଥିଲେ ?"

ହଲ୍କୁ ଗୋଟାଏ ବାହାନା କରି କହିଲା—ତୁ ଖାଲି କ୍ଷେତ କଥା ଭାବୁଛୁ । କାଲି ରାତିରେ ମୋ ପେଟ ଯେମିତି ମୋଡ଼ି ମୋଡ଼ି ହେଲା, ସେ ଯେ କି କଷ୍ଟ ତା' ମୁଁ ଜାଣେ । ମୁଁ ଏକ ପ୍ରକାର ମରୁ ମରୁ ବଞ୍ଚିଗଲି ।"

ଦୁହେଁ ଯାଇ କଆରି ପାଖେ ପହଞ୍ଚିଲେ । ଦେଖାଗଲା, ସାରା କ୍ଷେତ ମାଡ଼ି ଦଳି ଏକାକାର ହୋଇ ଯାଇଛି । ଜବରା ଟୁଙ୍ଗି ତଳେ ଦେହରେ ପ୍ରାଣ ନ ଥିଲା ଭଳି ଚିତ୍ ହୋଇ ପଡ଼ିଛି ।

ଦୁହେଁ କଆରିକୁ ଚାହିଁ ରହିଲେ । ମୁନ୍ନୀ ମୁଖରେ ଦୁଃଖର ଛାୟା । ମାତ୍ର ହଲ୍କୁର ମୁହଁରେ ପ୍ରସନ୍ନତା । ମୁନ୍ନୀ ଚିନ୍ତିତ ହୋଇ କହିଲା—"ଆଉ ଉପାୟ ନାହିଁ; ଏଥର ମଜୁରି ଲାଗିଲେ ଖଜଣା ଦେବା ସମ୍ଭବ ।"

ହଲ୍କୁ ପ୍ରସନ୍ନ ମୁଖରେ କହିଲା—"ତା ହେଉ ପଛକେ, ରାତିରେ ଥଣ୍ଡାରେ ଏଠି ଶୋଇବାକୁ ତ ପଡ଼ିବ ନାହିଁ ।"

# କାଉଣ୍ଟ ଲିଓ ଟଲଷ୍ଟୟ

ପୃଥିବୀ ପ୍ରସିଦ୍ଧ ଔପନ୍ୟାସିକ ଓ କଥାକାର ଟଲଷ୍ଟୟ ୧୮୨୮ ମସିହାରେ ଋଷିଆର ୟାସନୟା ପୋଲ୍ୟାନା ଗ୍ରାମରେ ଏକ ଅତି ସମ୍ଭ୍ରାନ୍ତ ପରିବାରରେ ଭୂମିଷ୍ଠ ହୋଇଥିଲେ । ଶୈଶବରେ ତାଙ୍କର ପିତାମାତାଙ୍କ ମୃତ୍ୟୁ ହୋଇ ଥିଲା । ବୟଃପ୍ରାପ୍ତ ହେବା ପରେ ସେ କାଜାନ ବିଶ୍ୱବିଦ୍ୟାଳୟ ଓ ସେଣ୍ଟ ପିଟର୍ସବୁର୍ଗରେ ଅଧ୍ୟୟନ କରିଥିଲେ । ମାତ୍ର ଅମନୋଯୋଗୀ ଓ ବିଳାସପ୍ରିୟ ହେବା ଯୋଗୁ ସେ ସେଠାରୁ ଉପାଧି ଲାଭ କରିବାକୁ ସମର୍ଥ ହୋଇ ପାରି ନଥିଲେ ।

ତାପରେ ସେ କକେସସ୍ ଓ କ୍ରିମିୟା ଯୁଦ୍ଧରେ ସୈନ୍ୟ-ବାହିନୀରେ ଯୋଗ ଦେଇଥିଲେ । ଏହି ସମୟରୁ ତାଙ୍କର ସାହିତ୍ୟିକ ଜୀବନରେ ସୂତ୍ରପାତ ହୁଏ । ସୈନ୍ୟବିଭାଗ ପରିତ୍ୟାଗ କଲାପରେ ସେ ୟୁରୋପର ନାନା ସ୍ଥାନ ପରିଭ୍ରମଣ କରିଥିଲେ । ରୁଷିଆର ଦରିଦ୍ର ଭୂସ୍ୱତ୍ୱହୀନ କୃଷକ ମାନଙ୍କ ଦୁର୍ଦ୍ଦଶା ଦେଖି ସେ ଏହି ସମୟରେ ଅତ୍ୟନ୍ତ ଦୁଃଖିତ ହୋଇଥିଲେ । ତାପରେ ନିଜ ଜମିଦାରୀକୁ ଫେରିଯାଇ ଜମିଦାରୀର କୃଷକ ଓ ଶ୍ରମଜୀବୀ ମାନଙ୍କୁ ସ୍ୱାଧୀନତା ଅର୍ପଣ କରିଥିଲେ । କୃଷକ ମାନଙ୍କ ସନ୍ତାନ ଲାଗି ବାରଗୋଟି ବିଦ୍ୟାଳୟ ସ୍ଥାପନକରି ନିଜେ ଶିକ୍ଷକତା କରିବାକୁ ଲାଗିଲେ । ତାଙ୍କର ଶିକ୍ଷାଦାନ ପଦ୍ଧତି ମଧ୍ୟ ଥିଲା ଅଭିନବ । କୃଷକମାନଙ୍କୁ ଉନ୍ନତ କରିବାଲାଗି ସେ ବହୁତ ଚେଷ୍ଟା କରିଥିଲେହେଁ ଉପଯୁକ୍ତ କର୍ମୀର ଅଭାବ ଓ ଲୋକମାନଙ୍କ ଅସହଯୋଗ ଯୋଗୁଁ ତାଙ୍କୁ ଉକ୍ତ ବିଦ୍ୟାଳୟ ଗୁଡ଼ିକ ବନ୍ଦ କରିଦେବାକୁ ପଡ଼ିଥିଲା ।

ଚଉତିରିଶ ବର୍ଷ ବୟସରେ ସେ ସୋନ୍ୟା ନାମକ ଏକ ରୂପବତୀ ମହିଳାଙ୍କୁ ବିବାହ କରି ନିଜ ଜମିଦାରୀରେ ଅବସ୍ଥାନ କରିବାକୁ ଲାଗିଲେ । ତାଙ୍କର ଦାମ୍ପତ୍ୟ ଜୀବନ ସୁଖକର ହୋଇ-ଥିଲା ଏବଂ ସେ ନିର୍ଶ୍ଚିନ୍ତ ଭାବରେ ସାହିତ୍ୟ ରଚନାରେ ମନୋ-ନିବେଶ କରିଥିଲେ । ଏହି ସମୟରେ ସେ ରଚନା କରିଥିଲେ ପୃଥିବୀ ସାହିତ୍ୟର ଦୁଇଟି ଅବିନଶ୍ୱର ରଚନା ଯୁଦ୍ଧ ଓ ଶାନ୍ତି ( War and peace ) ଏବଂ ଅନାକାରେନିନା।

ଏହାପରେ ତାଙ୍କର ଜୀବନରେ ଭାବାନ୍ତର ଉପସ୍ଥିତ ହେଲା । ଜୀବନର ଲକ୍ଷ୍ୟ, ଆଦର୍ଶ, ଇତ୍ୟାଦି ବିଷୟ ଗମ୍ଭୀରଭାବେ ଚିନ୍ତାକରି ଅବଶେଷରେ ସେ ତାଙ୍କର ଜୀବନାଦର୍ଶ ଉପଲବ୍ଧି କରିପାରି-ଥିଲେ । ସଂସାରରେ ରହି ମଧ୍ଯ ସେ ଅନାଶକ୍ତ ଓ ସନ୍ୟାସୀ ଭଳି ତ୍ୟାଗ-ପୂତ ସରଳ ଜୀବନ ଯାପନ କରିବାକୁ ଲାଗିଲେ । ଏହି ସମୟରେ ଓ ଏହା ପରେ ସେ ଯାହା କିଛି ରଚନା କରିଥିଲେ, ତହିଁରେ ତାଙ୍କର ଜୀବନ ଦର୍ଶନ ଓ ନୈତିକ ଧାରଣା ପ୍ରତିଫଳିତ ହୋଇଥିଲା । ନିଜର ସମସ୍ତ ସମ୍ପତ୍ତି ସେ ପତ୍ନୀ ଓ ପୁତ୍ରକନ୍ୟାଙ୍କୁ ଅର୍ପଣ କରି ସାଧାରଣ କୃଷକ ଭାବେ ଜୀବନ ଯାପନ କରିବାକୁ ଲାଗିଲେ । କୃଷକର ପରିଧେୟ ପରିଧାନ କରି, କ୍ଷେତରେ କାମ କରିବାରେ ଲିପ୍ତ ରହିଥିଲେହେଁ, ଲେଖାଲେଖି କରିବାରୁ ବିରତ ହୋଇନଥିଲେ । ଏହି ସମୟରେହିଁ ସେ ରଚନା କରିଥିଲେ ତାଙ୍କର ସୁପ୍ରସିଦ୍ଧ ଗଳ୍ପ ଗୁଡ଼ିକ ।

୧୮୮୧ ରେ ସେ ସପରିବାର ଆସି ମସ୍କୋରେ ଅବସ୍ଥାନ କଲେ । ନଗର ନିବାସୀ କାରଖାନା ଶ୍ରମିକମାନଙ୍କ ଦୁର୍ଦ୍ଦଶା ତାଙ୍କୁ ଅତ୍ୟନ୍ତ ବ୍ୟଥିତ, ଓ ଚିନ୍ତିତ କରିଥିଲା । ଆପଣାର ସମୁଚ

ଆଦର୍ଶ ଓ ଉଦାର ନୈତିକ—ଧାରଣାକୁ ମଧ୍ୟ ତାଙ୍କ ପରିବାର ବର୍ଗ ସମର୍ଥନ କରୁନଥିବାରୁ ତାଙ୍କର କ୍ଷୋଭର ସୀମା ନଥିଲା । ଇତ୍ୟବସରରେ ସେ ନିଜର ସମସ୍ତ ସମ୍ପଦ ତ୍ୟାଗ କରି ତାଙ୍କର ପ୍ରକାଶିତ ପୁସ୍ତକାବଳୀକୁ ସର୍ବସାଧାରଣଙ୍କର ସମ୍ପତ୍ତି ବୋଲି ଘୋଷଣା କରିବାରୁ ତାଙ୍କୁ ସ୍ତ୍ରୀଙ୍କ ସହିତ ପ୍ରବଳ ଦ୍ୱନ୍ଦ୍ୱ ଓ ମତଭେଦର ସମ୍ମୁଖୀନ ହେବାକୁ ପଡ଼ିଲା । ନିଜର ସମ୍ପତ୍ତି ଓ ରଚନାବଳୀକୁ ସମ୍ପ୍ରଦାନ କରିବାରେ ସ୍ତ୍ରୀ ବାଧା ଦେଇଥିବାରୁ ସେ ତାଙ୍କୁ କ୍ଷମା କରି ପାରିନଥିଲେ । ପାରିବାରିକ ଜୀବନ କ୍ରମେ ତାଙ୍କୁ ଅସହ୍ୟ ମନେହେଲା ।

ଅବଶେଷରେ ସେ ଦିନେ ରାତିରେ ଗୃହତ୍ୟାଗକରି ଅଜ୍ଞାତ ସ୍ଥାନ ଉଦ୍ଦେଶ୍ୟରେ ଯାତ୍ରାକଲେ । ମାତ୍ର ପଥମଧ୍ୟରେ ସେ ହଠାତ୍ କଠିନ ପୀଡ଼ାଗ୍ରସ୍ତ ହୋଇପଡ଼ିଲେ । ରେଲରେ ଯାଉ ଯାଉ ତାଙ୍କର ଅସୁସ୍ଥତା ଆହୁରି ବଢିଗଲା । ଆସ୍ତା ପୋଭୋ ନାମକ ଏକ ରେଲ୍ ଷ୍ଟେସନରେ ୧୯୧୦ ମସିହା ନଭେମ୍ବର ୭ ତାରିଖଦିନ ୮୨ ବର୍ଷ ବୟସରେ ଏହି ଅମର କଥାକାରଙ୍କର ଦେହାନ୍ତ ହୋଇଥିଲା । ଆଧୁନିକ ସାହିତ୍ୟ ତଥା ଚିନ୍ତା ରାଜ୍ୟକୁ ତାଙ୍କପରି ପ୍ରଭାବିତ କରିଥିବା ବ୍ୟକ୍ତି ଜଗତରେ ବିରଳ । ସମାଜ ସମ୍ପର୍କୀୟ ତାଙ୍କର ଧାରଣା ପୃଥିବୀର ସକଳ ରାଜ୍ୟରେ ପ୍ରଭାବ ବିସ୍ତାର କରିଅଛି । ମହାତ୍ମା ଗାନ୍ଧି ମଧ୍ୟ ଟଲଷ୍ଟୟଙ୍କ ସାହିତ୍ୟ ତଥା ଆଦର୍ଶରେ ପ୍ରଭୂତ ଅନୁପ୍ରାଣିତ ହୋଇଥିଲେ ।

# ପ୍ରତିହିଂସା

ଗାଁରେ ସବୁଠାରୁ ଭଲରେ ଚଳୁଥିଲା ଆଇଭାନ । ଜାତରେ ସେ ଚଷା । ଦେହରେ ତାକତ ଥିଲାବେଳେ ଗାଁରେ ତା'ଭଳି କେହି କାମିକା ନଥିଲେ । ତା ସାଙ୍ଗକୁ ତାର ତିନୋଟି ପାରିଲା ପୁଅ । ତିନିହେଁ କାମକୁ ମଜବୁତ୍ । ବଡ଼ ପୁଅର ବାହାଘର ସରିଥାଏ । ମଝିଆଁ ପୁଅ ବାହା ହେବାକୁ ହୋଇଗଲାଣି । ସାନପୁଅ ଜମିବାଡ଼ି ଓ ଗୃହବାସ କାମ ଶିଖୁଛି । ଆଇଭାନର ସ୍ତ୍ରୀ ବି ଖୁବ କାମିକା ମଣିଷ । ବଡ଼ ବୋହୂଟି ମଧ୍ୟ ଭାରି ଶାନ୍ତଶିଷ୍ଟ ଓ ପରିଶ୍ରମୀ । ଏମିତି ସବୁପ୍ରକାରେ ଆଇଭାନ ଭଲରେ ଥାଏ ।

କେବଳ ଜଣେମାତ୍ର ଅକାମିକା ନପାରିଲା ଲୋକକୁ ଆଇ-ଭାନକୁ ପୋଷିବାକୁ ପଡୁଥିଲା । ସେ ହେଉଛି ଆଇଭାନର ବୁଢ଼ା ବାପା; ସାତ ବର୍ଷ ହେଲା ଶ୍ୱାସରୋଗ ଭୋଗି ଭୋଗି ସେ ବିଛଣା ଧରିଥାଏ । ତା ନହେଲେ, ଗୋରୁ, ଘୋଡ଼ା, ମେଣ୍ଢା ଯାହା କିଛି ଦରକାର ଆଇଭାନର ସବୁ ଥିଲା । ମାଇପେ ନିଜପରି ଘରଲାଗି ଲୁଗାପଟା ତିଆରି କରୁଥିଲେ, ଟୋକାଏ ସେହିପରି ଗୃହକାମ କରୁଥିଲେ । ବରଷକର ଆମଦାନି ଫସଲରେ ତାର ଦୁଇ ବର୍ଷ ଚଳି ଯାଉଥିଲା । ବଳକା ଫସଲ ବିକି ଖଜଣା ଓ ଅନ୍ୟ ଦରକାରି ଜିନିଷପତ୍ର କିଣୁଥିଲା । ଏମିତି ଆଇଭାନ ଓ ତା' ପରିବାର ହୁଏତ ଆନନ୍ଦରେ ସବୁଦିନ ଚଳି ପାରିଥାନ୍ତେ; ମାତ୍ର ଆଇଭାନର ପଡ଼ିଶା ଇଭାନୋଭିର ପୁଅ ଲିପଙ୍ଗ୍ ସଙ୍ଗେ ଖୁବ୍ କଳିଗୋଳ ଲାଗିବାରୁ ତାହା ହୋଇପାରିଲା ନାହିଁ ।

ଏଇ ଦୁଇ ପଡ଼ିଶାଘର ଭିତରେ ଆଗରୁ ଖୁବ୍ ଭଲ ପଡୁଥିଲା । ଦରକାର ପଡ଼ିଲେ ଏ ଘର ମାଇପେ ଯେପରି ସେପାଖ

ପଡ଼ିଶା ଘରୁ ଗୃହଲୁଣୀ କି ଲେଣ୍ଠା ଆଣୁଥିଲେ, ମିଣିପେ ଦ୍ରସବ୍ୱପର ଶଗଡ଼ ଚକ ଭାଙ୍ଗିଗଲେ ବା ବନ୍ଧାବନ୍ଧ ପାଇଁ ବସ୍ତା ଦରକାର ହେଲେ, ପଡ଼ିଶା ଘରୁ ଯାଇ ନେଇ ଆସୁଥିଲେ । ଏମିତି ଦରକାର ବେଳେ ଏଘର ସେଘରକୁ ସାହାଯ୍ୟ କରୁଥିଲା । ପଡ଼ିଶାଘର ଗୋରୁ ନିଜ ଫସଲ ଖାଉଛି ଦେଖିଲେ, ସଙ୍ଗେ ସଙ୍ଗେ ତାକୁ ଅଡ଼େଇ ଆଣୁଥିଲେ । ଇଚ୍ଛା ହେଲେ ଖାଲି କହୁଥିଲେ—ଗୋରୁ ଗାଈ ଆଉ ଛାଡ଼ନା, ଆମର ଫସଲ ହୋଇଛି ଯେ । ଖଳାବାଡ଼ି ବନ୍ଦ ରଖିବା, ଜଣକ ଜିନିଷ ଅନ୍ୟକୁ ନଦେଖାଇ ଲୁଚାଇ ରଖିବା କିମ୍ବା ପଛରେ କାହାକୁ ଗାଳିଦେବା ପ୍ରଭୃତି ଏଇ ଦୁଇ ପରିବାର ମଧ୍ୟରେ ସେବେ ଆଦୌ ନଥିଲା ।

ଏତ ଗଲା ଦୁଇ ପରିବାରର ବୁଢ଼ାବାପାଙ୍କ ଅମଳର କଥା । କିନ୍ତୁ ପିଲାଏ ଯେଉଁଦିନଠୁ ଘରର ମୁରବି ହେଲେ, ସେଇଦିନୁ ସବୁ ବଦଳିଗଲା । ଛୋଟ ଛୋଟ କଥାରୁ ପ୍ରଥମେ ଗୋଳମାଳ ଆରମ୍ଭ ହେଲା । ଆଇଭାଇର ବଡ଼ ବୋହୂ ଗୋଟିଏ କୁକୁଡ଼ା ପାଳିଥିଲା । କୁକୁଡ଼ାଟି ଢିଙ୍କିଶାଳ ପାଖରେ ସବୁଦିନେ ଡିମ୍ବ ଦେଉଥାଏ । ଦିନେ ବୋଧହୁଏ ପିଲାଏ ହୁରୁଡ଼େଇବାରୁ କୁକୁଡ଼ାଟି ପଡ଼ିଶା ଘରଆଡ଼େ କେଉଁଠି ଡିମ୍ବ ଦେଇ ଆସିଲା । ଆଇଭାଇ ବୋହୂ ଏସବୁ ଜାଣେନା । କାମରେ ଲାଗିଥିଲା, ମନେମନେ ଭାବିଲା ଏବେକତ ଫୁରୁସତ ନାହିଁ, ପରେ ଯାଇ ଡିମ୍ବଟି ଢିଙ୍କିଶାଳରୁ ନେଇ ଆସିବ । ମାତ୍ର ସନ୍ଧ୍ୟାବେଳକୁ ଡିମ୍ବଟି ସେଠାରେ ନଦେଖି ଶାଶୁ ଦିଅର ସମସ୍ତଙ୍କୁ ପଚାରିଲା । କେହି ନେଇନାହାନ୍ତି । ସବା ସାନ ଦିଅର କହିଲା,—ସକାଳେ ସେ ଦେଖିଛି କୁକୁଡ଼ା ବାଡ଼ ଡେଇଁ ଲପଙ୍କ ଘରକୁ ଯାଇଥିଲା । ସେଇଠି ସେ ନିଶ୍ଚେ ଡିମ୍ବ ଦେଇଛି ।

ବଡ଼ବୋହୁ ତାଙ୍କ ଘରକୁ ଗଲା ! ଲପଙ୍ଗ ମା ତାକୁ ଦେଖି ପଗ୍ଚାରିଲା—"ବଡ଼ବୋହୁ କଣ ଖୋଜୁଛ ?"

"ଏଇ ଆମ କୁକୁଡ଼ାଟା ଆଜି ସକାଳେ ଏଣେ ପଳାଇ ଆସିଥିଲା, ଏଠି ଡ଼ମ୍ବ ଦେଇନାହିଁ ?"

"କେଜାଣି ଆମେ ଦେଖିନୁ । ଆମ କୁକୁଡ଼ାତ କେଉଁଦିନୁ ଡ଼ମ୍ବ ଦେଉଛନ୍ତି । ଆମଘରେ ତ ଅଠିଲ ଡ଼ମ୍ବ । ଆମେ କାହିଁକି ପର ଡ଼ମ୍ବ ଲୁଚେଇକରି ଆଣିବାକୁ ଯିବୁ ? ଆମେ ସବୁ ସେମିତି ନୋହୁଁ ।

ଆଇଭାନ ବୋହୁ ଟିକଏ ରାଗିଗଲା । ସେ ବ ଦ'ପଦ କଡ଼ାକଥା ଶୁଣାଇଦେଲା । ଏହାପରେ ଦୁଇଜଣଙ୍କର ଝୁବ୍ କଳି ଲାଗିଲା । ଆଇଭାନ ସ୍ତ୍ରୀ ସେତେବେଳେ ପାଣି ଆଣିବାକୁ ଯାଇ-ଥିଲା । ସେ ମଧ୍ୟ ଆସି କଳିରେ ଯୋଗଦେଲା । ଘର ଭିତର ଲପଙ୍ଗ ସ୍ତ୍ରୀ ମଧ୍ୟ ଧାଇଁଆସି ସତ ମିଛକରି ଗୁଡ଼ାଏ ବକିଗଲା । ଶେଷକୁ ସମସ୍ତେ ଏକାଠି ହୋଇ ପ୍ରତ୍ୟେକେ ଘୋର ଚିତ୍କାର ଓ ଗାଳିଫଜିତ କରିବାକୁ ଲାଗିଲେ । ଖାଲି, "ତୁ ଚୋର, ତୁ ଅମୁକ, ତୁ ସମୁକ, ତୁ ପୁରା ବଦମାସ, ଶ୍ୱଶୁରକୁ ଖାଇବାକୁ ନଦେଇ ତୁ ମାରିବାକୁ ବସିଛୁ, ସେ ଦିନ ଆମ ଗ୍ଚଲୁଣୀଟା ନେଇ ତୁ ଫଟେଇ ଦେଇଛୁ, ଆମ କୁଆଳୀଟା ନେଇ ଏବେ ବ ତମେ ଗୃଷ କରୁଛ" —ଏମିତି ଅନେକ ପ୍ରକାର କଥ୍ୟ, ଅକଥ୍ୟ, ଗାଳି ଉଭୟପକ୍ଷରୁ ଆରମ୍ଭ ହେଲା ।

କୁଆଳୀଟା ଧରି ଶେଷକୁ ଟଣାଟଣି ଆରମ୍ଭ ହେଲା । ଜଣେ କିଏ ଗୁଡ଼ାଏ ପାଣି ସମସ୍ତଙ୍କ ଉପରେ ଢାଳିଦେଲା । ଶେଷକୁ, ଲୁଗାପଟା ଛିଣ୍ଡା ଛିଣ୍ଡି ହୋଇ ରୀତିମତ ମରାମରି ଆରମ୍ଭ ହୋଇ ଗଲା । ଲପଙ୍ଗ ବଲରୁ ଫେରି ସ୍ତ୍ରୀ ସଙ୍ଗରେ ମିଶି କଳିରେ ଯୋଗ

ଦେଲା । ଆଇଭାନ ଓ ତା ପୁଅମାନେ ବି ଆସି କଳଗୋଳରେ ଯୋଗ ଦେଲେ । ଆଇଭାନ ଖୁବ୍ ବଳୁଆ । ସମସ୍ତଙ୍କୁ ଠେଲି ଫୋପାଡ଼ିଦେଇ ସେ ଲିପଙ୍ଗର ଦାଢ଼ୀ ଟାଣି ଟାଣି ସେଥିରୁ ଗୋଛାଏ ଛିଣ୍ଡାଇ ପକାଇଲା । "ହୋ ହୋ" ପାଟିତୁଣ୍ଡ ଶୁଣି ଘରଆଡ଼ୁ ଲୋକ ଜମିଗଲେ । ବହୁ କଷ୍ଟରେ ସେମାନଙ୍କୁ ଛଡ଼େଇ ଦେଲେ ।

ଏହିପରି ଭାବରେ ବିବାଦର ସୂତ୍ରପାତ ହେଲା । ଲିପଙ୍ଗ ନିଜ ଛିଣ୍ଡା ଦାଢ଼ି ଗୋଛାକ କାଗଜରେ ଭଲକରି ଗୁଡ଼ାଇ କଚେରୀକୁ ବାହାରିଲା । କହିଲା—ମୁଁ ତା ନାଁରେ ମକଦ୍ଦମା କରିବି । ଆଇଭାନ ଛିଣ୍ଡେଇବ ବୋଲିତ ମୁଁ ଦାଢ଼ୀ ରଖିନଥିଲି । ଆଇଭାନ ସ୍ତ୍ରୀ ପାଖ ପଡ଼ିଶା ସମସ୍ତଙ୍କ ଆଗରେ ଦମ୍ଭରେ କହି ବୁଲିଲା— ଚକ୍ରାନ୍ତ କରି ଏମାନେ ଆଇଭାନକୁ ସାଇବେରିଆ ପଠାଇବାକୁ ବସିବାରୁ ତ ଏତେ କଥା ହେଲା ।

ଆଇଭାନର ଅଚଳ ବୁଢ଼ାବାପ ପ୍ରଥମରୁ ଏମାନଙ୍କ ଭିତରେ ମିଳାମିଶା କରାଇ ଦେବାକୁ ଖୁବ୍ ଚେଷ୍ଟାକଲା । କିନ୍ତୁ କେହି ତା କଥା ଶୁଣିଲେ ନାହିଁ । ବୁଢ଼ା ବସି ବସି କହୁଥାଏ - ଏଡ଼େ ବୋକା ତମେ ସବୁ । ଏଇ ଗୋଟାଏ ସାମାନ୍ୟ କଥାରେ ତମେ ଏତେଦୂର ଚାଲିଯାଉଛ ! ଭାବିଲ ଦେଖି, ଗୋଟାଏ ବୋଲି ଡିମ୍ବ, ପିଲାଏ ହୁଏତ ସେଇଟା ନେଇ ଖାଇଦେଇ ପାରିଥାନ୍ତି । ଗୋଟାଏ ଡିମ୍ବର ବା ଦାମ କେତେ ? ଭଗବାନ ସମସ୍ତଙ୍କୁ ଯଥେଷ୍ଟ ଦେଇଛନ୍ତି । ହଁ ପୁଅ କଣ ହେଉନ । ମନେକର ପଡ଼ିଶାଘର ଲୋକେ ତମକୁ କଣ ହୁଡ଼ିକରି ବା ଅପଦ କହିଛନ୍ତି । କିପରି ଭଲ କଥା କହିବାକୁ ହୁଏ, ସେଇଆ କହି ଦେଖାଇ ଦିଅ । ତା' ନ କଲି ଯଦି ଏହା ଯୋଗୁ ମସ୍ତମର ହୋଇଥିଅ ତ ଏମିତି ଆଜି କେତେଥର ହବ । ବୁଝିଲେ, ଆମେ ସମସ୍ତେହିଁ ଏଥିରେ ଦୋଷୀ । ହେଉ ଏଥର

ଚେଷ୍ଟା କର, ଆଉ ଯେପରି କେବେ ଏପରି ନଘଟେ । କିନ୍ତୁ ଯଦି ଏ ବିଷୟରେ ମନରେ ହିଂସା କି ରାଗ କରିଥାଅ, ତେବେ ଅବସ୍ଥା ଭାରି ଖରାପ ହେବ ।

ଟୋକା ଆଇଭାନ ମନକୁ ବୁଢ଼ା କଥାଗୁଡ଼ାକ ପାଇଲା ନାହିଁ । ବୁଢ଼ା କଥା କାହିଁକି ଶୁଣିବ ? କ'ଣଗୁଡ଼ାଏ ବାଉଳା ହେଉଛନ୍ତି ସେ । କୌଣସିମତେ ଦୋଷ ମାନିଯାଇ ନିଜକୁ ପ୍ରତିବେଶୀ ପାଖରେ ଛୋଟ କରାଇବାକୁ ସେ ରାଜି ହେଲାନାହିଁ । ଓଲଟି କହିଲା—ମୁଁ ତା ଚୁଟି ଛିଣ୍ଡାଇ ନାହିଁ । ସେ ନିଜେ ତା ଚୁଟି ଛିଣ୍ଡାଇଛି । ବରଂ ହେଲେ ଦେଖ ତା ବଦମାସ ପୁଅ କିପରି ମୋ କାମିଜଟା ଝିଙ୍କ ଛିଣ୍ଡାଇ ପକାଇଛି ।

ଆଇଭାନ ମକଦ୍ଦମା କରିବାକୁ ଗଲା । ସରକାରୀ କଚେରୀରେ ମକଦ୍ଦମା ଦାଏର ହେଲା । ଏହା ଭିତରେ ଦିନେ ଲିପଙ୍ଗ ଶଗଡ଼ରୁ ଅନକଲୀଟି କିଏ ଚୋରାଇ ନେଲା । ତା' ଘର ମାଇପେ ଆଇଭାନ ପିଲାଙ୍କୁ ଚୋର ବୋଲି ସ୍ଥିର କଲେ । କହିଲେ—ଆମ ଝରକା ପାଖ ଦେଇ ସେଦିନ ତାକୁ ଆମେ ଘରଆଡ଼େ ଯାଉଥିବାର ଦେଖିଛୁ । ଜଣେ ଲୋକ ବି କହୁଛି—"ଅନକଲୀଟାକୁ ସେ ଆଉ ଜଣକୁ ଦେଉଥିଲାବେଳେ ନିଜେ ଦେଖିଛି ।" ଏହା ନେଇ ପୁଣି ମକଦ୍ଦମା ଦାଏର ହେଲା । ଏଣେ ଏପରି ଦିନୁଟାଏ ଯାଏନା, ଯେଉଁଦିନ ଏଇ ଦୁଇ ପଡ଼ିଶା ଘର ମଧ୍ୟରେ କଳିଗୋଳ ବା ମରାମରି ନହୁଏ । ଏସବୁ ଆଖି ଆଗରେ ଦେଖି ଶୁଣି, ସେମାନଙ୍କର ପିଲାମାନେ ବି ବଡ଼ବଡ଼ଆଙ୍କ ଠାରୁ ଶିଖି କଳିଗୋଳ କରିବାକୁ ଲାଗିଲେ । ନଈକୂଳେ ବାସନ ମାଜିବାକୁ ଯାଇ ଦୁଇ ଘରର ମାଇପି ମହଲରେ ମଧ୍ୟ ସେଇ କଳି ତକରାଳ ।

ଏହିପରି ଏଇ ଦୁଇ ଗୃଷୀ ପରିବାର ମଧ୍ୟରେ ଥିବା ମୌଳିକ ବିବାଦ କ୍ରମେ ଗୁରୁତର ହେଲା । ଜଣେ ଆଉଜଣଙ୍କର କିଛି ଗୋଟାଏ ଭଲ ଜିନିଷ ଦେଖିଲେ, ତାକୁ ମରାମରି କରି ଛଡ଼ାଇ ନେବାକୁ ଆରମ୍ଭ କଲେ । ସେମାନଙ୍କ ପିଲାମାନେ ବି ଦେଖି ଶିଖି ସେଇପରି କଲେ । ଦୁଇ ପରିବାର ପକ୍ଷରେ ସେଠାରେ ଘରକରି ଚଳାଚଳ ହେବା ଅସମ୍ଭବ ମନେହେଲା । ଗାଁ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା କଚେରୀ ପର୍ଯ୍ୟନ୍ତ ସବୁଠି ଏମାନଙ୍କ ନୂଆ ନୂଆ ମାମଲା ପ୍ରତିଦିନ ଆରମ୍ଭ ହେଲା । ଶେଷକୁ ବିଚାରକମାନେ ବି ଏଇମାନଙ୍କ ସମ୍ପର୍କରେ ଖୁବ୍ ବିରକ୍ତ ହୋଇ ପଡ଼ିଲେ । ଥରେ ଆଇଭାନକୁ ଜରିମାନା କି ଜେଲ ହେଲା ତ, ଆଉ ଥରକୁ ଲିପଙ୍ଗକୁ ଜେଲ୍ ବା ଜରିମାନା ହୋଇଗଲା । କଳି କରୁଥିବା କୁକୁରଯେପରି ଯେତିକି ବେଶୀ ବେଳଯାଏ କଳି କରନ୍ତି, ସେତିକି ବେଶୀ ଭୟଙ୍କର ହୁଅନ୍ତି, ସେଇପରି ଏମାନେ ଯେତିକି ମକଦ୍ଦମା ଲଗାଇଲେ ସେତିକି ଜଣକ ଉପରେ ଆଉ ଜଣକ ରାଗ ବଢ଼ିବାକୁ ଲାଗିଲା । ଏମିତି ଛଅ ବର୍ଷଯାଏ ମକଦ୍ଦମା ଚାଲିଲା । ଆଇଭାନର ବୁଢ଼ା ବାପ କହି ଲାଗିଥାଏ—ପିଲାଏ ଏସବୁ ଛାଡ଼ ପୁଣି ଯେଝା କାମରେ ଲାଗ, ତମର ମଙ୍ଗଳ ହେବ । କିନ୍ତୁ ତା କଥା କେହି ଶୁଣିଲେ ନାହିଁ ।

ସାତବର୍ଷ ପରେ ଦିନେ ଆଇଭାନର ବଡ଼ବୋହୂ ଜଣକ ଘରକୁ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲା । ସେଠାରେ ସେ ଲିପଙ୍ଗକୁ 'ଘୋଡ଼ାଚୋର ଧରା ପଡ଼ିଛି' କହି ଗାଳିଦେଲା । ଏତେ ବଡ଼ ଅପମାନ-ଜନକ କଥାରେ ଲିପଙ୍ଗ ରାଗରେ ନିଜକୁ ସମ୍ଭାଳି ପାରିଲା ନାହିଁ । ସେତେବେଳକୁ ବଡ଼ ବୋହୂ ଗର୍ଭବତୀ ।

ଲପଙ୍ଗ ତାକୁ ଏପରି ଧକ୍କାଏ ଦେଲା ଯେ ସାତଦିନ ଯାଏ ସେ ବିଛଣାରୁ ଉଠି ପାରିଲା ନାହିଁ । ଆଇଭାନ ଏଥିରେ ଭାରି ଖୁସି, ମାଜିଷ୍ଟ୍ରେଟଙ୍କ ପାଖରେ ନାଲିଶ କରିବାକୁ ସେ ଚାଲିଗଲା । ମନେମନେ କହୁଥାଏ—ଠିକ ହୋଇଅଛି, ଏଇଥର ଏଇଟା ଏଠୁ ଗଲେ ମୁଁ ନିଶ୍ୱାସ ମାରିବି । ଏଥର ଲପଙ୍ଗକୁ ଜେଲ ହୋଇଯିବ ନୋହିଲେ ସାଇବେରିଆକୁ ସବୁଦିନ ପାଇଁ ବନ୍ଦହୋଇ ଯିବ ।

କିନ୍ତୁ ଆଇଭାନ ଯାହା ଭାବିଥିଲା, ତା ହୋଇପାରିଲା ନାହିଁ । ମାଜିଷ୍ଟ୍ରେଟ ମକଦ୍ଦମାଟାକୁ ଡିସ୍‌ମିସ୍ କରିଦେଲେ । ବଡ଼ବୋହୂକୁ ପରୀକ୍ଷା କରି ମଧ୍ୟ ତା ଦେହରେ ମାଡ଼ ଦାଗସବୁ ଦେଖି ପାରିଲେ ନାହିଁ । ଆଇଭାନ ହାଇକୋର୍ଟରେ ଲଢ଼ିଲା । ବିଚାରପତି ଜିଲ୍ଲା କଚେରୀ ବିଚାରକୁ କାୟେମ ରଖିଲେ । ଆଇଭାନ କିନ୍ତୁ ଏତିକିରେ ଦବି ନଯାଇ ଅନ୍ୟ ଚେଷ୍ଟା କଲା । ପେସକାରକୁ ଲାଞ୍ଚ ଦେଇ ଲପଙ୍ଗକୁ କୋଡ଼ିଏ ପାହାର ଚାବୁକ ଦଣ୍ଡାଦେଶ କରାଇ ଦେଲା ।

ପେଶକାର ରାୟ ପଢ଼ି ଶୁଣାଇଲେ । ଏ କଥା ଶୁଣି ଲପଙ୍ଗର ଅବସ୍ଥା କିପରି ହେବ ଦେଖିବାକୁ ଆଇଭାନ ତା ମୁହଁକୁ ଅନାଇଲା । ଲପଙ୍ଗମୁହଁଟା ଚୁହଁ ୨ ବାଲି କାଗଜଭଳି ଫିକା ପଡ଼ିଗଲା । ସେ ଧୀରେ ଧୀରେ ବାହାରକୁ ଚାଲି ଆସିଲା । ଲପଙ୍ଗ କହୁଥାଏ,—"ଆଚ୍ଛା ମତେ ବେତମାଡ଼ ଦିଆଇଲୁ, ହଉ, ମୋ ପିଠି ତ ଜଳିବ, କିନ୍ତୁ ତୋର ଏମିତି ଜିନିଷ ଜଳିବ ଯାହାଯୋଗୁ ତୁ ସବୁଦିନ କାନ୍ଦୁଥିବୁ ।" ଆଇଭାନ ତା' ପଛେ ପଛେ ଆସୁ ଆସୁ ଏକଥା ଶୁଣି ସଙ୍ଗେ ସଙ୍ଗେ କଚେରୀ ଭିତରକୁ ଧାଇଁ ଆସିଲା । ବିଚାରକଙ୍କୁ କହିଲା—ହଜୁର ଲପଙ୍ଗ ମୋ ଘରେ ନିଆଁ ଲଗାଇ ଦେବାକୁ କହୁଛି । ମୋ କଥାର ସାକ୍ଷୀ, ପ୍ରମାଣ ଅଛି, ଏକଥା ଅନେକେ ଶୁଣିଛନ୍ତି !

ଲିପଙ୍ଗଙ୍କୁ ଡକାଇ ଜଜ୍ ପଚାରିଲେ—ଏସବୁ କଥା ସତକି ତୁମେ କହୁଛ ?

"ମୁଁ କିଛି କହିନି । ଆପଣଙ୍କ କ୍ଷମତା ଅଛି, ମତେ ମାରନ୍ତୁ । ମୁଁ ସତ୍ୟରେ ରହିବାରୁ ଦଣ୍ଡ ପାଇବି, ଆଉ ଏମାନେ ମନଖୁସି ମୋ ଉପରେ ଅତ୍ୟାଚାର କରିଯିବେ । ଏଇଆ ତ ବୁଝାମଣା !" ଲିପଙ୍ଗ ଆଉ କିଛି କହିପାରିଲା ନାହିଁ । ତାର ଦେହ ଓ ମୁହଁ କଂପୁଥାଏ । କାନ୍ଥ ଆଡ଼କୁ ମୁହଁ କରି ସେ ଠିଆ ହୋଇ ରହିଲା । ତାର ଚାହାଣୀ ଓ ମୁଖ ଭଂଗି ଦେଖି କଚେରୀ ଲୋକେ ବିପଦ ଗଣିଲେ । ଭାବିଲେ, ଏ ନିଶ୍ଚେ ତା ନଜର ବା ଆଇଭାନର ବିପତ୍ତି ଘଟେଇବ ।

ବିଚାରକ କହିଲେ—ଶୁଣ ଲିଙ୍ଗେ, ଟିକିଏ ଧୀରଭାବେ କଥାଟା ଭାବିକି ଦେଖ । ଜଣେ ଗର୍ଭିଣୀ ସ୍ତ୍ରୀଲୋକକୁ ଏପରିଭାବେ ମାରିବାଟା କଣ ଭଲ କାମ ? ସୌଭାଗ୍ୟର କଥା ଯେ ତା'ର କିଛି ହୋଇନାହିଁ । ଏଥିପାଇଁ ତମେ ବରଂ ତା ପାଖେ କ୍ଷମା ପ୍ରାର୍ଥନା କରିବା କଥା । ତମେ ଦୋଷ ମାନିଗଲେ ସେ ତମକୁ କ୍ଷମା କରିବ । ଆମେ ରାୟ ବଦଳାଇ ଦେବୁ ।

ପେଶ୍କାର ଏକଥା ଶୁଣି କହିପକାଇଲା—ଆଇନ ଅନୁଯାୟୀ ରାୟ ବଦଳା ଯାଇ ନପାରେ । ଯାହା ବିଚାରରେ ସ୍ଥିର ହୋଇଛି ତାହାହିଁ ରହିବା କଥା । ଜଜ୍ କହିଲେ—"ତମେ ନୀରବ ହୁଅ । ଈଶ୍ୱରଙ୍କୁ ମାନିବା ହେଉଚି ସବୁଠୁଁ ବଡ଼ ଆଇନ; ଶାନ୍ତି ସ୍ଥାପନହିଁ ତାଙ୍କର ଏକାନ୍ତ ଇଚ୍ଛା ।" ମିଳାମିଶା କରିଦେବାକୁ ସେ ଖୁବ ଚେଷ୍ଟା କଲେ । କିନ୍ତୁ ଲିପଙ୍ଗ ତାଙ୍କ କଥା ଶୁଣିଲାନାହିଁ । କହିଲା,—"ଆସନ୍ତା ବର୍ଷକୁ ମୋ ବୟସ ହବ ପଚାଶ । ପୁଅ ମୋର ବାହା-ହବ । ଆଜିଯାଏ ଜୀବନରେ ମୁଁ କେବେ ଚାବୁକ୍ ଖାଇନି । ଅଇ

ଲାଇଭାନ ମତେ ଗୃବୁକ ଦଆଉଛନ୍ତି ବୋଲି ମୁଁ ତା ପାଖେ କ୍ଷମା ମାଗିବାକୁ ଯିବି । ଏହା କେବେ ମୋ ଦ୍ୱାରା ହେବନି । ମୁଁ ଖୁବ୍ ସହିଛି, ଏଥର ସେ ମୋଠୁଁ ଯାହା ପାଇବ ତା ସବୁଦିନ ମନେ ରଖିଥିବ ।” କହୁ କହୁ ଲିପଙ୍ଗର ସ୍ୱର କମ୍ପିଉଠିଲା । ସେ ଆଉ କିଛି କହି ନପାରି ବାହାରି ଗ୍ଲଲଗଲା ।

ସେମାନଙ୍କ ଗାଁ କଚେରୀଠାରୁ ସାତ ମାଇଲ ଦୂର । ଆଇଭାନ ଖୁବ୍ ଡେରିରେ ଘରେ ପହଞ୍ଚିଲା । ଘୋଡ଼ାସାଜ ଖୋଲିଦେଇ ତାକୁ ବାନ୍ଧି ଘର ଭିତରକୁ ଗଲା । ଦେଖିଲା, ଘରେ କେହି ନାହାନ୍ତି । ପିଲାଏ କେହି ବିଲରୁ ଫେରି ନଥାନ୍ତି । ମାଇପେ ଗୋରୁଗାଈ ଆଣିବାକୁ ଯାଇଥାନ୍ତି । ବସିବସି ଆଇଭାନ ଭାବୁଥାଏ—କପରି ବାପ୍ସ ଶୁଣୁ ଶୁଣୁ ଲିପଙ୍ଗ ମୁହଁଟା ଶୁଖି କଳାକାଠ ପଡ଼ିଗଲା, କାନ୍ଥ ଆଡ଼କୁ ଅନାଇ ରହିଲା—ଇତ୍ୟାଦି । ଗୋଟିଗୋଟି କରି ସବୁକଥା ତାର ମନେ ପଡ଼ିଗଲା । ମନଟା ତାର ଉଦାସ ହୋଇଗଲା । ନିଜକୁ ସେହିପରି ଦଣ୍ଡ ମିଳିଲେ ତା ମନଟା କଣ ହୁଅନ୍ତା ଭାବି, ଲିପଙ୍ଗ ପ୍ରତି ତା'ର ଖୁବ୍ ଦୟା ହେଲା । ଏତିକିବେଳେ ତାର ଶଯ୍ୟାଶାୟୀ ବୁଢ଼ାବାପ କାଶିବାକୁ ଲାଗିଲା । ବୁଢ଼ା ଘୁଷୁରି ଘୁଷୁରି ଆସି ତାର ପାଖରେ ବସିଲା । କାଶିସାରି ଟିକିଏ ସଫା ଗଳାରେ ପଚାରିଲା— “ହଇରେ ତାକୁ କି ଦଣ୍ଡ ମିଳିଲା ?”

ଆଇଭାନ କହିଲା—ହଁ, କୋଡ଼ିଏ ଗୃବୁକ ମାଡ଼ ।

ବୁଢ଼ା ମୁଣ୍ଡ ହଲାଇ କହି ଉଠିଲା—ଏଇଟା ଅତି ଖରାପ କଥା; ତୁ ବଡ଼ ଅନ୍ୟାୟ କରୁଛୁ ଆଇଭାନ । ତା' ଅପେକ୍ଷା ତୁ ବେଶୀ ଦୋଷୀ । ଆଚ୍ଛା, ସେ'ତ ଗୃବୁକ ଖାଇବ, ସେଥିରେ ଭଲା ତୋର କଣ ଲାଭ ହେବ ?

ଆଇଭାନ କହିଲା—ଆଉ ଦିନେ ସେ ଏମିତି କାମ କରିବ ନାହିଁ ।

"ସେ କାହିଁକି ଭଲ। ନକରିବ ? ତୋ'ଠୁ ଅଧିକା ବା ସେ କି କାମ କରିଛି ?"

"ଭାବି ଦେଖ, ସେ ମୋର କି ଅନିଷ୍ଟ ନ କରିଛି । ବଡ଼-ବୋହୂକୁ ତ ସେ ମାରି ପକାଇଥିଲା । ଏଇନେ ତ ଆମ ଘରେ ନିଆଁ ଲଗାଇବାକୁ ଚାହିଁଛି, ଏଥିପାଇଁ ତାକୁ ସାହା ଦିଅ ନକଲେ !

ଦୀର୍ଘ ନିଶ୍ୱାସଟିଏ ପକାଇ ବୁଢ଼ା କହିଲା—ଆଇଭାନ ମୁଁ କେତେବର୍ଷ ହେଲା ଶେଯ ଧରିଲଣି, ଆଉ ଉଠି ପାରୁନି । ତୋ ଦେହରେ ଏଇନେ ବଳ ଅଛି; ତୁ ସବୁଆଡ଼େ ଯାଆସ କରିପାରୁଛୁ ବୋଲି ଭାବୁଛୁ ଯେ ତୁ ସବୁ କଥା ଜାଣିପାରୁଛୁ । ଆଉ ମୁଁ କିଛି ଜାଣି ପାରୁନାହିଁ । କିନ୍ତୁ ଆରେ ବାଛା, ତୁ କିଛି ଦେଖି ପାରୁନାହୁଁ । ହିଂସାରେ ଅନ୍ଧ ହୋଇଯାଇଛୁ । ଆଖି ଆଗରେ ଅନ୍ୟର ପାପ ତକହିଁ ତୁ ଖାଲି ଦେଖୁଛୁ, ନିଜ ଦୋଷତକ ନିଜ ନଜରରେ ପଡ଼ୁନି । ତାରି ଖାଲି ସବୁ ଦୋଷ ନା ? ଆଚ୍ଛା, ଗୋଟାଏ ହାତରେ କଣ ତାଳି ବାଜିଲଣି ? ଦିଜଣ ନହେଲେ ଖାଲି ଜଣକ ଦ୍ୱାରା କଳି ହୁଏନା । କିଏ ତା ଚୁଟି ଛିଣ୍ଡାଇଲା ? କିଏ ତା କଲେଇଗଦା ନଷ୍ଟ କରିଛି ? କିଏ ତାକୁ ଆଇନ ଅଦାଲତକୁ ଟାଣି ନେଇଛି ? ତେବେକି ସବୁ ଦୋଷ ତୁ ତା ମୁଣ୍ଡରେ ବୋଳୁଛୁ ! ତୁ ନିଜେ ଖରାପ । ଆରେ ବାପ, ଆମେ ଏମିତିକା ଚଳୁ ନଥିଲୁ । ଏମିତି ଚଳିବାକୁ ମୁଁ ବି ତମକୁ ଶିଖାଇ ନାହିଁ । ବୁଝ, ତା ବୁଢ଼ାବାପ ଆଉ ମୁଁ ଏମିତି ଚଳୁ ନଥିଲୁ । ଆମ ଭିତରେ ଖୁବ୍ ଭଲ ପଡ଼ୁଥିଲା । ପଡ଼ୋଶି

ଭଳି ମିଳିମିଶି ଆମେ ଚଳୁଥିଲୁ । ତାର ଗହମ ଦରକାର ହେଲେ ତା ଘର ମାଇପେ ମତେ ମାଗୁଥିଲେ । ମୁଁ ଖମାରକୁ ତାଙ୍କୁ ନେଇଯାଇ କହୁଥିଲି,—ତମର ଯେତେ ଦରକାର ଅଛି ନିଅ । ହୁଏତ ତାର ଗୋରୁଗାଈଙ୍କୁ ଚରେଇବାକୁ କେହି ଲୋକ ନମିଳିଲେ ମୁଁ ତତେ କହୁଥିଲି ଆଇଭାନ ଯା, ତାଙ୍କ ଗୋରୁଗାଈ ନେଇ ବିଲକୁ ଯା । ମୋର କିଛି ଦରକାର ହେଲେ ମୁଁ ତା ପାଖକୁ ଧାଇଁ ଯାଉଥିଲି । ସେ ବି ସାଙ୍ଗେ ସାଙ୍ଗେ କହୁଥିଲା, ଯା ନେଇଯା । ଏମିତି ଆମେ ଖୁବ୍ ଆନନ୍ଦରେ ଚଳି ଆସିଛୁ । ଆଉ ଏଇନେ ? ମୁଁ ସେଦିନ ସେ ପୁଲିସଠାରୁ ତମ ଦୁହିଁଙ୍କ କଥା ସବୁ ଶୁଣିଛି । ଏମିତି କଣ ଚଳନ୍ତି ? ଏ ଘୋର ପାପ, ତମ ମୁଣ୍ଡକୁ ହାତ ପାଇ-ଲାଣି । ତମେ ଏଇନେ ଘରର ମୁରବି । ମୁଁ ପଚାରେ, କହିଲୁ ଦେଖି ତମ ପିଲାଝିଲାଙ୍କୁ କଣ ଶିଖାଉଛୁ ? ଶିଖାଉଛୁ, କପରି କୁକୁର-ଭଳି କାମୁଡ଼ା କାମୁଡ଼ି ହେବେ; ଏଇଆ ତ ! ହେଇ ସେଦିନ ତମ ଝିଅଟା ପଡ଼ିଶାଘରେ କାହାକୁ ବେଆଡ଼ା ଗାଳି ଦେଉଥିଲା । ତା ମା ଶୁଣି ହସୁଥାଏ । ଏଗୁଡ଼ା କଣ ଭଲ ହେଉଛି ? ନିଜ ଛାତିରେ ହାତ ଦେଇ କହିଲୁ, ଏଗୁଡ଼ା କଣ ଠିକ୍ ? ତୁ ମତେ କେଞ୍ଚାଏ ମାଇଲେ, ମୁଁ ତତେ ଦିକେଞ୍ଚା ମାରୁଛି,—ଭଲକଥା ଛାଡ଼ି ଏଇଆ ତ ହେଉଛି, ଆଉ କଣ ? ନା ବାବା, ଏସବୁ ଭଲକଥା ନୁହେଁ । ଭଗବାନ ଯିଶୁ ପୃଥିବୀକୁ ଆସି ଏଇକଥା ଶିକ୍ଷା ଦେଇ ଯାଇନାହାନ୍ତି । ବରଂ ଠିକ୍ ଏହାର ଓଲଟା କଥା କହିଛନ୍ତି ସେ—"କିଏ ତମକୁ ଗାଳିଦେଲେ ତମେ ତାକୁ କିଛି କୁହନା, ତା ବିବେକ ନିକଟରେ ସେ ଦୋଷୀ ହେବ । ଯଦି ତମର ଗୋଟାଏ ଗାଲରେ କିଏ ଚାପୁ-ଡ଼ାଏ ମାରେ ତେବେ ତାକୁ ଆର ଗାଲଟି ଦେଖାଇଦେବ । ତା ବିବେକ ତାକୁ ଏଥିଲାଗି ତିରସ୍କାର କରିବ; ସେ ନିଶ୍ଚେ ନରମ

ହୋଇ ତମ କଥା ଶୁଣିବ ।" ଭଗବାନ ଆମକୁ ଗର୍ବ ନକରିବାକୁ କହିଛନ୍ତି । କଥା କହୁନାହୁଁ ଯେ ? ମୁଁ ଯାହା କହିଲି ତା ଠିକ୍ ନା ନାହିଁ ?

ଆଇଭାନ ଚୁପଟି କରି ଶୁଣୁଥାଏ ।

ବୁଢ଼ା କିଛି ସମୟ କାଶି ସ୍ୱରଟା ସଫାକରି ପୁଣି କହିବାକୁ ଲାଗିଲା—ତୁ କଣ ଭାବୁଛୁ, ଭଗବାନ ଯିଶୁଙ୍କ ଉପଦେଶ ସବୁ ଭୁଲ ? ଈଶ୍ୱର ଯାହା କହିଛନ୍ତି ସବୁ ମନୁଷ୍ୟର ମଙ୍ଗଳ ପାଇଁ । ଆତ୍ମା କ. ପରକାଳ କଥା ଛାଡ଼ ତୋ ନିଜ ସଂସାର କଥା ଭାବିଲୁ । ତୋର ଅବସ୍ଥା କଣ ହୋଇଛି ? ମକଦ୍ଦମା ଲଗାଇଲାଦିନୁ କେତେ ଖର୍ଚ୍ଚ ହେଲାଣି ? ତାର ହିସାବ ରଖିଛୁ ? ତମ ପିଲାଏ ବେଶ୍ ବଡ଼ ହୋଇଗଲେଣି । ତୁ ଏକ୍ଷଣି ଭଲରେ ଥାଆନ୍ତୁ । ତୋର ବୋକାମୀ, ତୋ ଅହଙ୍କାର ଯୋଗୁ ତୋ ଟଙ୍କା, ପଇସା ତ ସବୁ ଗଲାଣି । ପିଲାଙ୍କୁ ନେଇ ତୋର ଗୃହବାସ କରିବା କଥା । କିନ୍ତୁ ତତେ ତ ଭୂତ ଲାଗିଛି । ସିଏ ତ ତୋତେ ଜଜ୍ ଓକିଲଙ୍କ ପାଖକୁ ଟାଣି-ନେଉଛି, ତୁ କଣ କରିବୁ ? ଏବେ ଠିକ୍ ବେଳରେ ଯାଗ ଯୋଗରେ ଗୃହବାସ ହେଉନ । ଏବର୍ଷ ଫସଲ କାହିଁକି ନହେଲା ? ଠିକ୍ ସମୟରେ ବୁଣା ହୋଇଥିଲାକି ? ମୁଣ୍ଡରେ ତ ତୋର ସବୁବେଳେ ଦୁର୍ବୁଦ୍ଧି ଖେଳୁଛି, ଲାଭ ହେବ କୁଆଡୁ । ଏସବୁ ଛାଡ଼ ଏବେ ନିଜ. କାମଧନ୍ଦାରେ ଲାଗ । ତୋ ଉପରେ କେହି ଅସନ୍ତୁଷ୍ଟ ହେଲେ, ତାଙ୍କୁ କ୍ଷମା କର । ଭଗବାନ ସେଇଆ କରିବାକୁ କହିଛନ୍ତି । ଏଇଆ କରି ଦେଖିବୁ, ତୁ ଜୀବନରେ ସୁଖଶାନ୍ତି ପାଇବୁ । ମନରେ ତୋର କିଛି ଦକ ରହିବ ନାହିଁ । ବୁଢ଼ା ଏମିତି କହି ଲାଗିଥାଏ— ବାପାଟି ପରା, ବୁଢ଼ା ଟାର କଥା ମାନ । ଏବେ ଅଦାଲତକୁ ଯାଇ

ମକଦ୍ଦମାଟା ନିଷ୍ପତ୍ତି କରି ଦେଇଆ । କାଲି ତାକୁ ଆମ ଘରକୁ ନିମନ୍ତ୍ରଣ କର । ଘର ଚିହ୍ନି ମାଇପଙ୍କୁ ଭଲକଥା ଶିଖା ।

ଦୀର୍ଘ ନିଶ୍ୱାସ ପକାଇ ଆଇଭାନ ଭାବୁଥାଏ, ବୁଢ଼ା ଯାହା କହୁଛି ତା ଠିକ୍ । ତା' ମୁଣ୍ଡରୁ ବୋଝଟାଏ ଓହ୍ଲାଇ ଗଲାପରି ଲାଗୁଥାଏ । କିପରି ଭାବେ ମିଳାମିଶା କରିହେବ ତାର ସେ କୂଳ କିନାରା ପାଉନଥାଏ । ଆଇଭାନର ମନକଥା ବୁଢ଼ା ଠଉରାଇ ପାରି କହିଲା—ଆଇଭାନ, ଯା ଆଉ ଡେରି କରନା, ନିଆଁଟା ଜଳିବା ଆଗରୁ ତାକୁ ନିଭାଇ ଦେ । ତା' ନହେଲେ ନେଡ଼ଗୁଡ଼ କହୁଣିକୁ ବୋହିଗଲେ ସବୁ ପୋଡ଼ି ସତ୍ୟାନାଶ ହୋଇଯିବ ।

ତେତିକ ବେଳକୁ ମାଇପେ ସବୁ ଘରକୁ ଫେରିଲେ । ବୁଢ଼ାର ଆଉ କହିବା ହେଲାନାହିଁ । ଲିପଙ୍ଗ ଚାବୁକ୍ ଖାଇବ; ସେ ଆଇଭାନର ଘର ପୋଡ଼ି ଦେବାକୁ ଚହିଛି—ଏସବୁ କଥା ସମସ୍ତେ ଶୁଣି ସାରିଥାନ୍ତି । ମାଇପେ ସେଇସବୁ କଥା ଉପରେ ଏଣୁ ତେଣୁ ଯୋଡ଼ି ବଢ଼ାଇ କରି କହୁଥାନ୍ତି । ଲିପଙ୍ଗ ବୋହୂ କେଉଁଠି କହୁଥିଲା—ମାଜିଷ୍ଟ୍ରେଟ ସାହେବ ପୂର୍ବ ବିଚାରକୁ ବଦଳାଇ ଦେବେ, ସ୍କୁଲ ମାଷ୍ଟର ଆଇଭାନ ବିରୁଦ୍ଧରେ ସମ୍ରାଟଙ୍କ ପାଖକୁ ଦରଖାସ୍ତ ଲେଖୁଛି, ଏଥର ଆଇଭାନ ସମ୍ପତ୍ତିର ଅଧେ ତାକୁ ମିଳିବ—ଇତ୍ୟାଦି । ଏତିକି ଶୁଣି ଆଇଭାନର ମନ ପୁଣି ବଦଳି ଗଲା । ଲିଟଙ୍ଗ ସହିତ ପୁଣି ମିଳାମିଶା କରିବା କଥାଟା ମନରୁ ପୁଣି ଦୂର କରିଦେଲା ।

ଆଇଭାନ ଖଳାବାଡ଼ି ଆଡ଼େ ବାହାରିଲା । ସ୍ତ୍ରୀ ଲୋକମାନଙ୍କ କଥାବାର୍ତ୍ତା ଶୁଣିବାକୁ ତାର ବେଳନାହିଁ । ତାର ପୁଅ ହେରିକା ବିଲରୁ ଫେରିଲେଣି । ବିଲବାଡ଼ି ସମ୍ପର୍କରେ କେତେକ କଥା ସେ ସେମାନଙ୍କୁ ପଚାରିଲା । ଗୋରୁ ଗାଈଙ୍କୁ ବାନ୍ଧି ସେମାନଙ୍କ ଆଗରେ

କୁଣ୍ଠା ପକାଇଲା । ଖାଇବା ବେଳ ହୋଇଗଲାଣି । ମନେ ମନେ ସେ ଠିକ୍ କଲା—ଏଥର ଖାଇ ପିଇ ଶୋଇ ପଡ଼ିବ । ଲେଉଟି ଘର ଭିତରକୁ ପ୍ରବେଶ କଲା ସେ । ଲିପଙ୍ଗ ବିଷୟରେ ବୁଢ଼ାବାପା ଯାହା କହୁଥିଲା, ସେତେବେଳକୁ ସେସବୁ ଆଉ ତା ମନରେ ନ-ଥାଏ । ମାତ୍ର ମଝି ଗଳି ଭିତରକୁ ଯାଉ ଯାଉ ଦୁଆରମୁହଁ ପାଖରେ ତା କାନରେ ବାଜିଲା—ପଡ଼ିଶା ଘରୁ ଯେପରି କିଏସେ ତାକୁ ଖୁବ୍ ଚଡ଼ା ଗଳାରେ ଗାଳି ଦେଉଛି । ଆଇଭାନ କାନପାରି ଶୁଣିଲା ଲିପଙ୍ଗ କହୁଥାଏ 'ତାକୁ ମରଣ ହେଉ' । ଏଇ କଥା ଶୁଣୁ ଶୁଣୁ ଆଇଭାନର ତା ପ୍ରତି ପୂର୍ବ ହିଂସା ପୁଣି ଜାଗି ଉଠିଲା । ସେଇଠି ଠିଆହୋଇ ସେ ଲିପଙ୍ଗର ସବୁତକ ଗାଳି ଶୁଣିଲା । ଗାଳି ବନ୍ଦ ହେବା ପରେ ସେ ଘର ଭିତରକୁ ଗଲା ।

ଘର ଭିତରେ ଗୋଟିଏ ଦୀପ ଜଳୁଥାଏ । ତା' ସ୍ତ୍ରୀ ରୋଷେଇବାସ କରୁଥାଏ । ତା ପାଖରେ ବଡ଼ବୋହୂ ବସି ସୂତା କାଟୁଥାଏ । ବଡ଼ ପୁଅ କଣ ଗୋଟାଏ ଦରକାରୀ ଜିନିଷ ତିଆରି କରୁଥାଏ । ମଝିଆଁ ଟି ଆଲୁଅ ପାଖେ ବହି ନେଇ ବସିଛି । ଘରେ ସବୁ ଠିକ ଠାକ, ବେଶ ଆରାମରେ ଅଛନ୍ତି । କେବଳ ସବୁ ଅଶାନ୍ତି ସେଇ ବଦମାସ୍ ଲିପଙ୍ଗଟା ଯୋଗୁ ।

ବିରକ୍ତି ଓ ଅସନ୍ତୋଷ ପୂର୍ଣ୍ଣ ମୁଖରେ ଆଇଭାନ ଘରେ ପଶିଲା । ବେଞ୍ଚ ଉପରୁ ବିଲେଇଟାକୁ ଠେଲି ଫିଙ୍ଗି ଦେଲା ସେ । ଅସ୍ଥାନରେ ଚାଳଟାକୁ ଥୋଇ ଥିବାରୁ ମାଇପିଙ୍କୁ ବହେ ଗାଳି ଦେଲା । ମନରେ ତାର ଗଭୀର ହତାଶାର ଭାବ । ବସିପଡ଼ି ବଳଦ ବେକର ଘାଗୁଡ଼ି ମାଳିକ ନେଇ କପାଳକୁ କୁଞ୍ଚିତ କରି ସେ ଭାବିବାକୁ ଲାଗିଲା । କଚେରୀରେ ଲିପଙ୍ଗ ଯାହା କହିଛି ଏବଂ ଏଇନେ

ତାକୁ 'ମରଣ ହେଉ' ବୋଲି ଯାହା କହିଛି ଏଇ କଥା ଗୁଡ଼ାକହିଁ ଆଇଭାନ ମନରେ ବାରମ୍ବାର ବାଜୁଥାଏ ।

ତା ସ୍ତ୍ରୀ ସାନ ପୁଅକୁ ଭାତ ବାଢ଼ିଦେଲା । ଖାଇ ପିଇସାରି ଗାମୁଛାଟା ଦେହରେ ପକାଇ ବଳଦ ମୁହାଁଇବାଲାଗି ସେ ବାହାରକୁ ବାହାରିଗଲା । ବଡ଼ ପୁଅଟି ତା' ସଙ୍ଗେ ଯିବାକୁ ଦୋ-ଦୋ ପାଞ୍ଚ ହେଉଥିଲା । କିନ୍ତୁ ଆଇଭାନ ନିଜେ ଉଠି ବାରଣ୍ଡା ଆଡ଼କୁ ଚାଲିଗଲା । ବାହାରଟା କଟିକଟି ଅନ୍ଧାର, ମେଘ ଉପରେ ମେଘ ଡାଙ୍କି ହୋଇ ରହିଛି । ଖୁବ୍ ଜୋର୍‌ରେ ପବନ ବହୁଥାଏ । ଟୋକାଟା ବଳଦ ମୁହେଁଇବାକୁ ଗଲା କି ନାହିଁ, ଦେଖିବାକୁ ସେ ଠିଆହୋଇ ରହିଲା । ଲିପଟଙ୍କର କଥା କୌଣସିମତେ ମନରୁ ଦୂରକରି ହେଉ ନଥାଏ । ସେ ଯାହା କହିଛି ତା ବାରମ୍ବାର ମନେପଡ଼ି ଯାଉଥାଏ ।

ଆଇଭାନ ଭାବିଲା, ଲିପଟଙ୍କୁ ବିଶ୍ୱାସ କରି ? ଖରାରେ ତ ନଡ଼ାଗଦା ଚାଳରେ ଶୁଖିକରି ରହିଛି । ତା ସାଙ୍ଗକୁ ପୁଣି ଏମିତି ପବନ । ହୁଏତ ସେ କେତେବେଳେ ଲୁଚି ଛପି ଆସି ଚାଳରେ କେଉଁଠି ନିଆଁ ଲଗାଇ ଲୁଚି ପଳାଇ ଯାଇପାରେ । ହଁ, ଯଦି ଠିକ୍ ସେତିକବେଳେ ଧରା ପଡ଼ିଯାଏ; ତେବେ ଯିବ କୁଆଡ଼େ ? ଭାବୁ ଭାବୁ ସେ ଚାଲିବାକୁ ଆରମ୍ଭ କଲା । ଠିକ୍ କଲା, ଘର, ଖଳାବାରି ଚାରିପଟେ ବୁଲି ଥରେ ଦେଖିନେବ ! ଆସ୍ତେ ଆସ୍ତେ ଫାଟକ ପାର ହୋଇ ବାଡ଼ର ଗୋଟାଏ କଣରେ ଯାଇ ପହଞ୍ଚିଲା । ଠିଆହୋଇ ବାଡ଼ ଚାରିପଟକୁ ଆଖି ପକାଇଲା ବେଳକୁ ଠିକ୍ ତାର ବିପରୀତ କୋଣରେ କ'ଣ ଗୋଟାଏ ହଲ୍‌ଚଲ ହେଲାଭଳି ଦେଖାଗଲା । ଯେପରି କିଏ ଜଣେ ଲୋକ ହଠାତ୍ ଆସି, ପଳାଇ ଗଲାଭଳି ଜଣା ଗଲା । ଚୁପ୍‌କରି ସେଇଠି ଠିଆହୋଇ ସେ ସେହି ଦିଗକୁ ଚାହିଁ କାନ

ପାରି ରହିଲା । ଘରଆଡ଼ ନୀରବ । କେବଳ ଗଛର ପତ୍ର ହଲିବା ଯୋଗୁ ଯାହା ଶବ୍ଦ ହେଉଥାଏ । ଘରଆଡ଼ ଅନ୍ଧାରରେ ଢାଙ୍କି ହୋଇ ରହିଛି । କିଛି ତ ଦିଶୁ ନଥାଏ; କିଛି ସମୟ ଘୁରି ଘୁରି ସେ କାହାକୁ ଦେଖିବାକୁ ପାଇଲା ନାହିଁ । ଆଇଭାନ ଭାବିଲା, ଏଇଟା ତାର ଗୋଟାଏ ମନର ଭ୍ରମ । ଯାହାହେଉ, ଘରଆଡ଼ ବୁଲି ଦେଖି ଆସିବା ଭଲ । ଲୁଚି ଲୁଚି ଗୋଡ଼ ଟିପି ଟିପି ସେ ଯିବାକୁ ଲାଗିଲା । ନିଜ ବାଟଚଲା ଶବ୍ଦ ନିଜକୁ ଶୁଭୁ ନଥାଏ । ଟିକିଏ ଦୂରକୁ ଯିବା ପରେ ସେ ଦେଖିବାକୁ ପାଇଲା—ଦୂରରେ ଗୋଟାଏ କଣରେ, ହୁ କରି ନିଆଁ ଜଳି ଉଠି ପୁଣି ଲିଭିଗଲା । ଆଇଭାନର ଛାତି ଭିତରଟା କମ୍ପି ଉଠିଲା । ସେ ଟିକିଏ ରହିଗଲା । ସଙ୍ଗେସଙ୍ଗେ ପୁଣି ଥରେ ନିଆଁ ଜଳି ଉଠିଲା । ଭଲଭାବେ ସେ ଏଥର ଦେଖି ପାରିଲା, କିଏ ଗୋଟାଏ ଲୋକ ନିଆଁ ଝଟାଏ ଧରି ଗୁରୁଣ୍ଡି ଗୁରୁଣ୍ଡି ଯାଉଛି । ଆଇଭାନ ଭାବିଲା, ଲୋକଟା ଏଥର ଯିବ କୁଆଡ଼େ ? ଆଜି ତ ପଳାଇ ପାରିବ ନାହିଁ । ଠିକଣା ବେଳେ ତାକୁ ଧରି ପକାଇବ ।ଆଇଭାନର ଛାତି ଉତ୍ତେଜନାରେ କଂପି ଉଠିଲା । ପାରୁପର୍ଯ୍ୟନ୍ତ ଜୋରରେ ସେ ଦୌଡ଼ିବାକୁ ଲାଗିଲା । ଲୋକଟା ପାଖରେ ଆଇଭାନ ପ୍ରାୟ ପହଞ୍ଚିବା ଉପରେ, ଏତିକିବେଳେ ଛା ଚାଳର ଆଉ ଗୋଟାଏ ଜାଗାରେ ଖୁବ୍ ଜୋରରେ ନିଆଁ ଜଳି ଉଠିବାର ସେ ଦେଖି ପାରିଲା । ଚାଳ ଉପରକୁ ନିଆଁ ମୁହାଁଇ ଚାଲିଛି । ସେଇ ନିଆଁର ଉଜ୍ଜ୍ୱଳ ଆଲୋକରେ ସେ ଭଲ ଭାବେ ଲିପଙ୍ଗକୁ ଦେଖି ପାରିଲା । ଛଞ୍ଚାଣ ଚଢ଼େଇ ଉପରକୁ ଝାମ୍ପି ଶୀକାର କଲାଭଳି ଆଇଭାନ୍ ଲିପଙ୍ଗ୍ ଉପରକୁ କୁଦା ମାରିଲା । କିନ୍ତୁ ଲିପଙ୍ଗ୍ ତାର ପାଦ ଶବ୍ଦ ଆଗରୁ ଶୁଣିପାରି ପଛଆଡ଼କୁ ଥରେ ଅନାଇ ଦେଇ, ଠେକୁଆ ଭଳି ଡ଼ିଆଁ ମାରି ଖଳାବାଡ଼ ଭିତରୁ ବାହାରି ଚାଲିଗଲା ।

ଆଇଭାନ ମଧ୍ୟ ତା ପଛରେ ଦୌଡ଼ିଲା । ଜୋରରେ ପାଟିକରି କହୁଥାଏ, ରହରହ ଏଥର ଯିବୁ କୁଆଡ଼େ ?

ଆଇଭାନ ଲିପଙ୍ଗଙ୍କୁ ଠିକ୍ ଧରିଲାବେଳକୁ ସେ ଅନ୍ୟପଟକୁ ବୁଲିପଡ଼ିଲା । ଆଇଭାନ ତା ଫତେଇଟାକୁ ଧରିପକାଇଥିଲା; ସେଇଟା ସମ୍ପୂର୍ଣ୍ଣ ଛିଣ୍ଡିଗଲା । ଏତିକିବେଳେ ଗୋଡ଼ ଖସିଯିବାରୁ ଆଇଭାନ କଚାଡ଼ି ହୋଇ ପଡ଼ିଗଲା । 'ଆଲୋ ବୋପାଲୋ, ଧର ଧର, ଏଇ ଚୋର୍ ଚୋର୍' ବୋଲି ପାଟି କରୁ କରୁ, ସେ ପୁଣି ଉଠିପଡ଼ି ତା ପଛେ ପଛେ ଦୌଡ଼ିବାକୁ ଲାଗିଲା ।

ସେତେବେଳକୁ ଲିପଙ୍ଗ ନିଜ ଘର ଦ୍ୱାରବନ୍ଧ ପାଖରେ ହେଲାଣି । ଆଇଭାନ ଧାଇଁ ଯାଇ ପୁଣି ତାକୁ ଧରିଲାବେଳକୁ ପଥର ପରି କଣ ଗୋଟାଏ ତା କାନମୂଣ୍ଡାରେ ବାଜିଗଲା । ନିଜ ଦ୍ୱାର ମୁହଁ ପାଖେ ପଡ଼ିଥିବା ଖଣ୍ଡେ କାଠରେ ଆଇଭାନ ମୁଣ୍ଡକୁ ଆଘାତ କରିଥିଲା ଲିପଙ୍ଗ ।

ଆଇଭାନର ମୁଣ୍ଡ ଘୂରିଗଲା । ଆଖି ଆଗରେ ତାକୁ ଜୁଳୁଜୁଳିଆ ପୋକ ଦେଖାଗଲା । ଆଇଭାନ ଅଚେତ ହୋଇ ସେଠାରେ ପଡ଼ିଗଲା । ଟିକଏ ଚେତା ହେଲାବେଳକୁ ଦେଖିଲା ସେଠି ଲିପଙ୍ଗ ନାହିଁ । ହନଭଳି ଆଲୁଅ, ନିଜ ଘରଆଡ଼େ ଜଳନ୍ତା ଇଞ୍ଜିନ ଭଳି ଖୁବ୍ କୋଳାହଳ ହେଉଛି । ସେ ଆଡ଼କୁ ଚାହିଁ ଆଇଭାନ ଦେଖିଲା, ସବୁ ଜଳୁଛି । ପବନରେ ତା ଘର ଭିତରୁ ଖାଲି ଧୂଆଁ ଓ ପାଉଁଶ ଚାରିଆଡ଼କୁ ଜୁଡ଼େଇ ହୋଇ ପଡ଼ୁଛି ।

ବାହୁ ଉଠାଇ ଜଙ୍ଘରେ ହାତ ବାଡ଼େଇ ଆଇଭାନ ଚିତ୍କାର କରି ଉଠିଲା, ଏକଣ ହେଲା, ଏକଣ ହେଲା । ଜଳନ୍ତା କାଠଟିକ ତ ସେତେବେଳେ ଓଠାରୁ ଆଣି ସେ ନିଭେଇଦେଇ ପାରିଥାଆନ୍ତା ।

ହାୟ ! ହାୟ ! ଆଜ କଣ କହିବାକୁ ସେ ଚେଷ୍ଟା କଲା, କିନ୍ତୁ ତାର ଗଳାରେ ଆଉ ସେପରି ବଳନାହିଁ ସବୁ ଦମ୍ ସରିଯାଇଛି । ସେ ଦୌଡ଼ିବାକୁ ଚେଷ୍ଟା କଲା, କିନ୍ତୁ ଗୋଡ଼ ଦୁଇଟିରେ ସେପରି ଆଉ ଶକ୍ତି ନାହିଁ । ଆସ୍ତେ ଆସ୍ତେ ଟଳି ଟଳି ସେ ଯିବାକୁ ଲାଗିଲା । ପୁଣି ତା ନିଶ୍ୱାସ ବନ୍ଦ ହୋଇଗଲା ପରି ତାକୁ ଲାଗିଲା । ଟିକିଏ ଠିଆହୋଇ ନିଶ୍ୱାସ ନେଇ ସେ ପୁଣି ଯିବାକୁ ଲାଗିଲା । ଘରପାଖେ ପହଞ୍ଚିବାବେଳକୁ ଘର ଚାରିପଟେ ହୁତୁ ହୁତୁ ଜଳୁଥାଏ । ସବୁ ଚାଳରେ ନିଆଁ ପବନରେ ନାଚୁଥାଏ । ଅଗଣା ଭିତରକୁ ପଶିବା ଅସମ୍ଭବ । ଅନେକ ଲୋକ ଜମାହୋଇ ସାରିଥାଆନ୍ତି । କିନ୍ତୁ ଆଉ କିଛି କରିବା ଉପାୟ ନଥିଲା । ପାଖ ପଡ଼ୋଶୀ ସମସ୍ତେ ଯେଝା ଘର ଜିନିଷପତ୍ର, ଗୋରୁଗାଈ ବାହାର କରିବାରେ ଲାଗିଥାଆନ୍ତି । ଆଇଜାନ୍ ଘର ପରେ ଲିପଙ୍ଗ୍ ଘରେ ନିଆଁ ଧରିଲା । ନିଆଁ କ୍ରମେ ବଢ଼ୁଥାଏ । ପାଖ ପାଖି ସବୁ ଘରେ ନିଆଁ ଲାଗିଲା । ସାହିଟିର ବିଲକୁଲ୍ ଅଧେ ପୋଡ଼ି ନଷ୍ଟ ହୋଇଗଲା ।

ବହୁ କଷ୍ଟରେ ଆଇଜାନ ଘରୁ ତା ବୁଢ଼ା ବାପାକୁ ସମସ୍ତେ ମିଳିମିଶି ବାହାରକୁ କାଢ଼ି ଆଣିଲେ । ଆଉ କୌଣସି ଜିନିଷପତ୍ର ନିଆଁ ଭିତରୁ ଆଣିହେଲାନି । ଗୋରୁ, ଗାଈ, ଶଗଡ଼, ଲଙ୍ଗଳ; ଲୁଗା, ହେଡ଼ପେଟରା ସବୁ ପୋଡ଼ି ପାଉଁଶ ହୋଇଗଲା । ଲିପଙ୍ଗ୍ର ଗୋରୁ ଗାଈତକ ଫିଟା ହୋଇଥିବାରୁ ସେତକ ଏବଂ ଆଉ ଯାହା କିଛି ଅଳ୍ପ ଜିନିଷପତ୍ର ରହିଲେ । ରାତିସାରା ନିଆଁ ନ ଲିଭି ଜଳୁଥାଏ । ଆଇଜାନ ତା ଘର ଆଗରେ ଠିଆହୋଇ କେବଳ କହୁଲାଗିଥାଏ,—"ହାୟ ! ଏ କଣ ହେଲା; କୁଠାଟକ ଓଟାରିଆଣି ଗୋଡ଼ରେ ମାଡ଼ି ନିଭାଇ ଦେଇଥିଲେ ତ ହୋଇଥାନ୍ତା ।" ଘର ଚାଳ ଉପର ଖସିପଡ଼ିଲା । ଗୋଟାଏ ପୋଡ଼ା ଓଳିକୁ ସେ ଟାଣି

ଆସିବାକୁ ବାହାରିଲା । ମାଉସେ ମନାକଲେ; କିନ୍ତୁ ସେ କାହାର କଥା ନଶୁଣି ନିଆଁ ଭିତରକୁ ପଶି ଟାଣି ଲାଗିଥାଏ । ତା ବଡ଼ ପୁଅ ଦୌଡ଼ିଆସି ବହୁ କଷ୍ଟରେ ତାକୁ ଟେକି ଆଣିଲା । ଆଇଭାନ୍‌ର ମୁଣ୍ଡବାଳ ଆଉ ଲୁଗାପଟାତକ ପୋଡ଼ିଗଲା; ହାତପାକ ଫୋଟକା ହୋଇଗଲା । ତଥାପି ସେ କିଛି ଜାଣି-ପାରିଲା ନାହିଁ । ଲୋକେ କହୁଥାନ୍ତି, ତାର ମୁଣ୍ଡ ଖରାପ ହୋଇ ଯାଇଛି । ନିଆଁ ଆପଣଛୁଁଏ ପୋଡ଼ି ଚାଲିଥାଏ । ସେ କେବଳ ଠିଆହୋଇ କହୁଥାଏ,—ହାୟ ! ହାୟ ! କଣ ହେଲା; ସେତେବେଳେ ନିଭାଇ ଦେଇଥିଲେ ତ ହୋଇ ଥାଆନ୍ତା ।

ସକାଳେ ଗାଁ ପଧାନର ପୁଅ ଆସି ଆଇଭାନକୁ କହିଲା—ଆଇଭାନ, ତମ ବାପା ଧୋକାଉଛନ୍ତି, ତମକୁ ଟିକିଏ ଦେଖିବେ ବୋଲି ମତେ ପଠାଇଛନ୍ତି ତମକୁ ସାଙ୍ଗରେ ନେବାକୁ ।

ବାପା କଥା ଆଇଭାନ ବିଲକୁଲ ଭୁଲି ଯାଇଥିଲା । ସଙ୍ଗେ ସଙ୍ଗେ, କିଛି ବୁଝି ନପାରି ପଚାରିଲା, 'କି ବାପା ? କାହାପାଇଁ ସେ ପଠାଇଛି ?

'ତମକୁ ଡକାଇ ପଠାଇଛନ୍ତି, ମଲା ବେଳକୁ ଟିକିଏ ଦେଖିବାକୁ । ଆମ ଘରେ ପଡ଼ି ସେ ଧୋକାଉଛନ୍ତି । ଚଞ୍ଚଳ ଆସ ।' ଆଇଭାନ ହାତଧରି ଟାଣି ଟାଣି ସେ ସାଙ୍ଗରେ ନେଇଗଲା ।

ଆଇଭାନ ବାପାକୁ ଯେତେବେଳେ ଜଳନ୍ତା ଘରୁ କଢ଼ା-ହେଲା, ସେତେବେଳେ ତା' ଦେହରେ ଗୁଡ଼ାଏ ନିଆଁ ଖସି ପଡ଼ିଥିଲା । ସେଥିପାଇଁ ତାକୁ ପଧାନଘରେ ହେପାଜତରେ ରଖା ହୋଇଥିଲା । ଆଇଭାନ ବାପାଙ୍କ ପାଖେ ମହଞ୍ଚିଲା । ବୁଢ଼ା ପାଖରେ ପଧାନ ସ୍ତ୍ରୀ ବସିଥାଏ । ସେ ବୁଢ଼ାକୁ କହିଲା,—'ତମ ପୁଅ ଆସିଛି ବୁଢ଼ା ପାଖକୁ ଅସିବାକୁ ଠାରିଲା । ଆଇଭାନ ପାଖକୁ

ଆସିବାରୁ ବୁଢ଼ା କହିଲା,—ଆଇଭାନ, ତତେ ମୁଁ କଣ କହି-ଥିଲି ? କାହା ଯୋଗେ ଏ ଗାଁଟା ପୋଡ଼ିଗଲା ?

ଆଇଭାନ କହିଲା—ବାପା, ତା' ଯୋଗେ ସବୁ ହେଲା । ଆମ ଚୁଲି ଭିତରେ ନିଆଁ ଲୁଣ୍ଠା ଧରେଇଲାବେଳେ ମୁଁ ଦେଖି ପକାଇଲି । ହୁଁ ଲୁଣ୍ଠାଟା ଚୁଲିରୁ ଛଡ଼େଇ ଗୋଡ଼ରେ ମାଡ଼ି ନିଭାଇ ହୋଇ ପାରିଥାନ୍ତା । ତାହାହେଲେ କିଛି ହୋଇ ନଥାନ୍ତା ।

ବୁଢ଼ା କହିଲା,—ମୋ ଯିବାବେଳ ହୋଇଗଲା । ପୁଣି ତମର ବି ଦିନେ ଏମିତି ସମୟ ଆସିବ । ଆଚ୍ଛା କହିଲୁ ବାପା, ଏ ପାପର ଭାଗୀ କିଏ ?

ଆଇଭାନ ତା ବାପ ଆଡ଼କୁ ଏକା ନଜରରେ ଚାହିଁରହିଲା । ପାଟିରୁ ତାର କଥା ବାହାରିଲା ନାହିଁ ।

ବୁଢା ପୁଣି କହିଲା—"ଭଗବାନଙ୍କୁ ଚାହିଁ କହିଲୁ ଏ ପାପର ଭାଗୀ କିଏ ? ମୁଁ ତତେ କଣ କହିଥିଲି ।" ଏତେବେଳକୁ ଆଇଭାନର ଚେତା ପଶିଲା । ସେ ସବୁ ବୁଝିପାରିଲା । ଦୀର୍ଘ ନିଶ୍ୱାସ ଛାଡ଼ି କହିଲା—"ମୋର ପାପ, ମତେ କ୍ଷମାକର । ମୁଁ ତମପାଖେ, ଭଗବାନଙ୍କ ପାଖେ ଦୋଷୀ; ମତେ କ୍ଷମା କର ବାପା ।

ବୁଢ଼ା ଉପରକୁ ହାତଯୋଡ଼ି ନମସ୍କାର କଲା । 'ଭଗବାନଙ୍କୁ ଡାକ । ତାଙ୍କର ଜୟହେଉ' କହି ପୁଅଆଡ଼କୁ ଚାହିଁ ରହିଲା । ଟିକଏ ପରେ ଡାକିଲା—'ଆଇଭାନ, ଆଇଭାନ ।'

'କଣ ବାପା ?'

'ତୁ ଏଥର କଣ କରିବୁ ଭାବୁଛୁ ?'

ଆଇଭାନ କାନ୍ଦୁଥାଏ, କହିଲା—ଏଥର ଆମେ କେମିତି ଚଳିବୁ ବାପା ?

ବୁଢ଼ା ଆଖିବୁଜ ଓଠଟି ହଲାଇଲା । ପୁଣି ଥରେ ଆଖିଖୋଲି କହିଲା,—"ଭୁ ପାରିବୁ । ଭଗବାନଙ୍କ କଥା ମାନି ଚାଲିଲେ ତୋର ହାରି ସବୁ ହେବ ।" ବୁଢ଼ା ମୁହଁରେ ଟିକଏ ହସ ଦେଖା-ଗଲା । ଟିକଏ ରହି ପୁଣି କହିଲା "ଆଇଭାନ, କଏ ନିଆଁ ଲଗାଇଥ ସେକଥା କାହାକୁ କହନା । ଅନ୍ୟର ଅପରାଧ କାହାକୁ ନକହି ଆପଣା ମନରେ ରଖିଲେ, ଭଗବାନ ତୋର ଅପରାଧ ବି କ୍ଷମା କରିବେ ।' ଦୁଇ ହାତରେ ଧରିଥିବା ମାଣ୍ଡିଟାକୁ ବୁଢ଼ା ଛାତି ଉପରେ ଚାପି ଧରିଲା । ଖୁବ୍ ଜୋରରେ ନିଶ୍ୱାସ ଛାଡ଼ିଲା ପରେ ହାତ ଦୁଇଟି ଛାତି ଉପରୁ ଖସି ଦୁଇପଟକୁ ଝୁଲି ପଡ଼ିଲା । ବୁଢ଼ା ସବୁଦିନ ପାଇଁ ଆଖି ବୁଜିଲା ।

ଆଇଭାନ୍‌ର ଲିପଙ୍ଗ୍ ନାମରେ ଆଉ କିଛି କହିଲା ନାହିଁ । କେମିତି ନିଆଁ ଲାଗିଲା ତାହା କେହି ଜାଣି ପାରିଲେ ନାହିଁ ।

ଆଇଭାନ ଲିପଙ୍ଗ ଉପରେ ଯେତେ ରାଗ, ହିଂସା, ଅସନ୍ତୋଷ ଥିଲା ସବୁ ଦୂର ହୋଇଗଲା । ଲିପଙ୍ଗ୍ ଆଶ୍ଚର୍ଯ୍ୟ ହେଲା, ଆଇଭାନ କପରି ଏକଥା କାହାକୁ ନକହି ରହି ପାରିଲା । ପ୍ରଥମେ ପ୍ରଥମେ ଲିପଙ୍ଗ୍ ଭୟ କରୁଥିଲା । କ୍ରମେ ତାହା ଦୂର ହୋଇଗଲା । ସଙ୍ଗେ ସଙ୍ଗେ ସେମାନଙ୍କର କଳି ବି ବନ୍ଦ ହୋଇଗଲା । ସେମାନଙ୍କ ଦେଖା ଦେଖି ଦୁଇ ଘରର ଆଉ ଲୋକମାନେ ବି କଳି କରିବା ଛାଡ଼ିଦେଲେ । ପୁଣି ନୂଆ ଘର ତିଆରି କଲାବେଳେ ଏଇ ଦୁଇ ପଡ଼ୋଶୀ ଗୋଟାଏ ଘରେ ରହିଲେ । ନୂଆ ଘରସବୁ ଗୋଟାଏ ଜାଗାରେ ତିଆରି କରି ପୂର୍ବପରି ପଡ଼ୋଶୀ ଭଳି ଚଳିବାକୁ ଲାଗିଲେ ।

ଏମିତି ସୁଖରେ ଚଳୁ ଚଳୁ ଆଇଭାନ ତା ବୁଢ଼ାବାପର ଉପଦେଶ ମନେ ପକାଏ—"ଈଶ୍ୱରଙ୍କୁ ମାନ, କଳି ଉଠିବା

ଆଗରୁ ନଆଁ ଗୁଲଟାକୁ ନଖାଇ ଦିଅ ।” କେହି ତାର ଅନିଷ୍ଟ କଲେ ସେ ଆଉ ତାର ପ୍ରତିଶୋଧ ନେବାକୁ ଚେଷ୍ଟା କରେନାହିଁ । କିଏ ତାକୁ ଦୁଇପଦ ଗାଳିଦେଲେ, ସେ ତାକୁ ପାଞ୍ଚପଦ କଡ଼ା କଥା ନ ଶୁଣାଇ, ଭଲ କଥା କହିବାକୁ ଉପଦେଶ ଦିଏ । ସେଇ କଥାଇ ସେ ତାର ପିଲା ମାଇପଙ୍କୁ ଶିକ୍ଷା ଦିଏ । ଏବେ ସେ ପୂର୍ବ ଅପେକ୍ଷା ଖୁବ୍ ଭଲଭାବେ ଶାନ୍ତିରେ ଚଳୁଛି ।

—8✳8—

# ଜର୍ଣ୍ଣସନ୍

## (BjoornstJerne Bjoornson)

ନରୱେ୍ ଦେଶୀୟ ସାହିତ୍ୟର ପ୍ରସିଦ୍ଧତମ ଲେଖକ ମାନଙ୍କ ମଧ୍ୟରୁ ଜର୍ଣ୍ଣସନ୍ ଓ ହେନେରିକ୍ ଇବ୍‌ସେନଙ୍କ ନାମ ବିଶ୍ୱ ବିଶ୍ରୁତ । ଦୁହେଁ ସମକାଳୀନ ଓ ଦୁହେଁ ଆଜୀବନ ଘନିଷ୍ଠ ବନ୍ଧୁତା ସୂତ୍ରରେ ଆବଦ୍ଧ ଥିଲେ । ୧୮୩୨ ମସିହା ଡ଼ିସେମ୍ବର ମାସରେ ଜର୍ଣ୍ଣସନ୍ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ ଜଣେ କୃଷକ ଓ ଧର୍ମ ଯାଜକ । ଜର୍ଣ୍ଣସନ୍‌ଙ୍କ ଶୈଶବ, କୈଶୋର ଓ ଆଦ୍ୟଯୌବନ ପିତାଙ୍କ ନିକଟରେ ଅତିବାହିତ ହୋଇଥିଲା । ତାହାଙ୍କ ରଚନାର ନୈତିକ ଗୁଣାବଳୀ ନିଶ୍ଚିତ ଭାବେ ପିତାଙ୍କର ପ୍ରଭାବ ବୋଲି ଗ୍ରହଣ କରାଯାଇ ପାରେ ।

୧୮୫୦ ଖ୍ରୀଷ୍ଟାବ୍ଦରେ ତାଙ୍କର ପିତା ତାଙ୍କୁ କ୍ରିଷ୍ଟିଆନଆ ସହରକୁ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଲାଗି ଅଧ୍ୟୟନ କରିବାକୁ ପଠାଇଥିଲେ । ମାତ୍ର ୪ ବର୍ଷ ପରେ ସେ ସାମ୍ବାଦିକ ହେବା ଉଦ୍ଦେଶ୍ୟରେ ପାଠ ପଢ଼ା ଛାଡ଼ିଦେଲେ ଓ ସାହିତ୍ୟ ସେବାରେ ମନୋନିବେଶ କଲେ । ନରୱେ୍‌ର କୃଷକ ଜୀବନକୁ ନେଇ ସେ ପ୍ରଥମେ ଯେଉଁ ସବୁ ଗଳ୍ପ ଓ ନାଟକ ରଚନା କରିଥିଲେ ତାହା ତାଙ୍କୁ ଅବିଳମ୍ବେ ସାହିତ୍ୟିକ ଖ୍ୟାତି ଓ ଗୌରବମଣ୍ଡିତ କରିଥିଲା । ଏହି ସକଳ ରଚନା ଥିଲା ତତ୍‌କାଳୀନ ଜାତୀୟ ଭାବ ଧାରାରେ ଅନୁପ୍ରାଣିତ ।

ତା’ପରେ ସେ କୋପେନହେଗେନ୍ ଯାତ୍ରାକରି ସେଠାର ପ୍ରଥିତଯଶା ସାହିତ୍ୟିକ ମାନଙ୍କ ସଂସ୍ପର୍ଶରେ ଆସିଥିଲେ । ୧୮୫

ଖ୍ରୀଷ୍ଟାବ୍ଦରେ ୨୬ ବର୍ଷ ବୟସରେ କ୍ୟାରୋଲିନ୍‌ଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ୧୮୫୭ ରୁ ୧୮୫୯ ପର୍ଯ୍ୟନ୍ତ ସେ ବର୍ଜେନ ସହରର ଏକ ଥିଏଟରର ପରିଚାଳକ ଓ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ଖ୍ରୀଷ୍ଟାବ୍ଦ ୧୮୬୫ରୁ୧୮୬୭ ପର୍ଯ୍ୟନ୍ତ ସେ କ୍ରିଷ୍ଟିଆନିୟା ଥିଏଟରର ମଧ୍ୟ ପରିଚାଳକ ଭାବେ କାର୍ଯ୍ୟ କରିଥିଲେ ।

୧୮୭୦ ରୁ ୧୮୭୨ ପର୍ଯ୍ୟନ୍ତ ସେ ନିଜେ ଏକ ଥିଏଟର ପ୍ରତିଷ୍ଠା କରି ତାହା ପରିଚାଳନା କରି ଥିଲେ ।

ଏତଦ୍‌ବ୍ୟତୀତ ଜୀବନର ଦୀର୍ଘ ୧୫ ବର୍ଷ ସେ ଇଟାଲୀ, ଆମେରିକା ଯୁକ୍ତରାଷ୍ଟ୍ର, ଜର୍ମାନୀ, ଫ୍ରାନ୍‌ସ ପ୍ରଭୃତି ଦେଶରେ ପ୍ରବାସ-ଜୀବନ ଯାପନ କରିଥିଲେ । ତାଙ୍କର ଜୀବନ ଥିଲା ବହୁ ଘଟଣା ବହୁଳ । ଜୀବନରେ ସେ ବହୁ ପ୍ରସିଦ୍ଧ ସମ୍ବାଦ ପତ୍ର ଓ ସାହିତ୍ୟ ପତ୍ରର ମଧ୍ୟ ସମ୍ପାଦନା କରିଥିଲେ । ନରୱେର ସାହିତ୍ୟ ଓ ଜନସାଧାରଣଙ୍କ ସମୁନ୍ନତି ଲାଗି ସେ ଆଜୀବନ ଉଦ୍ୟମ କରି ଯାଇଛନ୍ତି ।

ତାଙ୍କର ବହୁମୁଖୀ କାର୍ଯ୍ୟକଳାପ, ତେଜସ୍ୱୀତା, ଓ ବ୍ୟକ୍ତିତ୍ୱ ଥିଲା ଅତୁଳନୀୟ । ଦେଶର ରାଜନୀତି କ୍ଷେତ୍ରରେ ମଧ୍ୟ ସେ ଜଣେ ସ୍ୱନାମଧନ୍ୟ ବ୍ୟକ୍ତି ଥିଲେ । ସୁଲେଖକ, ସାମ୍ବାଦିକ ଓ ସୁବକ୍ତା ଭାବେ ତାଙ୍କର ଜନପ୍ରିୟତା ଏତାଦୃଶ ବୃଦ୍ଧି ପାଇଥିଲା ଯେ ତାଙ୍କୁ 'ନରୱେର ମୁକୁଟ-ବିହୀନ-ରାଜା' ବୋଲି ଅଭିହିତ କରାଯାଉ ଥିଲା ।

ନରୱେର ଜାତୀୟ କବି ଭାବରେ ମଧ୍ୟ ସେ ଚିର ସ୍ମରଣୀୟ । ତାଙ୍କର ସ୍ୱଦେଶ ପ୍ରୀତି ସଙ୍କଳିତ କବିତାହିଁ ନରୱେର ଜାତୀୟ ସଙ୍ଗୀତ ଭାବେ ପରିଗୃହୀତ ହୋଇ ଆସୁଅଛି । କଥା

ସାହିତ୍ୟରେ କୃଷକ ଜୀବନ ଚିତ୍ରଣରେ ଅସାଧାରଣ ପାରଦର୍ଶିତା ଲାଗି ତାଙ୍କୁ ୧୯୦୩ ରେ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରା ଯାଇଥିଲା । ନାଟ୍ୟକାର ଭାବେ ଇବ୍‌ସେନ୍ ତାଙ୍କଠାରୁ ସର୍ବତୋ-ଭାବେ ଉଚ୍ଚ କୋଟିର ଶିଳ୍ପୀ ହେଲେହେଁ ତାଙ୍କର ଐତିହାସିକ ନାଟକ ଓ କୃଷକ ଜୀବନ ସମ୍ବଳିତ ଗଳ୍ପ ଗୁଡିକ ନରଓ୍ୱେ ତଥା ବିଶ୍ୱ ସାହିତ୍ୟର ଅମୂଲ୍ୟ ସମ୍ପଦ । ୧୯୧୦ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସରେ ପ୍ୟାରିସ ସହରରେ ନରଓ୍ୱେର ଏହି ପ୍ରସିଦ୍ଧତମ କବି, ନାଟ୍ୟକାର, କଥାକାର ଓ ଔପନ୍ୟାସିକଙ୍କ ଦେହାନ୍ତ ହୋଇଥିଲା ।

ତାଙ୍କର ସମସ୍ତ ରଚନା ପରି ଏହି କ୍ଷୁଦ୍ର ଗଳ୍ପଟିରେ ଭାତୃ-ବତ୍ସଳତାର ସାର୍ବଜନୀନ ଚିତ୍ର ଓ ଉଚ୍ଚ ଆଦର୍ଶବାଦ ପ୍ରକଟିତ ହୋଇ ଅଛି ।

# ଦୁଇଭାଇ

ଝାର୍ଡ୍ ଏବଂ ଏଣ୍ଡ୍ରର୍ସ ଦୁଇଭାଇ । ଗୋଟିଏ ସହରରେ ଏକାଠି ରହି ଆନନ୍ଦରେ ଚଳୁଥିଲେ । ଏକାଠି ପାଠ ପଢ଼ି ମଣିଷହେଲେ । ଏକ ସମୟରେ ଯୁଦ୍ଧ ବିଭାଗରେ ଯୋଗଦେଲେ ଓ ଦୁହେଁ କର୍ପୋରାଲ ପଦକୁ ଉନ୍ନୀତ ହେଲେ । ଯୁଦ୍ଧ ପରେ ଦୁହେଁ ନିଜ ଗ୍ରାମକୁ ଫେରିଆସିଲେ । ଲୋକେ ଏହି ଦୁଇ ଭାଇଙ୍କର ସର୍ବଦା ପ୍ରଶଂସା କଲେ

ଏହାପରେ ସେମାନଙ୍କ ପିତାଙ୍କର ମୃତ୍ୟୁ ହେଲା । ପିତା ସେମାନଙ୍କ ଲାଗି ପ୍ରଚୁର ସମ୍ପତ୍ତି ରଖିଯାଇଥିଲେ । ତାକୁ ବାଣ୍ଟି ନେବା ଏକ ଜଟିଳ ବ୍ୟାପାର । ତହୁଁ ଦୁହେଁ ସ୍ଥିର କଲେ ସମ୍ପତ୍ତିକୁ ନିଲାମ କରାଇ ଦେବେ । ଦୁଇ ଭାଇଙ୍କ ମଧ୍ୟରୁ ଯାହାର ଯାହା ଦରକାର ସେ ତାହା ନିଲାମ ଡାକି ନେବ । ମୋଟ ଯେଉଁ ଅର୍ଥ ମିଳିବ ତାକୁ ଉଭୟେ ବାଣ୍ଟି ନେବେ । ଶେଷରେ ସେଇଆହିଁ ହେଲା ।

ସେମାନଙ୍କ ବାପାଙ୍କର ଗୋଟାଏ ବଡ଼ ସୁନାର ଘଣ୍ଟାଥିଲା । ସେ ଅଂଚଳରେ ଆଖ ପାଖ ସବୁ ଲୋକେ ସେଇ ଘଣ୍ଟା ବିଷୟ ଜାଣନ୍ତି,ସେପରି ସୁନାଘଣ୍ଟା ସେ ଅଂଚଳରେ ଆଉ କାହାରି ନଥିଲା । ନିଲାମରେ ସେଇଟି ଡକାହେଲା ବେଳେ ସେ ଅଂଚଳର କେତେକ ଧନୀ ଲୋକ ସେଇଟିକୁ ନେବେ ବୋଲି ଭାବୁଥିଲେ । ମାତ୍ର ଦୁଇ ଭାଇ ସେଇଟିକୁ ନେବାଲାଗି ଦୁହେଁ ନିଲାମରେ ଡାକିବାରୁ ସେମାନେ ତହିଁରୁ ନିବର୍ତ୍ତି ଗଲେ । ଝାର୍ଡ଼ ଭାବୁଥାଏ, ଘଣ୍ଟାଟିକୁ ସେ ନେବାକୁ ଯେତେବେଳେ ନିଲାମ ଡ଼ାକୁଛି, ଏଣ୍ଡ୍ରର୍ସ ନିଲାମରେ ତା' ଉପରେ ଆଉ ଅଧିକ ବଢ଼ିବ ନାହିଁ । ଠିକ୍ ସେଇପରି ଏଣ୍ଡ୍ରର୍ସ

ଭାବୁଥାଏ—ଘଣ୍ଟାଟି ଯେପରି ସେ ପାଇବ, ସେଥିପାଇଁ ବାର୍ଡ଼ ଆଉ ଅଧିକ ନିଲାମରେ ଡାକିବ ନାହିଁ । ମାତ୍ର କେହି କାହାରିକୁ ଛାଡ଼ିଲେ ନାହିଁ । ଉଭୟେ ଅଧିକରୁ ଅଧିକ ଟଙ୍କା ନିଲାମ ଡାକିଲେ । ଉଭୟେ ପରସ୍ପରକୁ କଠିନ ଦୃଷ୍ଟିରେ ଚାହିଁଲେ । ଘଣ୍ଟାଟିର ଡାକ ଯେତେବେଳେ କୋଡ଼ିଏ ଡଲାର, ବାର୍ଡ଼ ମନେ ମନେ ଭାବିଲା ତା ଡାକ ଉପରେ ତା ସାନଭାଇର ବେଶୀ ବଢ଼ିବାଟା ନିହାତି ହୃଦୟହୀନ କଠୋରତା । ବିରକ୍ତରେ ସେ ଶେଷକୁ ତିରିଶି ଡଲାର ଡାକିଲା । ତଥାପି ଏଣ୍ଡ୍ରସ ଅପସରି ଗଲାନାହିଁ । ଏହାଦେଖି ବାର୍ଡ଼ କ୍ଷୁବ୍ଧ ହୋଇ ଭାବିଲା, ସେ ବଡ଼ ଭାଇ ଏଣ୍ଡ୍ରସକୁ କେତେ ସାହାଯ୍ୟ କରିଛି — ସେ କ'ଣ ସେ ସବୁ ଭୁଲିଗଲା ।

ଡାକ ତିରିଶିରୁ ବଢ଼ିଲା । ଏଣ୍ଡ୍ରସ୍ ତଥାପି ଡାକୁଥାଏ । ବାର୍ଡ଼ ଆଉ ସାନଭାଇ ମୁହଁକୁ ନ ଚାହିଁ ଚାଳିଶ ଡଲାର ଡାକିଲା । ନିଲାମ ଡକା ଯାଉଥିବା ପ୍ରକୋଷ୍ଠଟି ମାରିକ ନିସ୍ତବ୍ଧ । କେବଳ ମଧ୍ୟସ୍ଥ ବ୍ୟକ୍ତିଟି ଶାନ୍ତ ଭାବରେ ଡାକ ଚାଳିଥାଏ ।

ଏଣ୍ଡ୍ରସ ଭାବିଲା, ଯଦି ବାର୍ଡ଼ ବଢ଼ିକରି ଚାଳିଶ ଡଲାର ଯାଏଁ ଗଲା, ସେ ଛାଡ଼ିବ କାହିଁକି ? ଅନୁଚ୍ଚ କଣ୍ଠରେ ସେ ଡାକିଲା—'ପଚାଶ ଡଲାର ।' ସେଠି ଅନେକ ଲୋକ ସମବେତ ହୋଇଥାନ୍ତି । ଏଣ୍ଡ୍ରସ ମନକୁ ମନ କହିଲା—ମୋତେ ସମସ୍ତଙ୍କ ଆଗେ ଭାଇ ଉପହସିତ କରାଇବାକୁ ବସିଛି । ମୁଁ ତାହା କରାଇ ଦେବି ନାହିଁ । ସେ ଆହୁରି ଡାକ ବଢାଇଲା ।

ବାର୍ଡ଼ ହଠାତ୍ ଅହଙ୍କାରରେ ହସି କହିଲା—'ଭାଇ ପଣିଆକୁ ବାଜି ରଖି ମୁଁ ଡାକୁଛି ୧୦୦ ଡଲାର' ଏହା କହି ସେ ବୁଲିପଡ଼ି ଘରଛାଡ଼ି ଚାଲିଗଲା । ଏହାପରେ ସେ ଯାଇ ଘୋଡ଼ାରେ ବସି ଚାଲି ଯିବାକୁ ଉଦ୍ୟତ ହେଲାବେଳେ ଜଣେ ଲୋକ ଆସି ତାକୁ କହିଲା—

'ଘଣ୍ଟାଟି ତୁମର ହେଲା; ଏଣ୍ଡ୍ରର୍ସ ଆଉ ବଡ଼ିଲା ନାହିଁ ।' ଏହି ସମ୍ବାଦଟି ଶୁଣିବା ମାତ୍ରେ ତା'ର ମନରେ ଅନୁତାପର ଭାବନା ଖେଳିଗଲା । ସେ ଘଣ୍ଟା ପରିବର୍ତ୍ତେ ତାର ଭାଇ ବିଷୟ ଭାବିବାକୁ ଲାଗିଲା । ଘୋଡ଼ା ଉପରେ ହାତ ରଖି ଘୋଡ଼ାରୁ ଓହ୍ଲାଇବ କି ନାହିଁ ଭାବୁଭାବୁ ମୁହୂର୍ତ୍ତକ ଲାଗି ସେ ନିଶ୍ଚଳ ଭାବେ ବସି ରହିଲା ।

ବହୁ ଲୋକଙ୍କ ସହିତ ଏଣ୍ଡ୍ରର୍ସ ବାହାରି ଆସିଲା । ଭାଇକୁ ଘୋଡ଼ା ଉପରେ ଦେଖି ଭାଇର ହୃଦୟ-ମନ୍ଥନ ବିଷୟ ଧାରଣା କରି ନପାରି ସେ ଉଚ୍ଚ କଣ୍ଠରେ କହି ପକାଇଲା—"ହଉ ଭାଇ, ଘଣ୍ଟାଟି ଲାଗି ଧନ୍ୟବାଦ ! ମାତ୍ର ତୁମ ଦୁଆରେ ଏ ଭାଇର ପାଦ ଆଉ କେବେ ପଡ଼ିବ ନାହିଁ ।"

"ମୁଁ ବି କେବେ ତୋ ଦୁଆର ଗୁଇ ମାଡ଼ିବି ନାହିଁ ।" ଘୋଡ଼ା ଉପରକୁ ଝୁଙ୍କିପଡ଼ି ମଳିନ ମୁଖରେ ବାର୍ଡ଼ ଉତ୍ତର ଦେଲା ।

ସେହିଦିନ ଠାରୁ ଯେଉଁ ଗୃହରେ ଦୁହେଁ ପିତା ମାତାଙ୍କ ସହ ଏକାଠି ବାସ କରୁଥିଲେ ତାହା ତ୍ୟାଗ କରି ଅନ୍ୟତ୍ର ରହିଲେ ।

କିଛିଦିନ ପରେ ଏଣ୍ଡ୍ରର୍ସ—ଏକ କୃଷକ ପରିବାରରେ ବିବାହ କଲା । ବିବାହ ଉତ୍ସବକୁ ସେ ବାର୍ଡ଼କୁ ନିମନ୍ତ୍ରଣ କଲା ନାହିଁ । ବାର୍ଡ଼ ବି ଗୀର୍ଜାକୁ ଯାଇ ନଥିଲା । ବିବାହର ପ୍ରଥମ ବର୍ଷ ତାର ଏକମାତ୍ର ଗାଈଟି ମରିଗଲା । ହଠାତ୍ କିପରି ଓ କାହିଁକି ଗାଈଟି ମରିଗଲା କେହି ତାହା ଜାଣି ପାରିଲେ ନାହିଁ । ତାକୁ ଗୋଟାଏ ପରେ ଗୋଟାଏ ଦୁର୍ଭାଗ୍ୟର ସମ୍ମୁଖୀନ ହେବାକୁ ପଡ଼ିଲା କ୍ରମେ ତାର ଅବସ୍ଥା ଶୋଚନୀୟ ହୋଇଗଲା । ହଠାତ୍ ଦିନେ ଶୀତ ଋତୁର ରାତ୍ରରେ ତାର ଧାନଗଦାରେ ନିଆଁ ଲାଗି ତାର ସମସ୍ତ ସଂଚିତ ଶସ୍ୟ ଭସ୍ମୀଭୂତ ହୋଇଗଲା । ଏଥିରେ ସେ ଖୁବ୍

ଭାଙ୍ଗି ପଡ଼ିଲା । ଉପର ଯେ ତା' ଧାନଗଦାରେ ନିଆଁ ଲାଗିଲା ତା ମଧ୍ୟ କେହି ଜାଣି ପାରି ନଥିଲେ ।

ଏଣ୍ଡ୍ରର୍ସ କେବଳ କହିଲା—'ଏସବୁ ମୋର ଅମଙ୍ଗଳ ଚାହୁଁଥିବା କୌଣସି ଲୋକ ଦ୍ୱାରା ହୋଇଛି ।' ଏହା କହି ସେ ସାରା ରାତି କାନ୍ଦିଲା । ଏହିପରି ସର୍ବସ୍ୱ ହରାଇ ଦରିଦ୍ର ହୋଇ-ଯିବାରୁ କାମ କରିବାକୁ ସମସ୍ତ ଉତ୍ସାହ ମଧ୍ୟ ତା ମନ ମନରୁ ମରିଗଲା ।

ନିଆଁ ଲାଗିବା ପରଦିନ ସନ୍ଧ୍ୟାରେ ବାର୍ଡ୍ ସାନଭାଇ ଘରେ ପହଞ୍ଚିଲା । ଏଣ୍ଡ୍ରର୍ସ ଶୋଇଥିଲା । ବାର୍ଡ୍ ଗୃହ ମଧ୍ୟକୁ ପ୍ରବେଶ କରିବା ମାତ୍ରେ ସେ ଉଠି ବସିଲା । ଏଠି ତମେ କ'ଣ ଚାହଁ ?' ଏଣ୍ଡ୍ରର୍ସ ଏହା ପଚାରି ହଠାତ୍ ରହିଗଲା । ତା'ପରେ ବଡ଼ ଭାଇ ମୁହଁକୁ ତୀକ୍ଷ୍ଣ ଓ ଏକାଗ୍ର ଦୃଷ୍ଟିରେ ଚାହିଁ ରହିଲା ।

ବାର୍ଡ୍ ଟିକଏ ରହି ଉତ୍ତର ଦେଲା—"ଏଣ୍ଡ୍ରର୍ସ, ତୋର ଦଶା ଖରାପ ପଡ଼ିଛି । ମୁଁ ତୋତେ ସାହାଯ୍ୟ କରିବାକୁ ଚାହେଁ ।"

"ତମେ ଯାହା ଚାହଁ ତା' ଠାରୁ ତ ମୁଁ ବେଶୀ ଖରାପ ଅବସ୍ଥାରେ ନାହିଁ । କହୁଛି ତମେ ଏଠୁ ଚାଲିଯାଅ । ମୋର ମନ ଠିକ୍ ନାହିଁ—ହୁଏତ ମୁଁ ସମ୍ଭାଳି ନପାରି—।"

"ଏଣ୍ଡ୍ରର୍ସ ତୁ ମୋତେ ଭୁଲ ବୁଝୁଛୁ—ମୁଁ ବଡ଼ ଦୁଃଖିତ ଯେ—"

"ଭାଇ, ତମେ ଏଠୁ ଚାଲି ଯାଅ, କହୁଛି"...... ..

ବାର୍ଡ୍ ପାଦେ ପଛକୁ ଘୁଞ୍ଚି ଗଲା । ତା'ପରେ ଥରିଲା କଣ୍ଠରେ କହିଲା—'ତୁ ଯଦି ଘଣ୍ଟାଟି ଚାହୁଁ ମୁଁ ତା' ଦେଇଦେବି ।'

ଏଣ୍ଡ୍ରର୍ସ ଚିତ୍କାର କରି କହିଲା—'ବାହାରି ଯାଅ କହୁଛି ।' ଅନିଚ୍ଛାକ୍ରମେ ବାର୍ଡ୍ ସେହି ସ୍ଥାନ ତ୍ୟାଗ କଲା ।

ବାର୍ଡ଼ ଇତି ପୂର୍ବେ ଯେତେବେଳେ ସାନଭାଇର ଦୁର୍ଭାଗ୍ୟ ବିଷୟ ଶୁଣିଲା, ତାର ହୃଦୟରେ ଅନୁକମ୍ପା ଜାତ ହେଲା । ମାତ୍ର କପରି ସେ ତା' ପାଖକୁ ଯିବ ? ଅହଂକାର ତାର ପଥରୁଦ୍ଧ କରୁଥାଏ । ଗୀର୍ଜାକୁ ଯାଇ ତାହାସଙ୍ଗେ ସାକ୍ଷାତ କରିବାକୁ ବି ତାହାର ମନ ହେଉଥିଲା । ସେଇଠି ସେ ଭଲରେ ସବୁ ବିଷୟ ନିଷ୍ପତ୍ତି କରିଦେବାକୁ ପ୍ରତିଜ୍ଞା କରିଥିଲା । ମାତ୍ର ତାହା କାର୍ଯ୍ୟକାରୀ କରିବାକୁ ସେ ମଧ୍ୟ ଶକ୍ତିହୀନ ବୋଧ କରିଥିଲା । ଅନେକ ଥର ସେ ଏଣ୍ଡ୍ରର୍ସ ଘର ପର୍ଯ୍ୟନ୍ତ ଯାଏ । କେବେ ଦେଖିବାକୁ ପାଏ, କେହି ଅପରିଚିତ ବ୍ୟକ୍ତି ତା' ଘରୁ ବାହାରି ଆସୁଚନ୍ତି, କେତେବେଳେ ଏଣ୍ଡ୍ରର୍ସକୁ ବାହାରେ କାଠ ହାଣୁ ଥିବାର ଦେଖେ । ଏମିତି କିଛି ନା କିଛି ପ୍ରତିବନ୍ଧକର ସମ୍ମୁଖୀନ ହୋଇ ସେ ଅନେକ ଥର ଫେରି ଆସିଚି ।

ଶେଷକୁ ଶୀତ ଋତୁର ଶେଷ ରବିବାର ଦିନ ସେ ଗୀର୍ଜାକୁ ଗଲା । ସେଦିନ ଏଣ୍ଡ୍ରର୍ସ ମଧ୍ୟ ଗୀର୍ଜାକୁ ଯାଇଥାଏ । ବାର୍ଡ଼ ତାକୁ ଦେଖିଲା—ଏଣ୍ଡ୍ରର୍ସ ବହୁତ ଦୁର୍ବଳ, ରୋଗା ଓ ମଳିନ ଦେଖା ଯାଉଥାଏ, ସେମାନେ ଏକାଠି ଥିବା ବେଳେ ସେ ଯେଉଁ ପୋଷାକ ପିନ୍ଧୁଥିଲା ଏବେ ତାଳିପଡ଼ିଥିବା ସେଇ ପୁରୁଣା ପୋଷାକକୁ ସେ ପିନ୍ଧିଚି । ପୂଜା ପାଠ ବେଳେ ସମସ୍ତ ସମୟ ଏଣ୍ଡ୍ରର୍ସ ଏଣେତେଣେ ନ ଚାହିଁ ଏକାଗ୍ର ଦୃଷ୍ଟିରେ କେବଳ ପୁରୋହିତଙ୍କ ଆଡ଼କୁ ଅନାଇ ରହିଥାଏ । ସେମାନଙ୍କ ଶୈଶବର ବିଷୟସବୁ ବାର୍ଡ଼ର ମନେ ପଡ଼ିଗଲା । ଏଣ୍ଡ୍ରର୍ସ ସର୍ବଦା ନମ୍ର, ବିନୟୀ; ଏଣ୍ଡ୍ରର୍ସ ସତରେ କେତେ ଭଲ ପିଲା ଥିଲା ! ସେଦିନ ଠାକୁରଙ୍କ ନିକଟକୁ ଯାଇ ସେ ଶପଥ ନେଲା—'ଯାହା ହେଉ ପଛକେ ସେ ତା' ସଙ୍ଗେ ଯାଇ ମିଳାମିଶା କରିଇ ନେବ ।'

ସେଇଆ କରିବାକୁ ସେ ଅଧୀର ହୋଇ ପଡ଼ିଲା । ବସିବା ସ୍ଥାନରୁ ଉଠି ସେ ଏଣ୍ଡ୍ରସ୍ ନିକଟସ୍ଥ ଆସନରେ ବସିବାକୁ ମନସ୍ଥ କରୁଛି ଏପରି ସମୟରେ ଆଉ ଜଣକୁ ସେହିଠାରେ ବସିବାକୁ ଯାଉଥିବାର ଦେଖି ସେ ତହିଁରୁ ନିବୃତ୍ତ ହେଲା । ଏଣ୍ଡ୍ରସ୍ ମଧ୍ୟ ତା' ଆଡ଼କୁ ଆଦୌ ଦୃଷ୍ଟି ନଥାଏ । ପୂଜା ପାଠ ପରେ ମଧ୍ୟ ଅନ୍ତରାୟ ସୃଷ୍ଟି ହେଲା । ଗୀର୍ଜାରେ ବହୁତ ଲୋକ; ଏଣ୍ଡ୍ରସ୍ ସଙ୍ଗେ ତା' ସ୍ତ୍ରୀ ମଧ୍ୟ ରହିଛି । ତା' ସ୍ତ୍ରୀକୁ ସେ ଭଲଭାବେ ଜାଣେ ନାହିଁ । ଏଣ୍ଡ୍ରସ୍ ଘରକୁ ଯାଇ ତା' ସଙ୍ଗେ ସାକ୍ଷାତରେ ଶାନ୍ତ ଭାବେ ସବୁ କଥା ନିଷ୍ପତ୍ତି କରିଦେବାକୁ ସେ ଶ୍ରେୟସ୍କର ମନେକଲା ।

ରାତି ହେବାରୁ ସେ ଏଣ୍ଡ୍ରସ୍ ଗୃହକୁ ଯାତ୍ରା କଲା । ସିଧା ସେ ତା' ଦ୍ୱାର ପାଖକୁ ଗଲା । ମାତ୍ର ସେଇ ଦ୍ୱାର ପାଖେ ସେ ହଠାତ୍ ରହିଗଲା । ଶୁଣିବାକୁ ପାଇଲା, ଏଣ୍ଡ୍ରସ୍ ସ୍ତ୍ରୀ ତା'ର ନାଁ ଉଚ୍ଚାରଣ କରୁଛି । ସେ କହୁଥାଏ—"ସେ'ତ ଆଜି ଗୀର୍ଜାକୁ ଯାଇଥିଲେ । ମୋର ପୂର୍ଣ୍ଣ ବିଶ୍ୱାସ, ସେ ତୁମ କଥା ଭାବୁଥିଲେ ।"

"ନା ସେ ମୋ କଥା ମୋଟେ ଭାବୁ ନଥିଲେ । ମୁଁ ତାଙ୍କୁ ଜାଣେ, ସେ ଆପଣା କଥାହିଁ କେବଳ ଭାବନ୍ତି ।" ଏଣ୍ଡ୍ରସ୍ କହିଲା ।

ତା'ପରେ ଦୀର୍ଘ ନୀରବତା । ଶୀତ ରାତି ହେଲେ ହେଁ ସେଇଠି ଠିଆ ହୋଇ ବାର୍ଡର ଦେହ ଘର୍ମାକ୍ତ ହୋଇଗଲା । ଏଣ୍ଡ୍ରସ୍ ସ୍ତ୍ରୀ ଘରଭିତରେ କଣ ଖୋଷେଇ କରିବାରେ ବ୍ୟସ୍ତ ଥାଏ । ଚୁଲି ଜଳୁଥାଏ । ମଝିରେ ମଝିରେ ଛୁଆଟାଏ କାନ୍ଦୁଥାଏ । ଏଣ୍ଡ୍ରସ୍ ତାକୁ ଥାପୁଡ଼ାଇ ବୁଝାଉଥାଏ । ଅବଶେଷରେ ତା' ସ୍ତ୍ରୀ କହିଲା—"ମୋର ପୂର୍ଣ୍ଣ ବିଶ୍ୱାସ, ତୁମେ ଦୁହେଁ ଯାକ ପରସ୍ପର କଥା ଭାବୁଛ । ମାତ୍ର କେହି ତାହା ସ୍ୱୀକାର କରିବାକୁ ରାଜି ନୁହଁ ।"

ଏଣ୍ଡ୍ରର୍ସ କହିଲା—'ହଉ ସେକଥା ଥାଉ । ଆଉ କେଉଁବିଷୟ ଚଳାଅ ।' କିଛି ସମୟପରେ ସେ ବାହାରକୁ ଯିବାଲାଗି ଉଠି ଠିଆ ହେଲା । ବାର୍ଡ଼ ବାଧ୍ୟ ହୋଇ କାଠଗଦା ପଛଆଡ଼େ ଲୁଚି ଗଲା । ଏଣ୍ଡ୍ରର୍ସ ଦୁଇବଡ଼ା କାଠ ନେବାକୁ ସେଇ ଗଦା ପାଖକୁ ଆସିଲା । ବାର୍ଡ଼ ଲୁଚିଥିବା ଯାଗାରୁ ଏଣ୍ଡ୍ରର୍ସକୁ ପରିଷ୍କାର ଦେଖି ପାରିଲା । ସେମାନେ ସାଥୀ ହୋଇ ଥିବା ବେଳେ ଦୁହେଁ ଏକାଭଳିର ଯେଉଁ ପୋଷାକ କରିଥିଲେ, ଏଣ୍ଡ୍ରର୍ସ ସେଇ ପୋଷାକକୁହିଁ ପିନ୍ଧିଥାଏ । ସେଇଟି ଅତ୍ୟନ୍ତ ଜୀର୍ଣ୍ଣ ଓ ମଳିନ ହୋଇ ଯାଇଥାଏ, ତାଳି ପଡ଼ିଥାଏ । ସେଇ ପୋଷାକକୁ ନପିନ୍ଧି ତାହା ସନ୍ତାନ ସନ୍ତତି ମାନଙ୍କ ପାଇଁ ରଖିଯିବାକୁ ଦୁହେଁ ପ୍ରତିଜ୍ଞା କରିଥିଲେ । ପକେଟ ଭିତରୁ ସୁନା ଘଣ୍ଟାଟିର ଟିକ୍ ଟିକ୍ ଶବ୍ଦ ବାର୍ଡ଼ ଶୁଣିବାକୁ ପାଉଥାଏ । ଏଣ୍ଡ୍ରର୍ସ କାଠଗଦା ପାଖକୁ ଗଲା । ମାତ୍ର କାଠନେବା ଲାଗି ସଙ୍ଗେ ସଙ୍ଗେ ନଇଁ ନପଡ଼ି ସେ କାଠ ଗଦାକୁ ପିଠି କରି ଆଉଜି ତାରକା ଖଚିତ ଉଜ୍ଜଳ ଆକାଶ ଆଡ଼କୁ ଅନାଇ ରହିଲା । ଦୀର୍ଘ ନିଶ୍ୱାସ ପକାଇ ଆପଣା ମନକୁ ଗୁଣୁ ଗୁଣୁ ହୋଇ କହିଲା "ଆଚ୍ଛା, ଆଚ୍ଛା, ହେ ଭଗବାନ !"

ବଞ୍ଚିଥିବା ପର୍ଯ୍ୟନ୍ତ ବାର୍ଡ଼ ତାର ସେଇ କଥା କେତେ ପଦ ଭୁଲି ପାରିନଥିଲା । ସେ କଥା ଶୁଣି ସେ ସଙ୍ଗେ ସଙ୍ଗେ ଲୁଚିବା ଯାଗାରୁ ବାହାରକୁ ବାହାରି ଆସିବାକୁ ବସିଥିଲା । ମାତ୍ର ସେତିକି ବେଳକୁ ଏଣ୍ଡ୍ରର୍ସ କାଶିବାରୁ ବାହାରକୁ ବାହାରିବା ତା ପକ୍ଷେ ସୁବିଧା-ଜନକ ମନେ ହୋଇ ନଥିଲା । ବେଶୀ ସମୟ ମଧ୍ୟ ତାକୁ ଲୁଚିବାକୁ ପଡ଼ିନଥିଲା । ଏଣ୍ଡ୍ରର୍ସ ବୋଝେ ଜାଳି ନେଇ ବାର୍ଡ଼ ପାଖଦେଇ ଚାଲିଗଲା ।

ପ୍ରାୟ ଦଶମିନିଟରୁ ବେଶୀ ସମୟ ସେ ସ୍ଥାଣୁ ଭଳି ସେଇଠାରେ ଠିଆ ହୋଇ ରହିଲା । କେତେ ସମୟ ଧରି ଯେ ସେ ଅଭିଭୂତ

ହୋଇ ସେମିତି ଠିଆ ହୋଇ ରହିଥାଆନ୍ତା କେଜାଣି । ମାତ୍ର ଶୀତଳ ପବନରେ ତାର ମଂଜ ଥରବାକୁ ଲଗିଲା । ତା ପରେ ସେ ସେଠା ତ୍ୟାଗ କରି ଗ୍ଲଲଗଲା । ମନେ ମନେ ସ୍ୱୀକାର କଲା ଯେ ସେ ଅତିଶୟ ଭୀରୁ ଓ କାପୁରୁଷ । ସେ ଆଜି ଗୋଟାଏ ମତଲବ ଫାନ୍ଦିଲା । ଯେଉଁ କଣରେ ସେ ଠିଆ ହୋଇ ଥିଲା ତାହାପାଖରେ ଏଣ୍ଡ୍ରେର୍ସର ପାଉଁଶ ଗଦା । ସେଥିରେ କେତୋଟି ନିଆଁଗୁଲ ଜୁଳୁ ଜୁଳୁ ହେଉଥାଏ । ବାର୍ଡ୍ ଖଣ୍ଡେ ରଡ଼ ନିଆଁ ଆଣି ଏଣ୍ଡ୍ରେର୍ସର ଖଳା ବାଗ ଭିତରକୁ ଗଲା; ନିଆଁକୁ ଫୁଙ୍କି ନିଜ ମଶାଲଟି ଜଳାଇଲା । ପାହାନ୍ତାରେ ବାର୍ଡ଼ ନିଶ୍ଚୟ ଧାନ ବାଡ଼େଇବାକୁ ଖଳାବାଗକୁ ଆସିବ । ଯେଉଁ କାଠ ଉପରେ ସେ କଳେଇ ବାଡ଼େଇବ, ଠିକ୍ ତାର ଉପରେ ସେ ସୁନା ଘଣ୍ଟାଟିକୁ ପକେଟରୁ କାଢି ଝୁଲାଇ ଦେଲା । ତା'ପରେ ମଶାଲ ନିଭାଇ ସେ ଆପଣା ଘରକୁ ଫେରିଗଲା । ଏତେ ଆଶ୍ୱସ୍ତ ବୋଧ କଲା ଯେ ଏକପ୍ରକାର ପିଲାଙ୍କ ଭଳି ଧାଇଁ ଧାଇଁ ଯାଇ ସେ ତା' ଘରେ ପହଞ୍ଚିଥିଲା ।

ତା'ପରଦିନ ସେ ଶୁଣିଲା, ଏଣ୍ଡ୍ରେର୍ସର କଳେଇ ଗଦାରେ ନିଆଁ ଲଗି ତାହା ଭସ୍ମିଭୂତ ହୋଇ ଯାଇଛି । ସମ୍ଭବତଃ ସେ ଘଣ୍ଟାଟି ରଖିବାଲାଗି, ରଡ଼ ନିଆଁକୁ ଫୁଙ୍କି ମଶାଲକୁ ଜଳାଇଲା-ବେଳେ ଅଗ୍ନିକଣିକା ସବୁ ଉଡ଼ି କଳେଇ ଗଦାରେ ନିଆଁ ଧରିଛି । ଏହା ଶୁଣି ସେ ଅତ୍ୟନ୍ତ ଚମକିତ ଓ ମୂହ୍ୟମାନ ହୋଇ ପଡ଼ିଲା – ସାରାଦିନ ଅସୁସ୍ଥଭାବେ କଟାଇଲା; ଉପାସନା ପୁସ୍ତକ ଆଣି ସ୍ତୋତ୍ର ପାଠକଲା । ଘର ଲୋକେ ମନେକଲେ ତାଙ୍କର ବିଶେଷ କିଛି ଗୁରୁତର ଘଟଣା ଘଟିଛି । ମାତ୍ର ସନ୍ଧ୍ୟା ହେବା ମାତ୍ରେ ସେ ଆଉ ଘରେ ରହି ପାରିଲା ନାହିଁ । ଜଙ୍ଗଲ

ଚନ୍ଦ୍ରାଲୋକିତ ରାତିରେ ସେ ଏଣ୍ଡ୍ରସ ଗୁହାଭିମୁଖେ ଯାତ୍ରା କଲା। ତାର ଭସ୍ମୀଭୂତ କଲେଇ ଗଦା ନିକଟରେ, ଠିକ୍ ଯେଉଁଠି ସେ ଘଣ୍ଟାଟି ରଖି ଆସିଥିଲା, ସେଇ ପାଉଁଶ ଗଦା ଭିତରେ ଦରଣ୍ଡି ଖୋଜିଲା। କିନ୍ତୁ ସମସ୍ତ ଖୋଜିଲା ପରେ ସେ ନିଶ୍ଚିନ୍ତ ଭାବେ ସେଇ ସୁନା ଘଣ୍ଟାର ଅବଶିଷ୍ଟାଂଶ ତରଳି ଯାଇଥିବା ଶ୍ରେଷ୍ଠ ସୁନା ମୁଣ୍ଡାଟିଏ ପାଇଲା।

ତାହାକୁହିଁ ହାତରେ ଧରି ଉଲ୍ଲସିତ ଭାବେ ସେ ଯାଇଥିଲା ତା ସାନଭାଇ ପାଖକୁ। ଭାବିଥିଲା, ଭାଇକୁ ସବୁକଥା ବୁଝାଇ ସେ ମିଳାମିଶା କରି ଆସିବ। ମାତ୍ର ସେଦିନ ରାତିରେ କ'ଣ ସବୁ ଘଟିଲା ତା' ପୂର୍ବରୁ କୁହା ଯାଇଛି।

ବାର୍ଡ ପାଉଁଶ ଆଡ଼ିଜ ଥିବାର ଗୋଟିଏ ଶ୍ରେଷ୍ଠ ଝିଅ ଦେଖିଥିଲା। ସେ ସେଦିନ ରାତିରେ ଏଣ୍ଡ୍ରସ ଘର ଆଡ଼କୁ ଯାଉଥିବାର ଗୁଡ଼ିଏ ପିଲା ଖେଳିବାକୁ ଯାଉ ଯାଉ ଦେଖିଥିଲେ। ତା' ପରଦିନ ତା'ର ବିଚିତ୍ର ଆଚରଣ ପାଖ ପଡ଼ୋଶୀଙ୍କର ଆଲୋଚନାର ବିଷୟ ହେଲା। ଭାଇ ସଙ୍ଗେ ତାର ଶତ୍ରୁତା ଥିବା ବିଷୟ ସମସ୍ତେ ଜାଣିଥିଲେ। ଏଣୁ ଏଇସବୁ ବିଷୟ ସ୍ଥାନୀୟ କର୍ମକର୍ତ୍ତାଙ୍କ ଗୋଚରୀଭୂତ ହେବାକୁ ବିଳମ୍ବ ହୋଇ ନଥିଲା। ସେହି ବିଷୟରେ ଯଥାବିଧି ଅନୁସନ୍ଧାନ ହେଲା। ମାତ୍ର ବାର୍ଡ ବିରୁଦ୍ଧରେ କେହି କୌଣସି ବିଷୟ ପ୍ରମାଣ ଦେଇ ପାରିଲେ ନାହିଁ।

କଲେଇ ଗଦା ପୋଡ଼ିବା ସମ୍ପର୍କରେ ଏଣ୍ଡ୍ରସ ବାର୍ଡକୁ ସନ୍ଦେହ କରିଥିଲା। ମାତ୍ର ସେ ତାହା କାହାରି ଆଗେ ପ୍ରକାଶ କରି ନଥିଲା। ସେଇ ଘଟଣା ଘଟିବା ପରଦିନ ସନ୍ଧ୍ୟାରେ ବାର୍ଡ ମଳିନ ମୁଖରେ ବିଚିତ୍ରଭାବେ ତା ଘରକୁ ଆସିଥିଲା। ତାର

ଅପରାଧ ଅକ୍ଷମଣୀୟ । ନଆଁ ଲାଗିବାଦିନ ସନ୍ଧ୍ୟାରେ ତା ଖଳାରେ ବାର୍ଡ୍ ପ୍ରବେଶ କରିବା କଥା ସେ ଲୋକଙ୍କଠାରୁ ଶୁଣିଛି । ଅନୁସନ୍ଧାନ ଫଳରେ ସେ ସବୁ ପ୍ରମାଣିତ ହୋଇ ନପାରିଲେହେଁ ତା'ର ଭାଇ ଯେ ଦୋଷୀ ଏ ବିଷୟରେ ସେ ସୁନିଶ୍ଚିତ ।

ମକଦ୍ଦମା ବିଚାର ଶୁଣିବା ଦିନ ଦୁହିଁଙ୍କର ସାକ୍ଷାତ ହେଲା । କଚେରୀକୁ ବାର୍ଡ ଭଲ ପୋଷାକ ପିନ୍ଧି ଓ ଏଣ୍ଡ୍ରର୍ସ ତା'ର ଛିଣ୍ଡା ପୋଷାକ ପିନ୍ଧି ଆସିଥାଏ । ପ୍ରବେଶ କରିବା ମାତ୍ରେ ବାର୍ଡ ଏଣ୍ଡ୍ରର୍ସଙ୍କୁ ଦେଖିଲା । ଏଣ୍ଡ୍ରର୍ସ ବାର୍ଡ୍ ଆଖିରେ ଦେଖିବାକୁ ପାଇଲା ମିନତିର ଆଭାସ । ସେ ଭାବିଲା, ମୁଁ କିଛି ପ୍ରକାଶ ନକରେ ଏହାହିଁ ନିଶ୍ଚୟ ବାର୍ଡ୍‌ର ଅଭିପ୍ରାୟ । କାଳେଇ ଗଦା ପୋଡ଼ିବା ସମ୍ପର୍କରେ ସେ ତାର ବଡ଼ ଭାଇକୁ ସନ୍ଦେହ କରେ କି ? ଏହି ପ୍ରଶ୍ନ ପଚାରିବାରୁ ସେ ସ୍ପଷ୍ଟଭାବେ ଉଚ୍ଚ କଣ୍ଠରେ 'ନାହିଁ' କହିଲା ।

ତା'ପରଦିନଠାରୁ ଏଣ୍ଡ୍ରର୍ସ ବହୁତ ମଦ୍ୟପାନ କରିବାକୁ ଲାଗିଲା । କ୍ରମେ ତା'ର ଅବସ୍ଥା ଅତ୍ୟନ୍ତ କରୁଣ ହୋଇ ପଡ଼ିଲା । ସେ ଏପରି ବଦଳି ଗଲା ଯେ ତାକୁ ଚିହ୍ନିବା ମଧ୍ୟ ଲୋକଙ୍କ ପକ୍ଷେ କଷ୍ଟକର ହେଲା ।

ଦିନେ ସନ୍ଧ୍ୟା ହେବାର ବହୁ ବିଳମ୍ବରେ ଜଣେ ଦରିଦ୍ର ରମଣୀ ବାର୍ଡ୍ ରହୁଥିବା ଭଡ଼ାଘର ଭିତରେ ପ୍ରବେଶ କରି ବାର୍ଡ୍‌କୁ ତାଙ୍କ ସଙ୍ଗେ ଯିବାକୁ ଅନୁରୋଧ କଲେ । ବାର୍ଡ୍ ସେହି ମହିଳାଙ୍କୁ ଚିହ୍ନି ପାରିଲା – ସେ ହେଉଛି ତା ସାନ ଭାଇର ସ୍ତ୍ରୀ । ବାର୍ଡ୍ ଅବିଳମ୍ବେ ଏହି ଆହ୍ୱାନର ଅଭିପ୍ରାୟ ବୁଝିପାରିଲା । ମୃତ ବ୍ୟକ୍ତି-ପରି ତାର ମୁହଁ ଶେତା ପଡ଼ିଗଲା । ପୋଷାକ ପିନ୍ଧି ନୀରବରେ ସେ ତାଙ୍କୁ ଅନୁସରଣ କଲା ।

ଏଣ୍ଡ୍ରର୍ସ ଗୃହର ଝରକା ମଧ୍ୟରୁ ଏକ କ୍ଷୀଣ ଆଲୋକ ରେଖା ବାହାରକୁ ଆସୁଥାଏ; କେବେ ତାହା ମିଞ୍ଜି ମିଞ୍ଜି ହୋଇ ଅଦୃଶ୍ୟ ହୋଇ ଯାଉଥାଏ । ସେଇ ଆଡ଼କୁ ଲକ୍ଷ୍ୟ କରି ଉଭୟେ ଚାଲିଥାନ୍ତି । କାରଣ ବରଫ ପଡ଼ିବା ଯୋଗୁ ରାସ୍ତା ଢାଙ୍କି ହୋଇ ଯାଇଥାଏ । ଦ୍ୱାର ବନ୍ଧରେ ପାଦ ଦେବା ମାତ୍ରେ ଏକ ବିଚିତ୍ର ଗନ୍ଧରେ ବାର୍ଡ଼ଙ୍କୁ ଅସୁସ୍ଥ ହେଲାଭଳି ମନେ ହେଲା । ଉଭୟେ ଗୃହରେ ପ୍ରବେଶ କଲେ । ଗୋଟିଏ ପିଲାଟିଏ ଚୁଲିପାଖେ ବସି କୋଇଲା ଦେଉ-ଥାଏ । ତାର ମୁହଁପାକ କଳା । ସେ ଏମାନଙ୍କୁ ଚାହିଁ ତାର ଧଳା ଦାନ୍ତ ସବୁ ମେଲାଇ ହସିଲା । ସେ ହେଉଛି ତା’ ସାନଭାଇର ସନ୍ତାନ ।

ସବୁପ୍ରକାର ଲୁଗାପଟାରେ ଦେହ ଆବୃତ କରି ଶଯ୍ୟା ଉପରେ କ୍ଷୀଣ, ରୋଗ-ଜୀର୍ଣ୍ଣ ଏଣ୍ଡ୍ରର୍ସ ଶୋଇଥାଏ । ତା’ର ଉଚ୍ଚ, ମସୃଣ କପାଳ ବାହାରକୁ ବାହାରିପଡ଼ିଥାଏ । ଶୂନ୍ୟ ଦୃଷ୍ଟିରେ ସେ କେବଳ ଭାଇ ଆଡ଼କୁ ଅନାଇ ରହିଲା । ବାର୍ଡ଼ର ଆଣ୍ଠୁ ଥରୁଥାଏ । ଖଟ ଗୋଡ଼ପାଖେ ସେ ବସି ପଡ଼ିଲା; ଏବଂ ହଠାତ୍ ଦୁର୍ଦ୍ଦମନୀୟ କ୍ରନ୍ଦନର ବେଗ ସମ୍ଭରଣ କରି ନପାରି ଭୋ ଭୋ କରି କରି କାନ୍ଦି ଉଠିଲା ।

ମୃତ୍ୟୁପଥ ଯାତ୍ରୀ ଶାୟିତ ବ୍ୟକ୍ତିଟି ନବାଗତଙ୍କ ଗମ୍ଭୀର ଦୃଷ୍ଟିରେ ତା’ ଆଡ଼କୁ ଅନାଇ ରହିଲା । ଅବଶେଷରେ ଏଣ୍ଡ୍ରର୍ସ ତା ସ୍ତ୍ରୀକୁ ବାହାରକୁ ଚାଲି ଯିବାକୁ କହିଲା । ମାତ୍ର ବାର୍ଡ଼ ତାକୁ ରହିବାକୁ ନିର୍ଦ୍ଦେଶ ଦେଲା । ତା’ପରେ ଦୁଇଭାଇ ପରସ୍ପର ମଧ୍ୟରେ କଥାଭାଷା ହେଲେ । ଘଣ୍ଟା ନିଲାମ ଡାକିବା ପରଠାରୁ ସେଦିନଯାଏ ଯାହା ସବୁ ଘଟି ଯାଇଛି ସବୁକଥା ପଡ଼ିଲା । ସେଇ ସୁନା ମୁଣ୍ଡାଟି ଯାହାକୁ ବାର୍ଡ଼ ସର୍ବଦା ସଙ୍ଗେ ସଙ୍ଗେ ନେଇ ବୁଲୁ-

ଥିଲା ତାହା କାଟି ଦେଖାଇଲା । ସେମାନଙ୍କ କଥାଭାଷାରୁ ଜଣାଗଲା, ଏଇ କେତେବର୍ଷ ମଧ୍ୟରେ ଦିନକ ପାଇଁ ମଧ୍ୟ ସେମାନେ ସୁଖରେ ରହି ନାହାନ୍ତି ।

ଏଣ୍ଡ୍ରେସ୍ ଦେହରେ ଶକ୍ତି ନଥାଏ । ସେ ବେଶୀ କଥା କହିପାରୁ ନଥାଏ । ଏଣ୍ଡ୍ରେସ୍ ଭଲ ହେବାଯାଏ ବାର୍ଡ଼ ସବୁବେଳେ ତା' ଶଯ୍ୟା ପାଖରେ ଜଗି ରହିଲା । ଦିନେ ସକାଳୁ ଉଠି ଏଣ୍ଡ୍ରେସ୍ କହିଲା—"ବର୍ତ୍ତମାନ ମୁଁ ସଂପୂର୍ଣ୍ଣ ଭଲ ହୋଇଯାଇଛି; ଏଣିକି ଆମେ ପୂର୍ବେ ଯେପରି ଏକାଠି ରହୁଥିଲେ ସେହିପରି ରହିବା ।" ମାତ୍ର ସେହିଦିନହିଁ ତା'ର ମୃତ୍ୟୁ ହେଲା । ତା'ପରେ ତାର ବିଧବା ସ୍ତ୍ରୀ ଏବଂ ସନ୍ତାନ ମାନଙ୍କୁ ବାର୍ଡ଼ ନିଜ ଘରକୁ ନେଇଗଲା । ସେହି-ଦିନଠୁ ସେ ଯତ୍ନର ସହିତ ସେମାନଙ୍କ ସମସ୍ତ ବ୍ୟବସ୍ଥା କଲା । ସେଦିନ ରାତିରେ ଶଯ୍ୟା ପାଖରେ ଦୁଇ ଭାଇଙ୍କ ମଧ୍ୟରେ ଯେଉଁ କଥାଭାଷା ହୋଇଥିଲା ତାହା ଆଖପାଖରେ ସମସ୍ତେ ଜାଣି ପାରିଲେ । ସେହି ଦିନୁ ବାର୍ଡ଼କୁ ସମସ୍ତେ ସମ୍ମାନ କଲେ । ଏତେ ବଡ଼ ଦୁଃଖ ପରେ ଶାନ୍ତି ପାଇପାରି ଥିବାରୁ ବାର୍ଡ଼ର ମନର ବଳ ମଧ୍ୟ ବଢ଼ିଗଲା କ୍ରମେ ସେ ଜଣେ ସାଧୁ ଓ ଧାର୍ମିକ ବ୍ୟକ୍ତିରେ ପରିଣତ ହେଲା । ସୈନ୍ୟ ବିଭାଗର ଏଇ ପୂର୍ବତନ କର୍ମଚାରୀଟି ଲୋକଙ୍କ ଉପକାର ଲାଗି ଶେଷକୁ ଜଣେ ସ୍କୁଲ ଶିକ୍ଷକଭାବେ କାର୍ଯ୍ୟ କଲା ।

ପ୍ରେମ ଯେ ଜଗତରେ ସବୁଠାରୁ ଶ୍ରେଷ୍ଠ ବିଷୟ ଏହାହିଁ ସେ ପିଲାମାନଙ୍କ ମନରେ ଦୃଢ଼ ଭାବରେ ମୁଦ୍ରିତ କରାଇ ଦେଉଥିଲା । ସେ ନିଜେ ମଧ୍ୟ ତାହାକୁ କାର୍ଯ୍ୟରେ ପ୍ରତିପାଳନ କରୁଥିଲା । ଛାତ୍ରମାନେ ମଧ୍ୟ ତାଙ୍କୁ ଆପଣାର ପିତା ଓ ଖେଳସାଥୀ ଭଳି ଭଲ ପାଇଲେ ।

—ଃ୦ଃ—

# ରିଚାର୍ଡ୍ ଗାର୍ନେଟ୍

ଊନବିଂଶ ଶତାବ୍ଦୀର ଇଂରାଜୀ ସାହିତ୍ୟର ସୁପରିଚିତ କବି ଓ ବିଶିଷ୍ଟ ଲାଇବ୍ରେରିୟାନ୍ ରିଚାର୍ଡ଼୍ ଗାର୍ନେଟ ଷ୍ଟାଫୋର୍ଡ଼ ସାୟାରର ଲିଚ୍ ଫିଲ୍ଡ ସହରରେ ୧୮୩୫ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୨୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା ସମାପ୍ତ କଲାପରେ ସେ ୧୮୫୧ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ୍ ମ୍ୟୁଜିଅମ୍‌ର ମୁଦ୍ରିତ-ପୁସ୍ତକ ବିଭାଗରେ ଜଣେ ସହକାରୀ ଭାବେ ନିଯୁକ୍ତ ହେଲେ । ୧୮୭୫ ଖ୍ରୀଷ୍ଟାବ୍ଦରେ ସେ ଅଧ୍ୟୟନ କକ୍ଷର ସୁପରିଣ୍ଟେଣ୍ଡେଣ୍ଟ୍ ପଦକୁ ଉନ୍ନୀତ ହେଲେ । ବ୍ରିଟିଶ ମ୍ୟୁଜିଅମର ସୂଚୀ ପତ୍ର (Catalogue) ପ୍ରସ୍ତୁତ କରିବା ଲାଗି ସେ ପ୍ରଥମରୁ ନିୟୋଜିତ ହୋଇଥିଲେ । ସେହି କାର୍ଯ୍ୟରେ ସେ ପୂର୍ଣ୍ଣ ରୂପେ ଆତ୍ମନିୟୋଗ କରିବା ଲାଗି ୧୮୮୪ ଖ୍ରୀଷ୍ଟାବ୍ଦରେ ସେ ସୁପରିଣ୍ଟେଣ୍ଡେଣ୍ଟ ପଦରୁ ଇସ୍ତଫା ଦେଇଥିଲେ । ବହୁ କବିତା ସଂଗ୍ରହ, ଅନୁବାଦ, ଜୀବନୀ, ଇତିହାସ ଓ ସାହିତ୍ୟ ସମାଲୋଚନା ମୂଳକ ଗ୍ରନ୍ଥ ସେ ରଚନା କରି ଇଂରାଜୀ ସାହିତ୍ୟକୁ ସମୃଦ୍ଧ କରି ଯାଇ ଅଛନ୍ତି । ତାଙ୍କର Twilight of the Gods ପୁସ୍ତକରୁ 'ଉଦ୍‌ଭାବନର ବ୍ୟର୍ଥତା' ଗଳ୍ପଟି ନିବାଚିତ । ଖ୍ରୀଷ୍ଟାବ୍ଦ ୧୯୦୬ ଏପ୍ରିଲ୍ ୧୩ ତାରିଖରେ ଲଣ୍ଡନ ନଗରୀରେ ତାଙ୍କର ମୃତ୍ୟୁ ହୋଇ ଥିଲା ।

—*—

# ଉଦ୍‌ଭାବନର ବ୍ୟର୍ଥତା

ସପ୍ତମ ଶତାବ୍ଦୀରେ "ଟାଙ୍ଗ୍" ରାଜବଂଶ ଚୀନଦେଶ ଶାସନ କରୁଥିଲାବେଳେ ସେ ଦେଶରେ ଜଣେ ବଙ୍କା, ଚରିତ୍ରବାନ ରାଜକର୍ମଚାରୀ ବାସକରୁଥିଲେ । ତାଙ୍କର ତିନୋଟି ପୁଅ—ପୁଂ-ସୁ, ଚୁ-ସିନ୍, ଓ ଓ୍ୱାଙ୍ଗ-ଲାଇ । ଯୁବକ ପୁଂ-ସୁ ଓ ଚୁ-ସିନ୍ ଦୁହେଁ ଖୁବ୍ କର୍ମ ତତ୍ପର; ଦୁହେଁ ଆବଶ୍ୟକୀୟ ନୂଆ ନୂଆ ବସ୍ତୁ ଆବିଷ୍କାର କରିବାକୁ ସର୍ବଦା ବ୍ୟଗ୍ର । କିନ୍ତୁ ଓ୍ୱାଙ୍ଗ-ଲାଇର ତେଣିକି ଲକ୍ଷ୍ୟ ନଥାଏ; ନାନାପ୍ରକାର ଖେଳ ଖେଳିବାରେ ଖୁବ୍ ନିପୁଣତା ଦେଖାଇ ସେ ନାଁ କମେଇ ଥାଏ ।

ପୁଂସୁ, ଚୁ-ସିନ ଦୁହେଁ ବଡ଼ ହେଲେ କିପରି ନୂଆ ନୂଆ ପଦାର୍ଥ ଆବିଷ୍କାର କରି ପ୍ରଚୁର ଅର୍ଥ ଓ ନାମ କରିପାରିବେ, ସେଇ ବିଷୟ ସର୍ବଦା ପରସ୍ପର ଆଲୋଚନା କରନ୍ତି । କିନ୍ତୁ ଏସବୁ କଥାବାର୍ତ୍ତା ଓ୍ୱାଙ୍ଗ-ଲାଇ କାନରେ ବାଜେ ନା । ସତରଞ୍ଜ (Chess ବା ଦ୍ୟାଯୂବଳ) ପାଲରୁ ମୁହଁ ଉଠାଇ ସେସବୁ ଶୁଣିବାକୁ ତାକୁ ମୁହୂର୍ତ୍ତେ ବି ଫୁରୁସତ ନଥାଏ । ସତରଞ୍ଜ ପାଲରେହିଁ ତା'ର ସବୁ ସମସ୍ୟାର ସମାଧାନ ।

ସେମାନଙ୍କ ବାପା ଏ ସବୁ ଲକ୍ଷ୍ୟ କରି ଦିନେ ପୁଂସୁ ଓ ଚୁ-ସିନ୍‌କୁ କହିଲେ "ତୁମମାନଙ୍କର ଏଇସବୁ ବିଭିନ୍ନ କାର୍ଯ୍ୟରେ ଅଭିନିବେଶ ଦେଖି ମୋର ମନେହୁଏ, ତୁମେମାନେ ବୋଧହୁଏ ଆମ ଦେଶର ନିୟମକୁ ଭୁଲି ଗଲଣି । ତୁମେମାନେ ତ ଜାଣିଥିବ, ସ୍ୱାଧୀନ ଭାବରେ ଭାଗ୍ୟୋନ୍ନତି କରିବା ଅଧିକାର ଆମଦେଶରେ କାହାରି ନାହିଁ ।"

"ଏଇ ନିୟମଟା କଣ ଉଚିତ ହୋଇଛି ବାପା ?" ଦୁହେଁ ପଚାରିଲେ ।

ବୁଢ଼ା କହିଲେ "ହଁ ଆମ ପୂର୍ବପୁରୁଷମାନେ ଯାହା କରି-ଯାଇଛନ୍ତି ତା ଠିକ୍ । ଅତୀତରେ ଯେଉଁ ମହାପୁରୁଷମାନେ ବଞ୍ଚିବାର ନାନା କଳା ଶିକ୍ଷା ଦେଇଥିଲେ ସେମାନଙ୍କୁହିଁ ଆମେ ଆଜି ଶ୍ରଦ୍ଧାର ସହିତ ମନ୍ଦିରମାନଙ୍କରେ ପୂଜା କରୁଛୁ । ପରବର୍ତ୍ତୀ ବଂଶଧର-ମାନେ ନୂଆ ନୂଆ ବିଷୟ ଆବିଷ୍କାର କଲେ, ସେଇ ମାନଦଣ୍ଡରେ ଅତୀତର ସବୁ ବିଷୟକୁ ତ୍ରୁଟିପୂର୍ଣ୍ଣ ବିଚାରି ସେସବୁ କାଳେ ଲଙ୍ଘନ କରିପାରନ୍ତି ଏବଂ ସେମାନଙ୍କ ପୂର୍ବପୁରୁଷମାନଙ୍କ ଗୌରବକୁ କାଳେ କ୍ଷୁଣ୍ଣ କରିପାରନ୍ତି, ଏଥିପାଇଁ ସମ୍ରାଟ ସୁଯୋଗ କୌଣସି ବିଷୟ ଉଦ୍ଭାବନ କରିବାକୁ ନିଷେଧ କରି ଶିଳାଲେଖରେ ତାହା ଲିପିବଦ୍ଧ କରି ଯାଇଛନ୍ତି । ସମ୍ରାଟ ସ୍ୱୋଚ ମଧ୍ୟ ବିଶେଷଭାବେ ଘୋଷଣା କରି ଯାଇଛନ୍ତି—"ଏ ପର୍ଯ୍ୟନ୍ତ ଯାହା ଆବିଷ୍କୃତ ହୋଇ ସାରିଛି, ତାର କୌଣସି ପ୍ରକାର ଅଭିବୃଦ୍ଧି ହୋଇ ପାରିବ ନାହିଁ ।" ଏଇ କାଲିକା କଥା, ଆମ ଅଫିସର ଜନୈକ ପଦସ୍ଥ କର୍ମଚାରୀଙ୍କୁ ଏଇପରି ଏକ ନୂତନ ମତବାଦ ପାଇଁ କାର୍ଯ୍ୟଚ୍ୟୁତ ହେବାକୁ ପଡ଼ିଲା । ସେ କହିଲେ ଯେ ମୁଦ୍ରାସବୁ ଚତୁଷ୍କୋଣାକାର ହେବା ପରିବର୍ତ୍ତେ ଗୋଲାକାର ହେବା ଉଚିତ ।"

"ପ୍ରକୃତରେ ଏଇଆ ଯଦି ଆମ ଦେଶର ପ୍ରଥା, ତା'ହେଲେ ଜନ୍ମ ଭୂମିରେ ରହିବା ଆମ ପକ୍ଷେ ଅସମ୍ଭବ ।" ଏଇଆ କହି କିଛିଦିନ ପରେ ଦୁଇ ଭାଇ ବାପାଙ୍କଠାରୁ ବିଦାୟ ନେଇ ଘରୁ ବାହାରିଲେ । ଚ୍ୟାଙ୍ଗଲାଇ ସେତେବେଳେ ସତରଞ୍ଜ ଖେଳରେ ତନ୍ମୟ । ତା' ଠାରୁ ବା ଆଉ କିପରି ବିଦାୟ ନେବେ ? ନିଜର ଉଦ୍ଭାବନୀଶକ୍ତି ଦ୍ୱାରା ଦୂରଦୂରାନ୍ତରରୁ ବହୁ ଧନ ସମ୍ପଦ

ନେଇ ସ୍ୱଦେଶକୁ ଫେରିବା ବିଷୟରେ ସେମାନେ ଦୃଢ଼-ନିଶ୍ଚିତ ହୋଇଥାନ୍ତି । ଦୁହେଁଯାକ ଶପଥ କଲେ - 'ଯେପରି ହେଉ ତିରିଶି ବର୍ଷ ପରେ ଠିକ୍ ଏଇ ସ୍ଥାନରେ ଆସି ସେମାନେ ମିଳିତ ହେବେ । ଦୁର୍ଯୋଗକୁ ଜଣେ ଯଦି ସବୁ ହରାଇ ନିର୍ଦ୍ଧନ ହୁଏ, ତେବେ ଆର ଭାଇ ତା ଅର୍ଜିତ ସମ୍ପତ୍ତିରୁ ତାକୁ ଭାଗ ଦେବ ।'

ଫୁସୁ କାଷ୍ଠ ଖୋଦନକାରୀ ଶିଳ୍ପୀମାନଙ୍କ ପାଖରୁ ବହିରେ ଛାପିବା ଲାଗି ଶକ୍ତ କାଠ ଉପରେ କପରି ଅକ୍ଷର ସବୁ ଖୋଳାଯାଏ ତାହା ଶିଖିଲା । ଜଣେ ପିତ୍ତଳ ବ୍ୟବସାୟୀ ପାଖରୁ ପିତ୍ତଳ ତଳେଇ କାମ ଶିଖିନେଲା । ତା'ପରେ ବହୁଦେଶ ଭ୍ରମଣ କରିଥିବା ଜଣେ ବିଜ୍ଞବ୍ୟକ୍ତିଙ୍କଠାରୁ ସେ ଗ୍ରୀକ, ଆରବୀ ଓ ପାର୍ସି ଭାଷା ଶିକ୍ଷାକଲା । ଶେଷରେ ଗ୍ରୀକ ଅକ୍ଷର ସବୁର ଟାଇପ୍ ତିଆରି କରି ସେତକ ଏବଂ ନିଜ ହାତ ତିଆରି କାଠରେ ଖୋଳା ଅକ୍ଷରତକ ଗୋଟାଏ ଥଳିରେ ପୁରାଇ ସେ ଭାଗ୍ୟାନ୍ୱେଷଣରେ ବାହାରିଲା ।

ବାଟରେ ବହୁ ବାଧା ବିପତ୍ତି ପାରହୋଇ ସେ ଶେଷରେ ପାରସ୍ୟ ଦେଶରେ ପହଞ୍ଚିଲା । ମହାରାଜାଙ୍କ ସହିତ ସାକ୍ଷାତ କରିବାକୁ ଇଚ୍ଛା କରନ୍ତେ, ସେଠା ଲୋକେ କହିଲେ—"ମହାରାଜ ବର୍ତ୍ତମାନ ମୃତ । ତାଙ୍କ ମୁଣ୍ଡଟି ସମ୍ପୂର୍ଣ୍ଣ ଭାବେ ତାଙ୍କ ଗଣ୍ଡିରୁ ଅଲଗା ହୋଇ ଯାଇଛି । ପାରସ୍ୟରେ ବର୍ତ୍ତମାନ ମହା ବା କ୍ଷୁଦ୍ର କୌଣସି ରାଜା ନାହାନ୍ତି ।"

"ମୁଁ ପୁଣି କେଉଁଠାକୁ ଗଲେ ଜଣେ ମହାରାଜାଙ୍କ ସାକ୍ଷାତ ପାଇବି ?" ଫୁସୁ ପଚାରିଲା । ସମସ୍ତେ କହିଲେ, "ତୁମେ ଆଲେକଜାଣ୍ଡ୍ରିଆ ନଗରୀକୁ ଯାଅ । ସେଠି ମହାପୁରୁଷଙ୍କ ମହତବାଣୀ ପ୍ରଚାରକ ଜଣେ ଧର୍ମରକ୍ଷକ ମହାରାଜାଙ୍କ ସାକ୍ଷାତ ପାଇ ପାରିବ ।"

ଫୁସ୍ଟ ନିଜ ଟାଇପ୍ ଓ ଖୋଦେଇକରା କାଠ ଗୋଲକଗୁଡ଼ିକ ସାଙ୍ଗରେ ନେଇ ସେଇ ନଗରୀରେ ପହଞ୍ଚିଲା । ନଗରର ପ୍ରବେଶ ଦ୍ୱାର ଅତିକ୍ରମ କରିବା ସମୟରେ ଏକ ଅତିକାୟ ଧୂମ୍ର କୁଣ୍ଡଳୀ ତା'ର ଦୃଷ୍ଟିପଥାରୂଢ଼ ହେଲା । ସମସ୍ତ ନଗରୀକୁ ଆଚ୍ଛନ୍ନ କରିବାକୁ ଯେପରି ତାହା ଅଗ୍ରସର ହେଉଥିଲା । ଏହା କଣ ? ପଚାରି ବୁଝିବା ପୂର୍ବରୁ ପହରୀ ତାକୁ ଜଣେ ବିଦେଶୀ ବୋଲି ଜାଣିପାରି ଗିରଫ୍ କଲା । ଫୁସ୍ଟକୁ ଖଲିଫା ଉମରଙ୍କ ନିକଟକୁ ଅଣାଗଲା, ସେ କହିଲା—"ମହାଶୟ, ଆପଣ ତ ଜାଣନ୍ତି, ମୋ ଦେଶର ଲୋକେ ଯେପରି ପଣ୍ଡିତ ସେହିପରି ମୂର୍ଖ । ସେମାନେ ଆମ ଦେଶରେ ସହଜରେ ଜ୍ଞାନ ବିତରଣ କରିବାଲାଗି ଅକ୍ଷର ସବୁର ନିର୍ମାଣ ଓ ତା ସୁରକ୍ଷିତ ହେବା ପ୍ରଣାଳୀ ଆବିଷ୍କାର କରିଛନ୍ତି । ମୁଁ ଯେତେଦୂର ଜାଣେ ଗ୍ରୀସ ବା ଭାରତର ମୁନି-ଋଷିମାନେ ମଧ୍ୟ ଏକଥା ଜାଣନ୍ତି ନାହିଁ । କିନ୍ତୁ ଏଇ ବିଷୟ ସମଗ୍ର ମନୁଷ୍ୟ ସମାଜ ପକ୍ଷେ ସୁବିଧାଜନକ ହେଲେହେଁ ମୋ ଦେଶବାସୀ ଆଜି କାହାକୁ ଏହା ଶିଖାଇ ଦେବାକୁ ନାରାଜ ।" ଏହା କହି ସେ ଖଲିଫାଙ୍କୁ ନିଜ ଟାଇପ୍ ଓ ଉପକରଣ ସବୁ ଦେଖାଇଲା ଓ ମୁଦ୍ରଣର ସମସ୍ତ ରହସ୍ୟପୂର୍ଣ୍ଣ କଳାକୌଶଳ ବୁଝାଇଲା ।

ଖଲିଫା କହିଲେ—"ମୁଁ ଭାବୁଛି, ତମେ ବୋଧହୁଏ ଜାଣିନାହଁ । ଗତକାଲି ଆମେ ଆମ ଦେଶର ସବୁ ବହିପତ୍ର ନଷ୍ଟ କରି ଦେଇଛୁ । କାହିଁକି ବା ସେ ସବୁ ରହନ୍ତା ? ଯଦି ବହିପତ୍ର ସବୁ କୋରାନ୍ ବିରୋଧୀ ହୁଏ, ତେବେ ତ ସେ ସବୁ ଅତି ଅପବିତ୍ର ବସ୍ତୁ । ଯଦି ବା ସେସବୁ କୋରାନକୁ ସମର୍ଥନ କରୁଥାଏ, ତେବେ ସେସବୁ ରଖିବା ଅନାବଶ୍ୟକ ବା ବାହୁଲ୍ୟ ମାତ୍ର । ତେଣୁ ଆମ ହୁକୁମ

ହୋଇଛି—ଏଦେଶରେ ବହୁ ଯଥ ଭଳ ଅପବାଦ ବସ୍ତୁ ରହି ପାରବନାହିଁ । ବୋଧହୁଏ ଯୁଆ ବ ତମେ ଜାଣିନ, କାଲି ଯେଉଁ ଧୂଆଁ ଦେଖିଥିଲ, ସେସବୁ ମୋ ଆଦେଶରେ ବିଧର୍ମୀଙ୍କ ପୁସ୍ତକଗାର ପୋଡ଼ା ହେବାର ପରିଣତ । ଆଜି ତମକୁ ବ ସେଇ ନିଆଁରେ ପକାଇ ଦିଆଯିବ—।”

ଜଣେ କର୍ମଚାରୀ କହିଲେ “ହେ ଧର୍ମରାଜ ! ଏଇ ବିଧର୍ମୀ ଲୋକଟା ଏ ଦେଶରେ ଗୋଟି ଦେଉ ଦେଉ ଅଗ୍ନିଦାହ ମଳାନ ହୋଇଗଲା ।”

ଖଲିଫା ଉମାର କହିଲେ —“ଯଦ ତାହାହିଁ ହୁଏ, ତାହା-ହେଲେ ଆମେ ତାକୁ ପୋଡ଼ିବା କାହିଁକି ? ସେ ଯେପରି ଆଉ ପାପ ନକରି ପାରେ ସେହିପରି ବ୍ୟବସ୍ଥା କରିଦେବା ସବୁଠୁ ଉତ୍ତମ । ପ୍ରତିଦିନ ଗୋଟାଏ ଗୋଟାଏ କରି ସେ ତାର ଦେଇ ପିତଳ ଅକ୍ଷରକୁ ଗିଳୁ । ସେତକ ସରିଗଲେ, ତାକୁ ରାଜ୍ୟ ବାହାରେ ଛାଡ଼ିଦିଅ ।”

ଦଣ୍ଡାଦେଶ ଯଥାବିହିତ କାର୍ଯ୍ୟକାରୀ ହେଲା । ରାଜବୈଦ୍ୟଙ୍କ ଦୟା ! ନିଜର ସର୍ବସ୍ୱ ତାଙ୍କୁ ଦେଇ କେବଳ ବାନ୍ତି କରିବାକୁ ଅନୁମତି ପାଇ ସେ ଏକପ୍ରକାର ଆଶ୍ୱସ୍ତ ହେଲା ।

ଅବଶେଷରେ ଅନୁମତି ପାଇ ଗମ୍ଭୀର ମନ ଦୁଃଖରେ ସେ ଅତି କଷ୍ଟରେ ଜନ୍ମଭୂମି ସ୍ପେନକୁ ଫେରି ଆସିଲା । ତିରିଶ ବର୍ଷ ଅତିବାହିତ ହୋଇଯିବା ପରେ ସେ ପୂର୍ବନିରୂପିତ ସ୍ଥାନରେ ଆସି ଉପସ୍ଥିତ ହେଲା । ଦେଖିଲା, ତାର ପିତାଙ୍କର ସେହି ଅତି ସାଧାରଣ ଗୃହଟି ଆଉ ସେଠାରେ ନାହିଁ । ତା’ ପରିବର୍ତ୍ତେ ସେଇଠି ଗଢି ଉଠିଛି ମନୋରମ ଉପବନ ବେଷ୍ଟିତ ଏକ ଅତ୍ୟୁଚ୍ଚ ସୁଦୃଶ୍ୟ ଅଟ୍ଟାଳିକା ।

ସେ ଭାବିଲା, ଟୁ-ସିନ୍‌ର ନିଶ୍ଚୟ ଭାଗ୍ୟୋନ୍ନତି ହୋଇଛି । ତା' ନୋହିଲେ ଏଠି ଏ ଘର ଆଉ କିଏ କରନ୍ତା ? ପୂର୍ବ ପ୍ରତି-ଶ୍ରୁତି ମତେ ସେ ମତେ ନିଶ୍ଚୟ ତା' ସମ୍ପତ୍ତିରୁ ଅଧେ ଦେବ ।

ଏପରି ମନେ ମନେ ଭାବୁଥିଲାବେଳେ ପଛପଟୁ କାହାର କରୁଣ ଆବେଦନ ଶୁଣି ସେ ପଛକୁ ବୁଲି ଚାହିଁଲା ! ତା'ଠାରୁ ବେଶି ଦୁର୍ଦ୍ଦଶାଗ୍ରସ୍ତ ମଳିନ ବେଶଧାରୀ ଜଣେ ବ୍ୟକ୍ତି ତା' ନିକଟରେ ଭିକ୍ଷା ଲାଗି ହାତ ପତାଉଛି । ପୁଂସୁ ଚିହ୍ନିଲା, ଏ ଲୋକଟି ତା' ଭାଇ ଟୁ-ସିନ୍ ।

ଉଭୟେ ପରସ୍ପରକୁ ଆଲିଙ୍ଗନ କଲେ । ଦୁଇଭାଇଙ୍କ ଆଖିରୁ ଧାର ଧାର ଲୁହ ବହିଗଲା । ପୁଂସୁର କରୁଣ କାହାଣୀ ଶୁଣିସାରିଲା ପରେ ଟୁ-ସିନ୍ ତା' ନିଜ କଥା କହିବାକୁ ଆରମ୍ଭ କଲା—

"ମୁଁ ପ୍ରଥମେ କପରି ବାରୁଦ ତିଆରିହୁଏ ତାହା ଶିଖିଲି । କେବଳ ବାଣ ତିଆରିରେ ବ୍ୟବହାର କରିବା ଛଡ଼ା ଆଉ କୌଣସି ବିଷୟରେ ଏହାକୁ ବ୍ୟବହାର କରିବା ଆମ ଦେଶରେ ନାହିଁ । କିନ୍ତୁ ମୁଁ ପିତଳ ଓ ଲୁହାର ଫମ୍ପାନଳ ସବୁ ତିଆରି କରି ତା ଭିତରେ ଏହି ବାରୁଦ ପୁରାଇଲି । ସେଇ ନଳ ଉପରେ, ନଳକୁ ଖାପିଲା ଭଳି କେତୋଟି ଶିଶାର 'ବଲ୍' ରଖିଲି । ପରୀକ୍ଷା କରି ଦେଖିଲି ଯେ ନଳର ଗୋଟାଏ ପଟରେ ବାରୁଦରେ ନିଆଁ ଲଗାଇଦେଲେ ଆରପଟେ ଶିଶା ବଲ୍ ବା ପେଣ୍ଡୁ ଗୁଡ଼ିକ ଏତେ ଜୋରରେ ବାହାରିଲା ଯେ ତାହା ତିନିଜଣ ସୈନିକର ସାଂଜୁକୁ ଅନାୟାସରେ ଭେଦକରି ଯିବାକୁ ସମର୍ଥ ହେଲା । ଗୋଟିଏ ଟିମ୍ପାରେ ମୁଁ ବାରୁଦ ଭର୍ତ୍ତିକଲି । ସେଇ ବାରୁଦ ଟିମ୍ପା ଓ ଗୁଡ଼ିଏ ନଳୀକୁ କାର୍ପେଟ ଭିତରେ ଲୁଚାଇ ମୁଁ ତାକୁ ବଳଦ ଉପରେ ବୋଝେଇ କରି କନ୍‌ଷ୍ଟାଣ୍ଟିନୋପଲ୍ ସହରକୁ ବାହାରିଲି । ବାଟରେ

ଆଉ ଯାହାସବୁ ଘଟିଲା, ସେ କଥା ମୁଁ ବର୍ତ୍ତମାନ କହିବାକୁ ବେଳ ନାହିଁ । ମୋଟ ଉପରେ କହିଲେ, ବହୁ ଦୁଃଖ କଷ୍ଟ ଓ କ୍ଲାନ୍ତିରେ ଏକପ୍ରକାର ଦରମଲା ହୋଇ ମୁଁ ଯାଇ ସେଇ ସହରଟିରେ ପହଞ୍ଚିଲି । ସେତେବେଳକୁ କେବଳ ସେଇସବୁ ନଳୀ ଓ ପିମ୍ପାଡ଼ିକ ଛଡ଼ା ମୁଁ ସର୍ବସ୍ୱ ହରାଇ ସାରିଥାଏ । ଶେଷକୁ କାର୍ପେଟନିକୁ ଜଣେ ରାଜକର୍ମଚାରୀଙ୍କୁ ଲାଞ୍ଚ ଦେଇ ମହାରାଜଙ୍କୁ ସାକ୍ଷାତ କରିବାକୁ ଅନୁମତି ପାଇଲି ।

ସେତେବେଳେ ରାଜା ଗମ୍ଭୀର ମନଯୋଗ ସହକାରେ ସତରଞ୍ଚର ସମସ୍ୟା ସମାଧାନରେ ବ୍ୟସ୍ତ । ବିନୀତଭାବେ ମୁଁ ଜଣାଇଲି, "ହଜୁର ମୁଁ ଗୋଟାଏ ବିଷୟ ଆବିଷ୍କାର କରିଛି । ଏହା ସାହାଯ୍ୟରେ ଆପଣ ସମଗ୍ର ପୃଥିବୀର ସମ୍ରାଟ ହୋଇ ପାରିବେ । ବିଶେଷତଃ ଆପଣଙ୍କ ଦେଶକୁ ଧ୍ୱଂସ କରିଦେବାକୁ ଯେଉଁ "ସାରସେନ" ଦସ୍ୟୁମାନେ ଭୟ ଦେଖାଉଛନ୍ତି, ସେମାନଙ୍କୁ ଅକ୍ଳେଶରେ ଦୂର କରିଦେଇ ପାରିବେ ।"

ରାଜା କହିଲେ—"ତମେ ତ ଜାଣି ପାରୁଥିବ, ଏଇ ସତରଞ୍ଚ ଖେଳର ସମାଧାନ ନକଲା ପର୍ଯ୍ୟନ୍ତ ତମ କଥା ଶୁଣିବା ମୋ ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ । ତଥାପି କିଏ କାଳେ କହିପାରେ, ମହାରାଜ କର୍ତ୍ତବ୍ୟ କରିବାରେ ଅବହେଳା କରନ୍ତି; ସେଥିପାଇଁ ତମ ଆବିଷ୍କାର ବିଷୟଟି ମୁଁ ରାଜଧାନୀର ଅସ୍ତ୍ରାଗାର ଅଧ୍ୟକ୍ଷଙ୍କୁ ଜଣାଇ ଦେଉଛି ।" ଏହା କହି ସେ ମୋ ହାତେ ଅଧ୍ୟକ୍ଷଙ୍କ ନିକଟକୁ ଖଣ୍ଡେ ପତ୍ର ଦେଲେ ।

ରାଜପ୍ରାସାଦରୁ ବାହାରି ରାଜପଥରେ ଯାଉଁଯାଉଁ ମୁଁ ଏକ ବିରାଟ ଶୋଭାଯାତ୍ରା ଦେଖିଲି । ସୁସଜ୍ଜିତ ଏକ ହସ୍ତୀ ଉପରେ ଜଣେ ଲୋକ ଆଡ଼ମ୍ବର ସହକାରେ ବସିଥାନ୍ତି; ତାଙ୍କ ମୁଣ୍ଡ ଉପରେ ସୁନାର

ଛତ୍ର, ତାଙ୍କୁ ବେଷ୍ଟନକରି ଚାଲିଥାନ୍ତି ଅଶ୍ୱାରୋହୀ, ପାଇକ, ଚାମର ସ୍ତୁତିପାଠକ, ପତାକାଧାରୀ ପ୍ରଭୃତି ଅସଂଖ୍ୟଲୋକ । ତାଙ୍କ ଚୂଟିରେ ଝୁଲୁଥାଏ ହଳଦିଆ ଗୋଲାପ । ଭାଟମାନେ ଚିତ୍କାର କରୁଥାନ୍ତି । ମୋର ମନେ ହେଉଥାଏ, ସେଇ ଚୀନା ଲୋକଟି ଠିକ୍ ଆମ ଭାଇ ଓ୍ୱାଙ୍ଗଲି ଭଳି ।

ଅନ୍ୟ ସମୟ ହୋଇଥିଲେ ଶୋଭାଯାତ୍ରା ବ୍ୟାପାର ବୁଝିବାକୁ ମୁଁ ନିଶ୍ଚେ କୌତୂହଳୀ ହୋଇଥାନ୍ତି । କିନ୍ତୁ ସେତେବେଳେ ମୋର ଯେଉଁ ଅବସ୍ଥା ! କ୍ଷୁଧା, ଓ ଅଭାବ ମତେ ଅତ୍ୟନ୍ତ ଅଧୀର କରି ପକାଇଥିଲା । ମୁଁ ସେ ସବୁ କଥା ପଛକୁ ପକାଇଦେଇ ଅସ୍ତ୍ରାଗାର ଅଧ୍ୟକ୍ଷ ଓ ପ୍ରଧାନ ଅସ୍ତ୍ରନିର୍ମାତାଙ୍କ ସଙ୍ଗେ ସାକ୍ଷାତ କରିବାକୁ ଚାଲିଲି । ବହୁ କଷ୍ଟରେ ସେମାନଙ୍କୁ ଏକାଠିକରି ମୋ ଉଦ୍ଭାବନ କଥା ସେମାନଙ୍କୁ ଶୁଣାଇଲି । ବାରୁଦ ଓ ନଳୀ ପ୍ରଭୃତି ସାହାଯ୍ୟରେ ମୋ ବଲ୍ ଗୁଡ଼ିକ କିପରି ସେମାନଙ୍କ ସର୍ବୋତ୍କୃଷ୍ଟ ସାଞ୍ଜୁଟିକୁ ଭଙ୍ଗ କରିପାରେ ତାହା ଦେଖାଇଦେଲି ।

ଉରସ୍ତ୍ରାଣ ନିର୍ମାତା ଏହା ଦେଖୁ ଦେଖୁ ଚିତ୍କାରକଲା—“ଏପରି ହେଲେ ମୋ ବକ୍ଷ ଫଳକକୁ ଆଉ କିଏ ବା କାହିଁକି କିଣିବାକୁ ଯିବ ?”

“ଆଉ ଏଇ ଶିରସ୍ତ୍ରାଣକୁ କିଏ ବା ଲୋଡ଼ିବ ?”—ଶିରସ୍ତ୍ରାଣ ନିର୍ମାତା କହିଲେ । “ସିଲ୍ଡଗୁଡ଼ିକର ଦଶା ମଧ୍ୟ ସେଇଆ ହେବ ।”—ସିଲ୍ଡ ନିର୍ମାତା କହିଲେ ।

ଖଣ୍ଡା ନିର୍ମାଣକାରୀ କହିଲେ—“ଏଥର ମୋ ଖଣ୍ଡାର ଗୁରୁତ୍ୱ କମିଯିବ । ହୁଏତ ଏହାକୁ ଆଉ କେହି ବ୍ୟବହାର କରିବେ ନାହିଁ ।”

ଜଣେ କହିଲେ – "ଏଇଟା ଗୋଟାଏ ଅସୁସ୍ଥ ବନ୍ଧ୍ୟା ।"

ଆଉ ଜଣେ କହିଲା—"ଏଇଟା ଗୋଟାଏ ଇନ୍ଦ୍ରଜାଲ ।"

ତୃତୀୟ ବ୍ୟକ୍ତି ଖୁବ୍ ରାଗିଯାଇ ଚିତ୍କାରକରି କହିଲା—"ଏଇଟା କଞ୍ଚା ଗୁହଁ; ଖାଲି ହାତ ସଫେଇ, ଭେଲିକ ।" ଏକଥା ପ୍ରମାଣ କରିବାଲାଗି ସେ ଗୋଟାଏ ଉତ୍ତପ୍ତ ଲୌହଦଣ୍ଡକୁ ମୋର ବାରୁଦ ପିମ୍ପା ଭିତରେ ପୁରେଇ ଦେଲା । ଫଳରେ ବିସ୍ଫୋରଣ ଯୋଗୁ ସେଠି ଯେତେ ଲୋକ ଥିଲେ ସମସ୍ତେ, ଦୂରକୁ ଉତ୍କ୍ଷିପ୍ତ ହୋଇ ପଡ଼ିଲେ । ଏକା ମୋ ଛଡ଼ା ସମସ୍ତେ ପୋଡ଼ିମଲେ । ମୁଁ କେବଳ ବର୍ତ୍ତିଗଲି । ମୋର ଚମଡ଼ା ଚିହ୍ନିଗଲା, ଓ ବାଳତକ ହବାକ୍ ପୋଡ଼ିଗଲା । ସେଇଠୁଁ ଯେଉଁ ନିଆଁ ଉଠିଲା; ସେଥିରେ କନଷ୍ଟାଣ୍ଟିନୋପଲର ଏକତୃତୀୟାଂଶ ପୋଡ଼ି ଛାରଖାର ହୋଇଗଲା ।

କେତେଦିନପରେ ସେ ଦେଶ ବନ୍ଦଶାଳାର ଗୋଟାଏ ଖଟରେ ମୁଁ ପଡ଼ିଥାଏ । ସେତେବେଳକୁ ମୋ ଘାଆତକ ପ୍ରାୟ ଶୁଖିଆସିଲାଣି । ଅଳସଭାବରେ ଶୋଇଶୋଇ ମୁଁ ଦୁଇଜଣ ପ୍ରହରୀଙ୍କ କଥା ଶୁଣୁଥାଏ । ମୋର କି ଦଣ୍ଡ ହେବ, ମୁଁ ଜାଅନ୍ତା ପୋଡ଼ା ହେବ କି ପୋତା ହେବ ଏଇ ବିଷୟ ନେଇ ଆଲୋଚନାରୁ କଳିର ସୂତ୍ରପାତ । ଏଇ ସମୟରେ ଅପ୍ରତ୍ୟାଶିତ ଭାବରେ ମୋତେ ମୁକ୍ତି ଦେବାକୁ ରାଜକାପୃ ଆଦେଶ ଆସି ପହଞ୍ଚିଗଲା । 'ଜେଲର୍' ଅତି ସୌଜନ୍ୟ ପୂର୍ଣ୍ଣଭାବେ ସେଇ ଆଦେଶନାମା ପାଠ କଲେ—"ଲୋକଟାକୁ ରାଜଧାନୀରୁ ବହିଷ୍କୃତ କରିଦିଅ ।" ଦଣ୍ଡର ଅପୂର୍ବ ଲଘୁତା ଯୋଗୁ ସେମାନେ ଏପରି ଉତ୍ସାହର ସହିତ ଏଇ ଆଦେଶକୁ କାର୍ଯ୍ୟକାରୀ କଲେ ଯେ ମୁଁ ନିମିଷକ ମଧ୍ୟରେ ଯାଇ ବସ୍ଫରସ୍ ପ୍ରଣାଳୀ ମଧ୍ୟରେ ପଡ଼ିଲି । ଏକ ମତ୍ସ୍ୟଆହରଣକାରୀ ନୌକାରେ ମତେ ଉଦ୍ଧାରକରି ଏସିଆ ଉପକୂଳରେ ଛାଡ଼ିଦେଇଗଲା । ସେଠାରୁ

ମୁଁ ଭିକ୍ଷା ମାଗିମାଗି ଆସି ଏଠି ପହଞ୍ଚିଲି । ଏଇ ହେଉଛି ମୋର ଅବସ୍ଥା । ମୋର ଇଚ୍ଛା ଆମେ ବର୍ତ୍ତମାନ ଏଇ ବିଶାଳ ଅଟ୍ଟାଳିକାର ମାଲିକଙ୍କୁ ଆମ ଦୁଃଖ ଦୁର୍ଦ୍ଦଶା ଜଣାଇବା । ଏଇଠି ଥିଲା ଆମ କୁଡ଼ିଆ, ଯେଉଁଠି ଆମେ ଖାଇପିଇ ବଢ଼ି ଥିଲେ । ସେଇଟି ଭଙ୍ଗା ହୋଇ ତାଙ୍କ ଉଆସ ନିର୍ମିତ ହୋଇଛି ଏକଥା ଶୁଣିଲେ ତାଙ୍କର ନିଶ୍ଚେ ଦୟା ହେବ ।"

ଫାଟକ ପାରହୋଇ ସନ୍ତର୍ପଣରେ ସେମାନେ ଘର ଦୁଆର ମୁହଁରେ ପହଁଚିଲେ । ଘରର ମାଲିକଙ୍କ ପାଦତଳେ ପଡ଼ିବାକୁ ସେମାନେ ପ୍ରସ୍ତୁତ ହୋଇଥାନ୍ତି । କିନ୍ତୁ ସେମାନଙ୍କୁ ତାହା କରିବାକୁ ପଡ଼ି ନଥିଲା । ତାହା କରିବା ପୂର୍ବରୁ ସେମାନେ ଭାଇ ଓ୍ୱାଙ୍ଗ-ଲାଇଙ୍କୁ ଚିହ୍ନି ପାରିଥିଲେ ।

ଓ୍ୱାଙ୍ଗଲାଇ କିନ୍ତୁ ସେମାନଙ୍କୁ ହଠାତ୍ ଚିହ୍ନି ପାରି ନଥିଲା । ଚିହ୍ନିବା ସଙ୍ଗେ ସଙ୍ଗେ ସେମାନଙ୍କ ଖିଆ ପିଆର ସୁବିଧା ଲାଗି ବ୍ୟସ୍ତ ହୋଇପଡ଼ିଲା । ଏଇ ଦୁଇଭାଇ ଭଦ୍ରୋଚିତ ପୋଷାକ ପିନ୍ଧି, ଖୁବ୍ ଭଲ ରୂପେ ଖିଆପିଆ କରି ସାରିଲା ପରେ ଦୁହେଁ ଆପଣା ଦୁଃଖର କାହାଣୀ ଓ୍ୱାଙ୍ଗଲାଇଙ୍କୁ ଶୁଣାଇଲେ । ଶେଷରେ ତା ବିଷୟ ପସ୍ପର-ଲରୁ ଓ୍ୱାଙ୍ଗଲାଇ କହିବାକୁ ଆରମ୍ଭ କଲା—

"ଭାଇମାନେ, ମହାମାନ୍ୟ ସମ୍ରାଟ ସୁନ୍ୟେନଙ୍କ ବହୁ ପୂର୍ବରୁ ଯେଉଁ ମହତ୍ ଖେଳ ଆବିଷ୍କୃତ ହୋଇଛି, ମୁଁ କେବଳ ତାକୁ ଅନୁସରଣ କରିଛି । ଆନନ୍ଦ ଲାଗିହିଁ ମୁଁ ତା ଖେଳ ଆସିଛି । ଏହା ସାହାଯ୍ୟରେ ଅର୍ଥ ଉପାର୍ଜନ କରିବାର ଅଭିଳାଷ ମୋର କେବେ ନଥିଲା । ଦିନେ ମୁଁ ଜାଣିବାକୁ ପାଇଲି ଯେ ପାଶ୍ଚାତ୍ୟ ଦେଶର ଲୋକେ ଏ ଖେଳ କ'ଣ ଜାଣନ୍ତି ନାହିଁ । ତେବେ ବି ଅର୍ଥ ଉପାର୍ଜନ କଥା ମୋ ମନକୁ ଛୁଇଁ ନଥିଲା । ପରନ୍ତୁ ସେଇ

ପାଶ୍ଚାତ୍ୟ ଦେଶର ଅନଭିଜ୍ଞ, ବର୍ବର ଲୋକଙ୍କ କଥା ଭାବି ସେମାନଙ୍କ ଲାଗି ମୋ ମନରେ ଗଭୀର ଦୁଃଖ ଓ ସମବେଦନା ଜାତ ହେଲା । ମନେହେଲା, ସେମାନଙ୍କୁ ଏଇ ଖେଳ ଶିଖାଇ ସେମାନଙ୍କ ଆଖି ନଖୋଲି ଦେବା ପର୍ଯ୍ୟନ୍ତ ଯେପରି ମୋର ପ୍ରାଣରେ ଶାନ୍ତିନାହିଁ । ଏଣୁ ମୁଁ କନଷ୍ଟାଣ୍ଟିନୋପଲ୍ ସହରକୁ ବାହାରିଲି । ସେଠି ମୁଁ ଦେବଦୂତ ଭଳି ଆଦୃତ ହେଲି । ଶେଷକୁ ଏପରି ହେଲା ଯେ ସମ୍ରାଟ ଓ ତାଙ୍କର କର୍ମଚାରୀ ଦିନରାତି କେବଳ ସତରଞ୍ଜ ଖେଳିବା ଛଡ଼ା ଆଉ କିଛି ଭାବିପାରିଲେ ନାହିଁ । ଦେଶର ସମସ୍ତ ବିଷୟ ବିଶୃଙ୍ଖଳ ହୋଇ ପଡ଼ିଥିଲା ।

"ଦସ୍ୟୁ ସାରେସିନମାନେ ଆସି ଜୋର ଜବରଦସ୍ତି ଲୁଣ୍ଠନ ଆରମ୍ଭ କରିଦେଲେ । ମୋର କାର୍ଯ୍ୟାବଳୀକୁ ଉପଯୁକ୍ତ ବିଚାରି ମହାରାଜା ମତେ ଯେପରି ରାଜୋଚିତ ଭାବେ ସମ୍ମାନିତ କରିଥିଲେ,—ତା' ଭାଇ ତମେ ନିଜେ ତ ଦେଖିଆସିଛ । ମୁଁ ଅଧିକା କ'ଣ କହିବି ?

"ତୁମେ ନିଆଁ ନଲଗାଇ ଥିଲେହେଁ ତୁମକୁ ଉପଲକ୍ଷ୍ୟ କରି ଯେଉଁ ଅଗ୍ନିକାଣ୍ଡ ଘଟିଗଲା ସେଥିଯୋଗୁଁ ଲୋକେ ରାଜାଙ୍କ ଉପରେ ଉତ୍ୟକ୍ତ ହୋଇ ପଡ଼ିଲେ । ରାଜା, ଜଣେ ବିଦେଶୀ ଅର୍ଥାତ୍ ତୁମ ସଙ୍ଗେ ଚକ୍ରାନ୍ତ କରି ରାଜଧାନୀକୁ ଧ୍ୱଂସ କରିବୁ ବସିଥିଲେ ବୋଲି ସେମାନେ ଅଭିଯୋଗ କଲେ । ରାଜାଙ୍କ ପ୍ରଧାନ କର୍ମଚାରୀ-ମାନେ ଷଡ଼ଯନ୍ତ୍ର କରି ରାଜାଙ୍କୁ ସିଂହାସନ ଚ୍ୟୁତ କରିବା ଉଦ୍ଦେଶ୍ୟରେ ତାଙ୍କ ପ୍ରକୋଷ୍ଠରେ ପ୍ରବେଶ କଲେ । ରାଜା ସେତେ-ବେଳେ ମୋ ସଙ୍ଗେ ସତରଞ୍ଜ ଖେଳୁଥିଲେ । କହିଲେ—"ଏଇ ଖେଳ ଶେଷ ନକଲା ପର୍ଯ୍ୟନ୍ତ ରାଜଗାଦି ଛାଡ଼ି ଏଠାରୁ ଯାଇପାରିବି ନାହିଁ ।" ଆମ ଖେଳ ଦେଖୁଁ ଦେଖୁଁ କ୍ରମେ ସେମାନେ ସେହି ଖେଳ

ପ୍ରତି କୌତୂହଳୀ ହୋଇ ପଡ଼ିଲେ । କେଉଁ ଗୋଟି ଚଳାଇବାକୁ ପଡ଼ିବ ଏଇ ବିଷୟ ନେଇ ସେମାନଙ୍କ ମଧ୍ୟରେ ତୁମୂଳ ବିବାଦ ସୃଷ୍ଟି ହେଲା । ଇତ୍ୟବସରରେ ରାଜାଙ୍କ ଅନୁଗତ କର୍ମଚାରୀମାନେ ଆସି ଏଇ ଷଡ଼ଯନ୍ତ୍ରକାରୀ କର୍ମଚାରୀମାନଙ୍କୁ ବନ୍ଦୀ କରି ପକାଇଲେ । ଏଇ ଘଟଣା ଯୋଗୁଁ ରାଜା ମତେ ଖୁବ୍ ସମ୍ମାନ କଲେ ।

"ଆଉ ଗୋଟାଏ ଘଟଣାରେ ମୁଁ ରାଜାଙ୍କ ଦ୍ୱାରା ସବିଶେଷ ସମ୍ମାନିତ ହୋଇଥିଲି । ପୂର୍ବୋକ୍ତ ଘଟନାର କିଛିଦିନ ପରେ ସାର୍ଟେନ ସେନାପତିଙ୍କ ସହିତ ମତେ ସତରଞ୍ଜ ଖେଳିବାକୁ ପଡ଼ିଲା । ତାଙ୍କୁ ଖେଳରେ ହରାଇ ଦେବାରୁ ତାଙ୍କଠାରୁ ଷୋଳଶିଟି ଶସ୍ୟପୂର୍ଣ୍ଣ ଜାହାଜ ମୁଁ ପାଇଲି । ଫଳରେ କନଷ୍ଟାଣ୍ଟି-ନୋପଲର ଖାଦ୍ୟାଭାବ ଦୂର ହୋଇ ପାରିଥିଲା । ମହାରାଜ ମୋ ଉପରେ ଖୁସିହୋଇ କହିଲେ,—"ତୁମେ ଯାହା ଚାହଁ, ମୁଁ ତା ତୁମକୁ ଦେବାକୁ ପ୍ରସ୍ତୁତ ।" କିନ୍ତୁ ମୁଁ କହିଲି, "ଆପଣଙ୍କ ଅପୂର୍ବ ବଦାନ୍ୟତା ଯୋଗୁଁ ମୋ ପାଇଁ ଆପଣଙ୍କୁ ମାଗିବାକୁ କିଛି ନାହିଁ । କେବଳ ମୁଁ ମୋ ଦେଶର ଜଣେ ହତଭାଗ୍ୟ ବ୍ୟକ୍ତିର ପ୍ରାଣଭିକ୍ଷା କରୁଛି । ଶୁଣୁଛି, ସେ ଆପଣଙ୍କ ରାଜଧାନୀରେ ଅଗ୍ନି ସଂଯୋଗ କରିଥିବା ଅପରାଧ ଯୋଗୁଁ ବର୍ତ୍ତମାନ କାରାଗାରରେ ବନ୍ଦଭାବେ ରହିଛି ।" ମହାରାଜା ମୋ ଦ୍ୱାରା ସେଇ ମୁକ୍ତିର ଆଦେଶନାମାଟି ଲେଖାଇଥିଲେ । ତୁମକୁ ଚୂପିନ ବୋଲି ମୁଁ ଯଦି ଚିହ୍ନିଥାନ୍ତି, ତମେ ତା' ହେଲେ ରାଜାଙ୍କ ଠାରୁ ଆହୁରି ସଦୟ ବ୍ୟବହାର ପାଇ ପାରିଥାନ୍ତ ।

"ଅବଶେଷରେ ପ୍ରଚୁର ଧନ-ସମ୍ପତ୍ତି ନେଇ ମୁଁ ସ୍ୱଦେଶକୁ ବାହୁଡ଼ିଲି । ଦ୍ରୁତଗାମୀ ଓଟରେ ବସି ଖୁବ୍ ଆରାମରେ ଆସି ଏଠି ପହଁଚିଲି । ଆମ ଘର ଯାଗାଟିକ କିଣି ଏଇ କୋଠା ତିଆରିକଲି ।

ମୁନି ଋଷିମାନଙ୍କ ଉପଦେଶ ଓ ସତରଞ୍ଜ ଖେଳହିଁ ସେଇଦିନୁ ମୋର ଏକମାତ୍ର ଧ୍ୟାନର ବସ୍ତୁ ହୋଇଛି । ମୁଁ ଏଇଆ ବୁଝିଛିଯେ ଜଗତ ଖୁବ୍ ମହତ୍ ବିଷୟର ପ୍ରକୃତ ମୂଲ୍ୟ ନବୁଝିଲା ପର୍ଯ୍ୟନ୍ତ, ଛୋଟିଆ ବିଷୟ ଗୁଡ଼ିକ ଖୁବ୍ ଭଲ । ଏହିପରି କ୍ଷୁଦ୍ର ବିଷୟକୁ ଗ୍ରହଣ କରିବାକୁହିଁ ଜଗତ ସେତେବେଳେ ପ୍ରସ୍ତୁତ ଥାଏ । କାରଣ, ଏଇ ଜଗତଟି ଶିଶୁଭଳି ଉପଦେଶ ଅପେକ୍ଷା କ୍ରୀଡ଼ା କୌତୁକକୁ ବେଶୀ ପସନ୍ଦ କରେ ।"

ଭାଇମାନେ ପଚାରିଲେ,—"ସତରଞ୍ଜ ଖେଳ କଣ ଗୋଟାଏ ଆମୋଦ ପ୍ରମୋଦର ବିଷୟ ?"

—*—

# ମୋ ପାସାଁ

ଫ୍ରାନ୍ସ ଦେଶର ସାହିତ୍ୟିକ ମୋ ପାସାଁ ପୃଥିବୀର ଶ୍ରେଷ୍ଠ ଔପନ୍ୟାସିକ ଓ କଥାକାରମାନଙ୍କ ମଧ୍ୟରୁ ଅନ୍ୟତମ । ୧୮୫୦ ଖ୍ରୀଷ୍ଟାବ୍ଦ ଅଗଷ୍ଟମାସ ୫ ତାରିଖରେ ସେ ଫ୍ରାନ୍ସର ମେରୋ ମେସ୍‌ନେଲ ନାମକ ସ୍ଥାନରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଗୁସ୍ତେଭ ଓ ମାତାଙ୍କ ନାମ ଲରେ । ଗୁସ୍ତେଭ ଥିଲେ ସୁଶ୍ରୀ, ବିଳାସ ପ୍ରିୟ ଏବଂ ଲରେ ଥିଲେ ବିଦୁଷୀ ଓ କଳାନୁରାଗିଣୀ । ମୋପାସାଁଙ୍କ ଚରିତ୍ରରେ ପିତା ମାତାଙ୍କ ସମସ୍ତ ଦୋଷଗୁଣ ପ୍ରତିଫଳିତ ହୋଇଥିଲା ।

ଇଟ୍ରାଟ୍ ସହରରେ ମୋପାସାଁଙ୍କ ବାଲ୍ୟ ଜୀବନ ଅତି-ବାହିତ ହୋଇଥିଲା । ଏହି ସମୟରେ ସେ ସାଗର ପ୍ରତି ଅଧିକ ଆକୃଷ୍ଟ ଥିଲେ । ପରବର୍ତ୍ତୀ କାଳରେ ରଚିତ ତାଙ୍କର ରଚନା-ବଳୀରେ ଏହାର ନିଦର୍ଶନ ଦେଖିବାକୁ ମିଳେ । ତାପରେ ସେ କଲେଜରେ ଶିକ୍ଷା ପ୍ରାପ୍ତ ହେଲେ । ସେଠାରୁ ଉତ୍ତୀର୍ଣ୍ଣ ହେବାପରେ ୧୮୭୦ ରେ ଫ୍ରାନ୍ସ ଜର୍ମାନ ଯୁଦ୍ଧବେଳେ ସେ ସ୍ୱଳ୍ପ ସମୟ ଲାଗି ସୈନ୍ୟବାହିନୀରେ ଯୋଗ ଦେଇଥିଲେ । ଏହାପରେ ସେ ଜଣେ ରାଜକର୍ମଚାରୀ ଭାବେ ପ୍ରଥମେ ନୌ-ବିଭାଗରେ ଓ ପରେ ଶିକ୍ଷା ବିଭାଗରେ ୧୮୭୧ରୁ ୧୮୮୦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ସମୟରେ ଫ୍ରାନ୍ସର ପ୍ରଖ୍ୟାତ ଔପନ୍ୟାସିକ ଫ୍ଲୋବେର୍‌ଙ୍କ ସହିତ ତାଙ୍କର ସୁ-ଗଭୀର ବନ୍ଧୁତ୍ୱର ସୂତ୍ରପାତ ହୋଇଥିଲା । ମୋପାସାଁଙ୍କ ଜନନୀ ଥିଲେ ଫ୍ଲୋବେର୍‌ଙ୍କର ବାଲ୍ୟ ସଙ୍ଗିନୀ । ଯାହାହେଉ ଏହି ପ୍ରବୀଣ ସୁପ୍ରସିଦ୍ଧ ଔପନ୍ୟାସିକଙ୍କ ନିକଟରେ ସେ ଦୀର୍ଘ ସାତବର୍ଷ ଲାଗି ଏକ ଅପୂର୍ବ ସାହିତ୍ୟିକ ଶିକ୍ଷା ନବିସ୍ ଭାବେ କାର୍ଯ୍ୟ କରି

ଥିଲେ । ଏହି ସମୟ ମଧ୍ୟରେ ଫ୍ଲୋବେ ନିଜର ଶିଳ୍ପ ସୃଷ୍ଟିର ସମସ୍ତ ରହସ୍ୟ ମୋପାସାଁଙ୍କୁ ଶିକ୍ଷା ଦେଇଥିଲେ ଏବଂ ସାହିତ୍ୟିକ ସିଦ୍ଧି ଅର୍ଜିତ ହେବା ପୂର୍ବରୁ ଗୋଟାଏ ଧାଡ଼ି ମଧ୍ୟ ପ୍ରକାଶ କରିବାକୁ ନଦେବାକୁ ତାଙ୍କୁ ଉପଦେଶ ଦେଇଥିଲେ ।

ଇତ୍ୟବସରରେ ଫ୍ରାନ୍‌ସରେ ସ୍ୱଭାବବାଦୀ (Naturalist) ନାମକ ଏକ ସାହିତ୍ୟିକ ଗୋଷ୍ଠିର ଅଭ୍ୟୁଦୟ ହୋଇ ଥିଲା । ମୋପାସାଁ ଏହି ଲେଖକ ଗୋଷ୍ଠିରେ ଯୋଗ ଦେଇ ବନ୍ଧୁମାନଙ୍କ ସହ ସୁପ୍ରସିଦ୍ଧ ଔପନ୍ୟାସିକ ଏମିଲ ଯୋଲାଙ୍କ ମିଡ଼ାନ୍‌ରେ ଅବସ୍ଥିତ ଖମାର ଘରକୁ ଯା ଆସ କରୁଥାନ୍ତି । ଯୋଲା ସେ ସମୟରେ ଏକ ଗଳ୍ପ-ସଂଚୟନ ସଂକଳନ କରିବାରେ ମନୋନିବେଶ କରି ଥାନ୍ତି । ସେଇ ସଂକଳନରେ ମୋପାସାଁଙ୍କର ଗୋଟିଏ କ୍ଷୁଦ୍ର ଗଳ୍ପ ସ୍ଥାନ ପାଇଥିଲା ।

ଏହି ଗଳ୍ପଟି ଅଭୂତପୂର୍ବ ସାଫଲ୍ୟ ଅର୍ଜନ କରିଥିଲା ଓ ସଙ୍ଗେ ସଙ୍ଗେ ସେ ସୁପ୍ରତିଷ୍ଠିତ କଥାକାରଭାବେ ଗୌରବାନ୍ୱିତ ହେଲେ । ତା'ପରେ ସେ କିରାଣି ଛାଡ଼ିଦେଇ ନିଜର ସମସ୍ତ ସମୟ ସାହିତ୍ୟ ସେବାରେ ନିୟୋଜିତ କଲେ ।

କବି, ଔପନ୍ୟାସିକ ଓ ଗଳ୍ପ ଲେଖକଭାବେ ଫରାସି ସାହିତ୍ୟରେ ସେ ସୁବିଖ୍ୟାତ । ଖ୍ରୀ୧୮୮୦ ଠାରୁ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ୧୩ ବର୍ଷ ମଧ୍ୟରେ ସେ ଛଅଟୋଗୋଟି ବୃହତ ଉପନ୍ୟାସ, ଗୋଟିଏ ଭ୍ରମଣ କାହାଣୀ ଏବଂ ବହୁ ସଂଖ୍ୟକ କ୍ଷୁଦ୍ର ଗଳ୍ପ ରଚନା କରି ପୃଥିବୀର କଥା ସାହିତ୍ୟରେ ଅନ୍ୟତମ ଅମର କଥାକାର ଭାବେ ପ୍ରସିଦ୍ଧି ଅର୍ଜନ କରି ଯାଇଅଛନ୍ତି । ଗଳ୍ପ ଲେଖକ ଭାବେହିଁ ତାଙ୍କର ଖ୍ୟାତି ବିଶ୍ୱ ବିଶ୍ରୁତ ।

କ୍ରମେ ବହୁ ପରିଶ୍ରମ ଓ ଅମିତାଚାରର ଯୋଗୁଁ ସେ ନାନାବିଧ ଶାରୀରିକ ଓ ସ୍ନାୟବିକ ରୋଗଗ୍ରସ୍ତ ହୋଇ ପଡ଼ିଥିଲେ । ପରିଭ୍ରମଣ ଓ ନୌକା ଚାଳନା ତାଙ୍କର ଅତି ପ୍ରିୟ ବିଷୟ ଥିଲା । ସ୍ୱାସ୍ଥ୍ୟ ଅନ୍ୱେଷଣରେ ସେ ଅବିଶ୍ରାନ୍ତ ପରିଶ୍ରମ ଓ ନୌକା ଚାଳନା କରି ଇତସ୍ତତଃ ଯାତ୍ରା କରୁଥିଲେ । ମାତ୍ର ଅବଶେଷରେ ତାଙ୍କର ବିଚିତ୍ର ଜୀବନ ଯାପନ ରୀତି ଯୋଗୁ ତାଙ୍କର ସ୍ୱାସ୍ଥ୍ୟ ଭଗ୍ନ ହେଲା ଓ ରୋଗ କ୍ରମଶଃ ପ୍ରବଳତର ହୋଇ ତାଙ୍କ ମସ୍ତିଷ୍କକୁ ଆକ୍ରାନ୍ତ କଲା । ୧୮୯୨ ମସିହା ଜୁନ ମାସରେ ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ମାତ୍ର ତାହା ଧରାପଡ଼ି ଯାଇଥିଲା । ଏହାପରେ ସମ୍ପୂର୍ଣ୍ଣ ରୂପେ ତାଙ୍କର ହିତାହିତ ଜ୍ଞାନ ଲୁପ୍ତ ହେଲା ଓ ମୃତ୍ୟୁ ପର୍ଯ୍ୟନ୍ତ ଅବଶିଷ୍ଟ ସମୟ ସେ ଉନ୍ମାଦ ଅବସ୍ଥାରେ ପ୍ୟାସି ନାମକ ଏକ ସହରରେ ଅବରୁଦ୍ଧ ହୋଇ ରହିଥିଲେ । ସେହିଠାରେ ଉନ୍ମାଦ ରୋଗର ପରିଣତି ସ୍ୱରୂପ ସାଧାରଣ ପକ୍ଷାଘାତ ରୋଗରେ ୧୮୯୩ ମସିହା ଅଗଷ୍ଟ ମାସରେ ତାଙ୍କର ମୃତ୍ୟୁ ହୋଇଥିଲା ।

—o—

# * ବେଜାଏ ଖରଚ !

ଫ୍ରାନ୍ସ ଏବଂ ଇଟାଲୀର ସୀମାନ୍ତବର୍ତ୍ତୀ ଭୂମଧ୍ୟସାଗର କୂଳରେ ମୋନାକୋ ବୋଲି ଛୋଟିଆ ରାଜ୍ୟଟିଏ । ରାଜ୍ୟର ଲୋକ ସଂଖ୍ୟା ମାତ୍ର ସାତ ହଜାର (କେତେ ଦେଶର ଛୋଟ ସହରର ଲୋକସଂଖ୍ୟା ଏଇ ରାଜ୍ୟର ଲୋକସଂଖ୍ୟା ଠାରୁ ବି ବେଶୀ ହେବ) । ରାଜ୍ୟଟିର ସମସ୍ତ ଜମିକୁ ବାଣ୍ଟିଲେ, ଜଣକ ଭାଗରେ ଏକରେ ଜମି ପଡ଼ିବ କି ନାହିଁ ସନ୍ଦେହ । ନାଁକୁ ମାତ୍ର ଏଇ ଛୋଟିଆ ରାଜ୍ୟରେ ଜଣେ ରାଜା ଥାଆନ୍ତି । ସବୁ ରାଜାଙ୍କଭଳି ତାଙ୍କର ରାଜପ୍ରାସାଦ, ସଭାସଦ, ମନ୍ତ୍ରୀମଣ୍ଡଳ, ସେନାପତି, ସୈନ୍ୟବାହିନୀ, ପୁରୋହିତ ସବୁ ବି ଥାଆନ୍ତି ।

ସୈନ୍ୟବାହିନୀଟି କିନ୍ତୁ ନିହାତି ଛୋଟ; ମାତ୍ର ୬୦ ଜଣଙ୍କୁ ନେଇ ଗଢ଼ା । ତେବେବି ଏହା ଏକ ସୈନ୍ୟବାହିନୀ ନୁହେଁତ ଆଉ କ'ଣ ? ସବୁ ଦେଶଭଳି ଏଇ ରାଜ୍ୟରେ କର ବ୍ୟବସ୍ଥା ପ୍ରଚଳିତ । ଧୂଆଁ ପତ୍ର, ମଦ ଉପରେ କର ଦେବାକୁ ପଡ଼େ । ଅନ୍ୟ ଦେଶ ଲୋକଙ୍କଭଳି ସେଠାରେ ମଧ୍ୟ କେହି କେହି ମଦ ଖାଆନ୍ତି, ଧୂମ୍ରପାନ କରନ୍ତି । ସେମାନଙ୍କ ସଂଖ୍ୟା ନିହାତି କମ୍ ହେଲେ ମଧ୍ୟ ରାଜା ସେମାନଙ୍କଠାରୁ କର ଆଦାୟ କରନ୍ତି । ସେମାନଙ୍କ ଉପରେ କର ନ ବସାଇଲେ ନିଜେ ଏବଂ ତାଙ୍କର କର୍ମଚାରୀ ଓ ପାରିଷଦବର୍ଗଙ୍କୁ ଚଳାଇବା କଷ୍ଟକର ।

ଏହାଛଡ଼ା ଏଇ ରାଜାଙ୍କର ଆଉ ଏକ ଆୟ ହେଉଥିଲା— ଗୋଟାଏ ଜୁଆଖେଳ ଘର ବାବଦରୁ । ଏହି ଘରେ 'ରୌଲଟ' ବୋଲି ଏକପ୍ରକାର ଖେଳ ହୁଏ । ଖେଳାଳୀ ଜିତନ୍ତୁ ବା ହାରନ୍ତୁ

---

* ଟଲଷ୍ଟୟଙ୍କ ଦ୍ୱାରା ଅନୁବାଦିତ ଗଳ୍ପରୁ ।

ସେହି ଘରର ମାଲିକଙ୍କୁ ପ୍ରତି ବାଜିରେ ଜଣପିଛା କମିଶନ ମିଳେ । ଏହି ଲଭାଂଶରୁ ସେ ଅନେକ ଟଙ୍କା ରାଜକୋଷକୁ ଦିଅନ୍ତି । ଏହି ଭାବରେ ରାଜାଙ୍କର ବେଶ୍ କିଛି ଆୟ ହେଉଥିଲା । କାରଣ, ୟୁରୋପରେ ଏକା ଏହି ରାଜ୍ୟଛଡ଼ା ଏ ଧରଣର ଜୁଆଖେଳ ଆଡ୍‌ଡ଼ାଗୁଡ଼ିକ ସବୁ ଦେଶରୁ ଲୋପ ହୋଇଯାଇଥିଲା ।

ଜୁଆଖେଳ ଘରଗୁଡ଼ିକ ଦ୍ୱାରା ବହୁ ଅନିଷ୍ଟ ହୁଏ । ଜଣେ ହୁଏତ ଏଠାକୁ ଆସି ତାର ଭାଗ୍ୟ ପରୀକ୍ଷା କରି ବସେ । ନିଜର ସବୁ ଧନ-ସମ୍ପତ୍ତି ବାଜି ରଖି ହରାଇ, ନିଜର ନ ହୋଇଥିବା ଜିନିଷକୁ ମଧ୍ୟ ବାଜି ରଖି ହରାଏ । ଅବଶେଷରେ ବ୍ୟର୍ଥ ମନୋରଥ ହୋଇ ଗୁଳିରେ ଆତ୍ମହତ୍ୟା କରେ ବା ବୁଡ଼ି ମରେ । ଏଣୁ ସବୁ ଦେଶରେ ଧନାଗମର ଏହି ଅପକାରୀ ପନ୍ଥାଟିକୁ ଆଇନ ପ୍ରଣୟନ କରି ବନ୍ଦକରି ଦିଆଯାଇଥିଲା । କିନ୍ତୁ ମୋନାକୋର ରାଜାଙ୍କୁ ମନା କରିବାକୁ କେହି ନାହିଁ । ତେଣୁ ସେ ନିରଙ୍କୁଶ ଭାବରେ ଏହି ବ୍ୟବସାୟରେ ଲିପ୍ତଥିଲେ । ଯେଉଁମାନେ ଜୁଆଖେଳିବାକୁ ଚାହାଁନ୍ତି, ସେମାନେ ସେଥିପାଇଁ ମୋନାକୋ ଦେଶକୁ ଆସୁଥିଲେ । ସେମାନେ ହାରନ୍ତୁ ବା ଜିତନ୍ତୁ, ମୋନାକୋ ରାଜା ଏହା ଦ୍ୱାରା ଲାଭବାନ୍ ହେଉଥିଲେ । ମଦ, ଧୂଆଁପତ୍ର ଉପରେ କର ବସାଇ ରାଜସ୍ୱ ଆଦାୟ କରିବା ଭଲ କଥା ନୁହେଁ । ଜୁଆଖେଳକୁ ପ୍ରଶ୍ରୟ ଦେଇ ଟଙ୍କା ଲାଭ ପାଇବା ମଧ୍ୟ ଗୋଟାଏ କଦର୍ଯ୍ୟ ବ୍ୟବସାୟ । ରାଜା ଏ ସବୁ ଜାଣିଲେବି ସେ'ବା କ'ଣ କରିପାରିବେ ? ତାଙ୍କୁତ ପୁଣି ବଞ୍ଚିବାକୁ ହେବ । ଯାହାହେଉ, ଏହିପରି ସେ ନିଜର ରାଜକୀୟ ବ୍ୟବସ୍ଥାକୁ ରକ୍ଷା କରି ଚଳୁଥାନ୍ତି । ଅତି ଛୋଟିଆ ଧରଣର ହେଲେବି ସବୁ ରାଜାଙ୍କଭଳି ଏହି ରାଜାଙ୍କର ଅଭିଷେକ ଉତ୍ସବ ହୁଏ, ସେ

ପାରିତୋଷିକ ପ୍ରଦାନ କରନ୍ତୁ । ତାଙ୍କର ମୃତ୍ୟୁଦଣ୍ଡ ଓ କ୍ଷମା ଦେବା ଅଧିକାର, ଆଇନ ଅଦାଲତ ମଧ୍ୟ ଥାଏ ।

ଏହି କ୍ଷୁଦ୍ର ରାଜ୍ୟରେ ଥରେ ଗୋଟିଏ ନରହତ୍ୟା ଘଟିଗଲା । ରାଜ୍ୟର ଲୋକେ ଶାନ୍ତିପ୍ରିୟ । ଏପରି ଘଟଣା ଆଗରୁ କେବେ-ହେଲେ ଘଟି ନାହିଁ । ଏଣୁ ବିଚାରକମାନେ ଖୁବ୍ ତତ୍ପର ହୋଇ ଉଠିଲେ । ନିଷ୍ଠାର ସହିତ ଏହାର ବିଚାରଲାଗି ବସିଗଲେ । ପ୍ରୋସିକ୍ୟୁଟର, ଜୁରି, ବାରିଷ୍ଟର ସମସ୍ତେ ବହୁ ଯୁକ୍ତିତର୍କ, ବାଦାନୁ-ବାଦ ପରେ ଆଇନ ଅନୁଯାୟୀ ଦୋଷୀର ଶିରଚ୍ଛେଦ ହେବ ବୋଲି ରାୟ ଦେଲେ । ସେମାନଙ୍କର ଏହି ସିଦ୍ଧାନ୍ତକୁ ରାଜାଙ୍କ ନିକଟରେ ଉପସ୍ଥାପିତ କରାଗଲା । ଦଣ୍ଡାଦେଶ ପାଠ କରି ରାଜା ନିଜର ସ୍ୱୀକୃତି ପ୍ରକାଶ କରି କହିଲେ—"ବେଶ୍ କଥା, ଯଦି ଲୋକଟାକୁ ଫାଶୀ ଦେବା କଥା, ତେବେ ତାକୁ ତୁରନ୍ତ ଫାଶୀ ଦିଆଯାଉ ।"

କିନ୍ତୁ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କଲାବେଳକୁ ଏକ ପ୍ରଧାନ ଅସୁବିଧା ଉପସ୍ଥିତ ହେଲା । ଲୋକଟିର ମୁଣ୍ଡ କାଟିବା ଲାଗି, ଫାଶୀ-ଖୁଣ୍ଟ ବା ହତ୍ୟାକାରୀ କେଉଁଟି ହେଲେ ତାଙ୍କ ରାଜ୍ୟରେ ନଥିଲା । ମନ୍ତ୍ରୀମାନେ ଏହି ବିଷୟଟିର ଆଲୋଚନା କରି ଫ୍ରାନ୍ସ ସରକାରଙ୍କ ନିକଟରୁ ଫାଶୀ ଦେବା ଯନ୍ତ୍ର ଓ ଜଣେ ପାରଦର୍ଶୀ ହତ୍ୟାକାରୀ ଧାର ସୂତ୍ରରେ ଅଣାଇବାକୁ ସ୍ଥିର କଲେ । ସେମାନେ ଏହା ଦେଇ-ପାରିବେ କି ନାହିଁ ଏବଂ ଏ ସବୁର ଆନୁମାନିକ ମୂଲ୍ୟ କେତେ ପଡ଼ିବ ସେ ସବୁ ଜଣାଇବାକୁ ଅନୁରୋଧ କରି ଫ୍ରାନ୍ସ ସରକାରଙ୍କୁ ପତ୍ର ଲେଖାଗଲା । ସପ୍ତାହକ ପରେ ଉତ୍ତର ଆସିଲା ଯେ, "ଯନ୍ତ୍ର ଓ ଜଣେ ହତ୍ୟାକାରୀଙ୍କୁ ଯୋଗାଇ ଦିଆଯାଇ ପାରିବ; କିନ୍ତୁ ଏହାର ମୂଲ୍ୟ ପଡ଼ିବ ୧୬,୦୦୦ ଫ୍ରାଙ୍କ ।" ରାଜାଙ୍କୁ ଏକଥା ଜଣାଇ ଦିଆ-ଗଲା । ରାଜା ଭାବିଲେ ୧୬,୦୦୦ ଫ୍ରାଙ୍କ ! ହତଭାଗ୍ୟ ଲୋକଟି

ଏତେଗୁଡ଼ାଏ ଖର୍ଚ୍ଚର ଉପଯୁକ୍ତ ନୁହେଁ । ଆହୁରି କମରେ କ'ଣ ଏ କାର୍ଯ୍ୟଟି ହୋଇପାରନ୍ତା ନାହିଁ ? ଏଇ ୧୬,୦୦୦ ଫ୍ରାଙ୍କ ଆସିବ ବା କୁଆଡ଼ୁ ? ହୁଏତ ଏଥିପାଇଁ ଆମ ରାଜ୍ୟର ପ୍ରତି ଲୋକ ଉପରେ ଦୁଇ ଫ୍ରାଙ୍କରୁ ବେଶୀ କର ବସାଇବାକୁ ପଡ଼ିବ । ଏଇ ଅତିରିକ୍ତ କର ଦେବାକୁ ରାଜ୍ୟ ଲୋକେ ଅକ୍ଷମ ହୋଇ ଶେଷକୁ ବିପ୍ଳବ ସୃଷ୍ଟି କରି ପାରନ୍ତି ।

ତେଣୁ କ'ଣ କରିବାକୁ ହେବ ?-ଏହାର ବିଚାର ଲାଗି ମିଳିତ ଆଲୋଚନା ହେଲା । ସ୍ଥିର ହେଲା ଯେ, ଇଟାଲୀ ରାଜାଙ୍କୁ ଠିକ୍ ପୂର୍ବପରି ପତ୍ରଟି ପଠା ହେବ । ଫରାସୀ ସରକାର ଗଣତନ୍ତ୍ର ଶାସନରେ ଚାଲନ୍ତି । ତେଣୁ ସେଠା ସରକାରଙ୍କର ରାଜାଙ୍କ ପ୍ରତି ଶ୍ରଦ୍ଧା ନଥିବା କଥା । ଇଟାଲୀ ରାଜାତ ଆମ ରାଜାଙ୍କ ବନ୍ଧୁ । ତେଣୁ ତାଙ୍କୁ ପୂର୍ବାପେକ୍ଷା କମ୍ ଦାମରେ ଉକ୍ତ କାମଟି ଦେବାପାଇଁ ପ୍ରରୋଚିତ କରାଯାଇପାରେ । ସଙ୍ଗେ ସଙ୍ଗେ ସେଠାକୁ ଚିଠି ଲେଖା-ଗଲା । ତୁରନ୍ତ ଉତ୍ତର ମିଳିଲା ଯେ ଇଟାଲୀ ସରକାର ଯନ୍ତ୍ରଟି ଏବଂ ଯୋଗ୍ୟ ହତ୍ୟାକାରୀ ଜଣଙ୍କୁ ଯୋଗାଇ ଦେବାକୁ ଆନନ୍ଦର ସହିତ ରାଜି ହୋଇଛନ୍ତି । କିନ୍ତୁ ଏ ସମସ୍ତଙ୍କୁ ପଠାଇବା ଖର୍ଚ୍ଚ ୧୨,୦୦୦ ଫ୍ରାଙ୍କ ପଡ଼ିବ । ପୂର୍ବ ଅପେକ୍ଷା ଏହା ଶସ୍ତା, କିନ୍ତୁ ଏହି ଦାମଟା ମଧ୍ୟ ସେମାନଙ୍କ ପକ୍ଷେ ଖୁବ୍ ବେଶୀ ମନେହେଲା । ବିଚରା ଦୋଷୀ ବ୍ୟକ୍ତିଟି ଲାଗି ପୁଣି ଏତେ ଖର୍ଚ୍ଚ ! ଏଥିରେ ବି ଜଣ ପିଛା ଦୁଇ ଫ୍ରାଙ୍କ କରି କର ବସାଇବାକୁ ପଡ଼ିବ । ପୁଣି ଗୋଟିଏ ସଭା ଆହୂତ ହେଲା । ଅଳ୍ପ ଖର୍ଚ୍ଚରେ ଏଇ କାମଟା କିପରି ହୋଇ ପାରିବ, ସଭ୍ୟମାନେ ପରସ୍ପର ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ । ପ୍ରସ୍ତାବ ହେଲା, ଜଣେ ସୈନିକ ଦ୍ୱାରା ଏଇ କାର୍ଯ୍ୟଟିକୁ ତୁଲେଇ ନିଆଯାଉ । ସେନାପତିଙ୍କୁ ଡାକି ପଚରା ଗଲା—"ଏଇ ଲୋକଟିର

ମୁଣ୍ଡ କାଟିବା ପାଇଁ ତୁମେ କଣ ଜଣେ ସୈନିକ ଯୋଗାଡ଼ କରି ପାରିବ ନାହିଁ ? ଯୁଦ୍ଧରେତ ସୈନ୍ୟମାନେ ମନୁଷ୍ୟ ମାରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଏ କ୍ଷେତ୍ରରେ ଅମତ ହେବେ କାହିଁକି ? ବାସ୍ତବିକ, କେବଳ ସେଇଥିପାଇଁ ତ ସେମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦିଆଯାଉଛି ।" ସେନାପତି ଏଇ ବିଷୟଟି ସୈନ୍ୟମାନଙ୍କୁ ପଚାରିଲେ । କିନ୍ତୁ କୌଣସି ସୈନ୍ୟ ଏଇ କାର୍ଯ୍ୟ କରିବାକୁ ରାଜି ହେଲେ ନାହିଁ । କହିଲେ—"ନାଁ, କିପରି ଫାଶୀ ଦେବାକୁ ହୁଏ ତା ଆମେ ଜାଣୁନା । ଯୁଦ୍ଧକରିବାକୁ ସିନା ଆମେ ଶିଖିଛୁ, ଫାଶୀ ଦେବାକୁ ତ ଆମକୁ ଶିଖେଇ ଦିଆ ଯାଇ ନାହିଁ ।"

କ'ଣ କରିବାକୁ ହେବ, ପୁଣି ରାଜାଙ୍କ ମନ୍ତ୍ରୀମାନେ ବିଚାର ଓ ପୁନର୍ବିଚାର କରିବାକୁ ଆରମ୍ଭ କରି ଦେଲେ । କମିଶନ, କମିଟି, ସବ୍‌କମିଟି ସବୁ ନିଯୁକ୍ତ ହେଲେ ଏହା ନିଷ୍ପତ୍ତି କରିବାକୁ । ଶେଷକୁ ଦୋଷୀକୁ ମୃତ୍ୟୁଦଣ୍ଡ ପରିବର୍ତ୍ତେ ଯାବଜ୍ଜୀବନ ବନ୍ଦୀକରି ରଖିବାକୁ ସାନ ଆଦେଶ ଦିଆଯିବା ସବୁଠୁଁ ଭଲ ହେବ ବୋଲି ସେମାନେ ସ୍ଥିର କଲେ । ତାହା ହେଲେ ରାଜାଙ୍କୁ ବି କ୍ଷମା ଦେବାକୁ ଭବିଷ୍ୟତରେ ସୁବିଧା ହେବ । କାମଟି ମଧ୍ୟ ଶସ୍ତା ଓ ସୁବିଧାରେ ହୋଇପାରିବ ।

ରାଜା ଏଥିରେ ରାଜି ହୋଇଗଲେ । କିନ୍ତୁ ଏହା କାର୍ଯ୍ୟକାରୀ ହେଲାବେଳକୁ ପୁଣି ଅସୁବିଧା ଉପସ୍ଥିତ । ସାମୟିକ ଭାବେ ଅଭିଯୁକ୍ତ ଲୋକଙ୍କୁ ରଖିବା ପାଇଁ ଗାରଦଘର ସେ ରାଜ୍ୟରେ ସିନା ଥିଲା କିନ୍ତୁ ସ୍ଥାୟୀ ଭାବରେ ଯାବଜ୍ଜୀବନ ବନ୍ଦୀମାନଙ୍କୁ ରଖିବା ଲାଗି ସୁଦୃଢ଼ କାରାଗାର ସେ ରାଜ୍ୟରେ ଆଦୌ ନଥିଲା । ଯା'ହେଉ, କୌଣସିମତେ କାମ ଚଳାଇ ନେବାକୁ ଘରଟିଏ ଯୋଗାଡ଼ ହେଲା । ଏହି ଯୁବକ ଦୋଷୀ ବ୍ୟକ୍ତିଟିକୁ ସେଠାରେ କେତେକ ପ୍ରହରୀଙ୍କ

ଅଧୀନରେ ରଖାଗଲା । ପ୍ରହରୀ ଜଣେ ଏହି ଆସାମୀକୁ ସଦାସର୍ବଦା ପହରା ଦେଉଥାଏ; ଠିକ୍ ସମୟରେ ତା’ ପାଇଁ ଖାଦ୍ୟ ପଦାର୍ଥ ରାଜାଙ୍କ ରୋଷଘରୁ ଆଣି ଦେଇ ଯାଉଥାଏ ।

ଏମିତି ମାସ ମାସ ଯାଇ ବର୍ଷେ ଗଲା । ବନ୍ଦୀଟି ସେଇ ବନ୍ଦୀଶାଳାରେ ସେହିପରି ରହିଥାଏ । ବର୍ଷକ ପରେ ରାଜା ଦିନେ ତାଙ୍କର ବାର୍ଷିକ ଆୟବ୍ୟୟ ବିବରଣୀ ଦେଖୁ ଦେଖୁ ଏକ ନୂଆ ଖର୍ଚ୍ଚର ଫର୍ଦ୍ଦ ଦେଖିବାକୁ ପାଇଲେ । ଏଇଟା ହେଉଛି—“ବନ୍ଦୀର ରକ୍ଷଣାବେକ୍ଷଣ ଖର୍ଚ୍ଚ ।” ଖର୍ଚ୍ଚର ପରିମାଣ ମଧ୍ୟ କିଛି କମ୍ ନୁହେଁ । ବନ୍ଦୀଟିଲାଗି ଜଣେ ସ୍ୱତନ୍ତ୍ର ପ୍ରହରୀ ଏବଂ ତା’ ନିଜର ଖାଦ୍ୟ ଏ ସବୁ ମିଶି ବର୍ଷକୁ ପ୍ରାୟ ୬ ଶହ ଫ୍ରାଙ୍କରୁ ବେଶୀ ଖର୍ଚ୍ଚ ! ଆଉ ସବୁଠାରୁ ବେଶୀ ଆଶଙ୍କାର ବିଷୟ ହେଉଛି ଯେ, ଲୋକଟା ଏବେ ମଧ୍ୟ ଖୁବ୍ ସୁସ୍ଥ, ସବଳ ରହିଛି; ସମ୍ଭବତଃ ଆଉ ପଚାଶ ବର୍ଷ ମଧ୍ୟ ବଞ୍ଚିପାରେ । ଏଇ ବାବଦ୍ ଖର୍ଚ୍ଚ ଭାବିଲାବେଳକୁ ଏହା ଗୁରୁତର ମନେହେବାର କଥା । ଏହାକୁ ବନ୍ଦ କରାଇବାକୁଇ ହେବ । ରାଜା ମନ୍ତ୍ରୀମାନଙ୍କୁ ପୁଣି ଡକାଇ କହିଲେ, “ଏଇ ବଦ୍‌ମାସ୍‌ଟା ଲାଗି ତୁମ୍ଭମାନଙ୍କୁ ଆହୁରି ଶସ୍ତା ବ୍ୟବସ୍ଥା ଠିକ କରି ଦେବାକୁ ପଡ଼ିବ । ବର୍ତ୍ତମାନ ବ୍ୟବସ୍ଥାଟି ଅତ୍ୟନ୍ତ ବ୍ୟୟସାପେକ୍ଷ ।”

ମନ୍ତ୍ରୀମାନେ ବସି ଯଥାରୀତିରେ ବିଚାର ପୁନର୍ବିଚାର ଆରମ୍ଭ କରି ଦେଲେ । ଶେଷକୁ ଜଣେ କହିଲେ, “ସଭ୍ୟ ମହୋଦୟଗଣ, ମୋ ମତରେ ବନ୍ଦୀ ପାଇଁ ନିଯୁକ୍ତ ଏହି ପ୍ରହରୀଟିକୁ କାମରୁ ବାହାର କରି ଦେଲେ ବେଶ ସୁବିଧା ହେବ ।” ଅନ୍ୟ ଜଣେ ମନ୍ତ୍ରୀ କହିଲେ, “କିନ୍ତୁ ତା’ ହେଲେ ବନ୍ଦୀଟି ଯେ ପଳାଇଯିବ ।” ପ୍ରଥମ ବକ୍ତା କହିଲେ, ଭଲକଥା —“ସେ ପଳାଇଯାଉ, ତା ହେଲେ ସବୁ ଝଞ୍ଜଟ ଏକା ଥରକେ ତୁଟିଯିବ ।” ସେମାନେ ରାଜାଙ୍କୁ ଏଇ ନିଷ୍ପତ୍ତି ଜଣାଇ

ଦେଲେ । ରାଜା ମଧ୍ୟ ଏଥିରେ ସଙ୍ଗେ ସଙ୍ଗେ ରାଜି ହୋଇଗଲେ । ପ୍ରହରୀଙ୍କୁ କାର୍ଯ୍ୟରୁ ଅନ୍ତର କରି ଦିଆଗଲା । ଏହା ପରେ ବନ୍ଦୀଟି କଣ କରିବ ତାହା ଦେଖିବାକୁ ସମସ୍ତେ ଅପେକ୍ଷା କରି ରହିଲେ । ମୋଟ ଉପରେ ଏହା ଭିତରେ ଏତିକି ହେଲା ଯେ, ଖାଇବାବେଳ ହେବାରୁ ବନ୍ଦୀଟି ନିଜେ ବାହାରକୁ ଆସିଲା । ଦେଖିଲା, ତା'ପାଇଁ ଖାଦ୍ୟଆଣି ଦେବାକୁ ପ୍ରହରୀଟି ନାହିଁ । ତେଣୁ ନିଜ ଖାଦ୍ୟ ଆଣିବାକୁ ସେ ନିଜେ ରାଜାଙ୍କ ରନ୍ଧନଶାଳକୁ ଗଲା । ଯାହା ଦିଆଗଲା, ତାକୁ ଆଣି ନିଜେ ଦ୍ୱାର ବନ୍ଦକରି ବନ୍ଧଶାଳା ଭିତରେ ରହିଲା । ତା ପରଦିନ ବି ଠିକ୍ ସେଇଆ ହେଲା । ନିର୍ଦ୍ଧାରିତ ସମୟରେ ସେ ତାର ଖାଦ୍ୟ ଆଣିବାକୁ ଗଲା । ସେଠାରୁ ପଳାଇଯିବାଭଳି କୌଣସି ଲକ୍ଷଣ ତିଳେ ହେଲେ ତା'ଠାରେ ଦେଖିବାକୁ ମିଳିଲା ନାହିଁ । ଏଥର କଣ କରାଯିବ ? ମନ୍ତ୍ରୀମାନେ ପୁଣି ଭାବି ଭାବି ଠିକକଲେ—ଏଥର ଆମେ ତାକୁ ରଖିବା ପାଇଁ ଆଦୌ ଚାହୁଁନା ବୋଲି ପରିଷ୍କାର ଖୋଲି ଖୋଲି ଭାବରେ କହିଦେବା । ବିଚୁରବିଭାଗମନ୍ତ୍ରୀ ବନ୍ଦୀକୁ ପାଖକୁ ଡାକି ପଚାରିଲେ—'ତୁମେ କାହିଁକି ପଳାଇ ଯାଉନ ? ତୁମକୁ ରଖିବା ପାଇଁତ ପ୍ରହରୀ ନାହାନ୍ତି । ଯାହା ହେଉ ତୁମେ ବର୍ତ୍ତମାନ ଯୁଆଡ଼େ ଇଚ୍ଛା ତେଣେ ଯାଇପାର । ରାଜା ଏ ବିଷୟରେ କିଛି ମନେ କରିବେ ନାହିଁ ।"

ଲୋକଟି ଉତ୍ତର ଦେଲା—"ମୁଁ ବି ବୁଝିପାରୁଚି, ଏବେ ହୁଏତ ମୁଁ ପଳାଇଗଲେ ରାଜା କିଛି ମନେ କରି ନପାରନ୍ତି । କିନ୍ତୁ ମୁଁ ଏବେ ଯିବି କୁଆଡେ଼ ? କ'ଣ ବା ମୋ ଦ୍ୱାରା ଆଉ କରି ହେବ ? ଆପଣମାନେ ମତେ ଦଣ୍ଡ ଦେଇ ମୋ ଚରିତ୍ର ଓ ଜୀବନ ସମସ୍ତ ଧ୍ୱଂସ କରି ଦେଇଛନ୍ତି । ଲୋକେ ଏବେ ମୋତେ ଦେଖିଲେ ଘୃଣାରେ ନାକ ଟେକିବେ । ସେତିକି ନୁହେଁ, କାମ ନକରି ମୁଁ ବି

ଅକର୍ମଣ୍ୟ ହୋଇ ସାରିଲିଣି । ଆପଣମାନେ ମୋ ପ୍ରତି ନିର୍ମମ ବ୍ୟବହାର କରିଛନ୍ତି । ପ୍ରଥମେ ଯେତେବେଳେ ମୃତ୍ୟୁଦଣ୍ଡ ଆଦେଶ ଦେଲେ, ସେତେବେଳେ ମତେ ହତ୍ୟା କରିବା ଆପଣମାନଙ୍କ ଇଚ୍ଛା ଥିଲା । କିନ୍ତୁ ଆପଣମାନେ ତା' କଲେ ନାହିଁ । ସେ ବିଷୟରେ ମୁଁ ପ୍ରତିବାଦ କରି ନାହିଁ । ତା'ପରେ ମୋତେ ଯାବଜ୍ଜୀବନ ଦଣ୍ଡ ଦେଇ ମୋର ଖାଦ୍ୟ ଆଣିବାକୁ ପ୍ରହରୀଟିଏ ନିଯୁକ୍ତ କଲେ । କିଛି ଦିନ ପରେ ଆପଣମାନେ ପୁଣି ତାକୁ ବାହାର କରି ଦେଲେ । ମୁଁ ବାଧ୍ୟ ହୋଇ ମୋ ନିଜ ଖାଦ୍ୟ ନିଜେ ଆଣିବାକୁ ଲାଗିଲି । ତେବେ ବି ମୁଁ ପ୍ରତିବାଦ କରି ନାହିଁ । କିନ୍ତୁ ଏବେ ଆପଣମାନେ ପୁଣି ଚାହାନ୍ତି ମୁଁ ପଳାଇଯିବି । ଏଇ ପ୍ରସ୍ତାବରେ ମୁଁ କେବେହେଁ ରାଜି ହୋଇ ପାରିବି ନାହିଁ । ଆପଣମାନେ ମୋର ଯାହା ଇଚ୍ଛା ତା' କରି ପାରନ୍ତି, ମାତ୍ର ମୁଁ ନିଜେ ଏଠାରୁ ଯିବି ନାହିଁ ।"

ତେବେ କଣ କରାଯିବ ? ପୁଣି ଥରେ ସଭା ବସିଲା । ଲୋକଟା ତ ଯାଉନାହିଁ । ପୁଣି ଯିବ ନାହିଁ ବୋଲି ଅଡ଼ିବସିଲାଣି । ଏଥିକୁ ଉପାୟ କଣ ? ଏହାର ବିଚାର କରିବାକୁ ପୁଣି କଳ୍ପନା ଜଳ୍ପନା ଚାଲିଲା । ଏବେ ତାହାଠାରୁ ନିଷ୍କୃତି ପାଇବାର ଏକମାତ୍ର ଉପାୟ ହେଉଛି,—ତାକୁ ପେନ୍‌ସନ୍ ଦେବା । ତାହାହିଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହେଲା । ସେଇ କଥା ସେମାନେ ଯାଇ ରାଜାଙ୍କୁ ଜଣାଇଲେ "ଏହି ଲୋକଟା ପାଇଁ ଆଉ କିଛି ପନ୍ଥା ବାକି ନାହିଁ, ଯେପରି ହେଉ ଏହାଠାରୁ ନିଷ୍କୃତି ନ ପାଇଲେ ନଚଳେ ।" ଶେଷକୁ ରାଜାଙ୍କ ଉପସ୍ଥିତିରେ ଠିକ୍ ହେଲା ଯେ, ବନ୍ଦୀଟି ବର୍ଷକୁ ୬୦୦ ଫ୍ରାଙ୍କ ପେନ୍‌ସନ୍ ପାଇବ ।

ବନ୍ଦୀଟିକୁ ସେହି କଥା ଜଣାଇ ଦିଆଗଲା । ତାହା ଶୁଣି ସେ କହିଲା—"ଆଚ୍ଛା, ଏହାହିଁ ଯଦି ହୁଏ, ତା' ହେଲେ ବେଶ୍ ଭଲ

କଥା । ନଗ୍ରଣ୍ଟିର ସ୍ତବେ ସର୍ବଦା ପେନ୍‌ସନ୍ ଟଙ୍କାଟି ପଠାଉଥିଲେ ମୋର ଏ ପ୍ରସ୍ତାବରେ [illegible] କରୁ ନାହିଁ । କେବଳ ଏହି ସର୍ତ୍ତରେହିଁ ମୁଁ ଯିବାକୁ ରାଜି ଅଛି ।"

ଏହିପରି ବଷପୁଟିର ବୃତ୍ତାନ୍ତ ନିଷ୍ପତ୍ତି ହୋଇଗଲା । ବାର୍ଷିକ ଭତ୍ତାର ଏକ ତୃତୀୟାଂଶ ବନ୍ଦୀକୁ ଅଗ୍ରୀମ ମିଳିଲା । ଆଉ କାହିଁକି ବା ସେ ଏଇ ରାଜ୍ୟରେ ରହିବ ? ମୋଟେ ପନ୍ଦର ମିନଟ ପାଇଁ ରେଲରେ ବସିବା ପରେ ସେ ଏଇ ରାଜ୍ୟର ସୀମା ପାରହୋଇ ଯାଇଥିଲା । ଏହାର ଉପାନ୍ତରେ ସେ ସ୍ଥାୟୀ ଭାବରେ ବସବାସ କରିବାକୁ ଆରମ୍ଭ କଲା । ସେଠାରେ ଅଳ୍ପ ଜମିବାଡ଼ି କିଣି କୃଷି କାମ କଲା, ଫଳଗଛ ସବୁ ଲଗେଇଲା । ଏବେ ସେ ଖୁବ୍ ନିଶ୍ଚିନ୍ତରେ ଭଲ ଭାବରେ ଚଳୁଛି । ସବୁବେଳେ, ଠିକ ସମୟରେ ସେ ପେନ୍‌ସନ୍ ଟଙ୍କା ଆଣିବାକୁ ସେ ରାଜ୍ୟକୁ ଯାଏ । ଟଙ୍କା ଆଣିସାରି, ମନ ହେଲେ ଜୁଆଖେଳ ଘରକୁ ଯାଇ ଦୁଇ ତିନି ବାଜି ଜୁଆ ଖେଳେ । କେବେ ହାରେତ କେବେ କେବେ ଜିତିଯାଏ । ତା'ପରେ ଘରକୁ ଫେରିଆସି ଖୁବ୍ ଶାନ୍ତିରେ ଚଳେ ।

ଏହି ରାଜ୍ୟରେ ପ୍ରତିଶୋଧ ନେବା ପାଇଁ ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡ ବା ଯାବଜ୍ଜୀବନ କାରାଦଣ୍ଡ ମିଳେନା । ଆନନ୍ଦର କଥା ଏଇ ରାଜ୍ୟରେ ସେ ଆଉ ସେପରି ଅପରାଧ ଆଦୌ କରି ନଥିଲା ।

—*—

# ଓ. ହେନ୍‌ରି

ଉତ୍ତର ଆମେରିକାର ଉତ୍ତର କାରୋଲିନା ଅଞ୍ଚଳର ଏକ କ୍ଷୁଦ୍ର ସହର ଗ୍ରୀନ୍‌ସ୍‌ ବରୋରେ ୧୮୬୨ ଖ୍ରୀଷ୍ଟାବ୍ଦରେ ଓ, ହେନ୍‌ରି ଜନ୍ମଲାଭ କରିଥିଲେ । ତାଙ୍କର ପିତା ଜଣେ ଚିକିତ୍ସକ ଥିଲେ । ଓ, ହେନ୍‌ରିଙ୍କ ପ୍ରକୃତ ନାମ ଉଇଲିୟମ୍‌ ସିଡ୍‌ନି ପୋର୍ଟର । ମାତ୍ର ପୂର୍ବୋକ୍ତ ଛଦ୍ମ ନାମରେ ହିଁ ସେ ସାହିତ୍ୟ ଜଗତରେ ସୁପରିଚିତ । ଜୀବନର ପ୍ରଥମ ୨୦ବର୍ଷ ସେହି ସହରରେହିଁ ସେ ଅତିବାହିତ କରିଥିଲେ । ଶୈଶବରେ ତାଙ୍କ ଖୁଡ଼ିଙ୍କ ଶିକ୍ଷା ତାଙ୍କୁ ପ୍ରଭୂତ ପରିମାଣରେ ପ୍ରଭାବିତ କରିଥିଲା । ସେ ଏକ ବିଦ୍ୟାଳୟ ପରିଚାଳନା କରୁଥିଲେ । ପ୍ରାଚୀନ ମହାକାବ୍ୟ ପଢ଼ି ଶୁଣାଇ ଓ ପ୍ରତ୍ୟେକଙ୍କୁ ଏକ ମୌଳିକ ଗଳ୍ପ ରଚନା କରି ଶୁଣାଇବାକୁ ଉତ୍ସାହିତ କରି ସେ ନିଜ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ସାହିତ୍ୟାନୁରାଗ ସଞ୍ଚାର କରୁଥିଲେ । ସ୍କୁଲ ଛାଡ଼ିବା ପରେ ଓ-ହେନ୍‌ରିଙ୍କୁ ଦାଦାଙ୍କ ଔଷଧ ଭଣ୍ଡାରରେ କିରାନି କାମ କରିବାକୁ ପଡ଼ିଲା । ସ୍ୱାସ୍ଥ୍ୟୋନ୍ନତି କାମନାରେ ୧୮୬୨ ଖ୍ରୀଷ୍ଟାବ୍ଦରେ ସେ ଟେକ୍‌ସାସ୍‌ର ଏକ ଗୋ-ଶାଳାରେ ଅବସ୍ଥାନ କଲେ । ସେଠାରେ ରହିବା ସମୟରେ ସେ ଗୋଚାରଣକାରୀ ମାନଙ୍କ ଜୀବନର ବହୁ ମୂଲ୍ୟବାନ ଅଭିଜ୍ଞତା ଲାଭ କରିଥିଲେ । ଘାସ ଦଉଡ଼ି ଫୋପାଡ଼ି ଗୋ ମେଷାଦି ପ୍ରାଣୀଙ୍କୁ ଧରିବା କୌଶଳ, ମେଷ ମାନଙ୍କ ଲୋମ କର୍ତ୍ତନ, ଘୋଡ଼ା ପିଠିରେ ଅଭ୍ରାନ୍ତ ଗୁଳି ଚାଳନା ପ୍ରଭୃତି ଜାଣିବା ସଙ୍ଗେ ସଙ୍ଗେ ସେ ସ୍ପେନୀୟ, ଫରାସୀ ଓ ଜର୍ମାନୀ ଭାଷା ଅଧ୍ୟୟନ କରି ତହିଁରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ସେଠାରେ ଦୁଇବର୍ଷ ଅତିବାହିତ କରି ସେ ଅଷ୍ଟିନ ସହରକୁ ଯାତ୍ରା କଲେ । ସେଠାରେ

ମଧ୍ୟ ତାଙ୍କୁ ନାନାବିଧ କାର୍ଯ୍ୟରେ ଲିପ୍ତ ହେବାକୁ ପଡ଼ୁଥିଲା । ଅଷ୍ଟିନ୍‌ର ପ୍ରଥମ ଜୀବନୀ ବ୍ୟାଙ୍କରେ କିଛିଦିନ କାମକଲା ପରେ ସେ ସ୍ୱଳ୍ପକାଳ ସ୍ଥାୟୀ ଏକ ହାସ୍ୟ ରସାତ୍ମକ ସାପ୍ତାହିକ ସମ୍ବାଦପତ୍ର ସମ୍ପାଦନା କରିଥିଲେ । ୧୮୯୫ରେ ସେ ଆଉ ଏକ ପତ୍ରିକାର ସମ୍ପାଦକ ବିଭାଗରେ ଯୋଗ ଦେଇଥିଲେ ।

ତା'ପରେ ତାଙ୍କ ଜୀବନର ଦୁର୍ଯୋଗର ଘନଘଟା ଘନାଇ ଆସିଲା । ବ୍ୟାଙ୍କରେ କାର୍ଯ୍ୟ କରୁଥିବା ବେଳେ ଅର୍ଥ ତୋଷରପାତ କରିଥିବା ଅଭିଯୋଗରେ ସେ ଅଭିଯୁକ୍ତ ହେଲେ । ଅଷ୍ଟିନ୍ ବିଚାରାଳୟରେ ତାଙ୍କର ବିଚାର ଚାଲିଲା । ସେ ପ୍ରକୃତରେ ଦୋଷୀ କି ନିର୍ଦ୍ଦୋଷ ତାହା ସୁନିର୍ଦ୍ଦିଷ୍ଟ ଭାବେ ସ୍ୱୀକୃତ ହୋଇ ପାରିନାହିଁ । ଯାହାହେଉ ସେହି ବିଚାର ଚାଲିଥିବାବେଳେ ଏକଦା ସେ ବିଚାରାଳୟରେ ନିଜ ବକ୍ତବ୍ୟ ଜଣାଇବାଲାଗି ଅଷ୍ଟିନକୁ ଆସୁଥିଲେ । ହଠାତ୍ କୌଣସି ଅଜ୍ଞାତ କାରଣ ବଶତଃ ସେ ବାଟରେ ଏକ ବିପରୀତ ଦିଗଗାମୀ ରେଲଗାଡ଼ିରେ ବସି କେନ୍ଦ୍ର ଆମେରିକାର ହଣ୍ଡୁରାସ ଅଞ୍ଚଳକୁ ଚାଲିଗଲେ । ସେଠାରେ ସେ ଏକ ଭୟଙ୍କର ଦୁର୍ବୃତ୍ତ ରେଲଗାଡ଼ି ଡକାୟତ ସମ୍ପର୍କରେ ଆସି ତାହା ସହ ଦକ୍ଷିଣ ଆମେରିକା ଚାରିପଟେ ଜାହାଜରେ ବୁଲିବାକୁ ଲାଗିଲେ । ଏହି ସମୟରେ ତାଙ୍କର ପ୍ରିୟତମା ପତ୍ନୀ କ୍ଷୟରୋଗଗ୍ରସ୍ତ ହୋଇଥିବା ଦୁଃସମ୍ବାଦ ସେ ଶୁଣିବାକୁ ପାଇଲେ । ଏକଦା ଏହି ସପ୍ତଦଶ ବର୍ଷୀୟା ଏଇ ତରୁଣୀ ତାଙ୍କୁ ବିବାହ କରିବାଲାଗି ନିଜର ପରିବାର ସମସ୍ତ ମାୟା ମମତାକୁ ଉପେକ୍ଷା କରି ପଳାଇ ଆସିଥିଲେ । ଆଜି ତାହାର ଏପରି ଶୋଚନୀୟ ଦୁର୍ଗତି । ହେନ୍‌ରି ଆଉ ଆତ୍ମଗୋପନ କରି ରହି ପାରିଲେ ନାହିଁ । ସଙ୍ଗେ ସଙ୍ଗେ ସେ ଅଷ୍ଟିନ୍

ସହରକୁ ଫେରି ଆସିଲେ । ପ୍ରିୟତମା ପତ୍ନୀର ଅନ୍ତିମ ଜୀବନର ଅବଶିଷ୍ଟ ଛଅମାସ ସେ କେବଳ ତାଙ୍କର ପରିଚର୍ଯ୍ୟାରେ ଆପଣାକୁ ନିୟୋଜିତ ରଖିଲେ ।

୧୮୯୮ ରେ ପୁନର୍ବାର ବିଚାର ଆରମ୍ଭ ହେଲା ଓ ଜୁରି-ମାନଙ୍କ ଦ୍ୱାରା ସେ ଦୋଷୀ ସାବ୍ୟସ୍ତ ହୋଇ ପାଞ୍ଚ ବର୍ଷ ବନ୍ଦୀ ଭାବରେ ରହିଲେ । ତାଙ୍କ ବ୍ୟବହାରରେ ମୁଗ୍ଧ ହୋଇ ଜେଲ ରକ୍ଷକ ତାଙ୍କୁ ନାନାବିଧ କାର୍ଯ୍ୟରେ ନିଯୁକ୍ତ ରଖୁଥିଲେ । ମାତ୍ର ନିଜର ଅସହାୟତା ବିଷୟରେ ସଚେତନ ହୋଇ ମନର ଦୁଃଖ ଦୂର କରିବା ଲାଗି ସେ ଗଳ୍ପ ରଚନାରେ ମନୋନିବେଶ କଲେ ଓ ସେଗୁଡ଼ିକୁ 'ଓ, ହେନ୍‌ରି' ଛଦ୍ମ ନାମରେ ସମ୍ବାଦ ପତ୍ର ମାନଙ୍କୁ ପଠାଉଥିଲେ । ଅବଶେଷରେ ଜେଲ କର୍ତ୍ତୃପକ୍ଷ ତାଙ୍କର ବନ୍ଦୀକାଳ ହ୍ରାସ କରି ୧୯୦୧ରେ ତାଙ୍କୁ ଜେଲରୁ ଖଲାସ କରି ଦେଇଥିଲେ । ତତ୍ପରେ ସେ ସେଠାରୁ ପିଟ୍‌ସବର୍ଗ ଯାଇ ସେଠାରେ ନିଜର ଶ୍ୱଶୁର ଓ କନ୍ୟା ସହ ରହିଲେ ।

ବର୍ଷକ ମଧ୍ୟରେ ନ୍ୟୁୟର୍କର ଏକ ସମ୍ବାଦ ପତ୍ର ସମ୍ପାଦକଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ସେ ସପ୍ତାହକୁ ଗୋଟାଏ ଲେଖା ଗଳ୍ପ ୧୦୦ ଡଲାରରେ ଲେଖି ଦେବାକୁ ସମ୍ମତ ହୋଇଥିଲେ । ତାଙ୍କର ପ୍ରଥମ ପୁସ୍ତକ Cabbages and King ୧୯୦୪ ରେ ପ୍ରକାଶିତ ହୋଇଥିଲା । ୧୯୦୬ ରେ ତାଙ୍କର ଦ୍ୱିତୀୟ ପୁସ୍ତକ The Four Million ପ୍ରକାଶିତ ହେଲା । ତତ୍ପରେ ୧୯୧୧ ପର୍ଯ୍ୟନ୍ତ ପ୍ରତିବର୍ଷ ତାଙ୍କର ଦୁଇଟି ଲେଖା ଗଳ୍ପ ସଂଗ୍ରହ ପ୍ରକାଶିତ ହେଉଥିଲା । ଇତ୍ୟବସରରେ ସେ ନିଜର ଜନୈକ ବାଲ୍ୟସଙ୍ଗିନୀଙ୍କ ସହ ଦ୍ୱିତୀୟ ବାର ପରିଣୟ ସୂତ୍ରରେ ଆବଦ୍ଧ ହୋଇଥିଲେ । ମାତ୍ର ଜୀବନରେ

ତାଙ୍କର ମୁଖର ଦିନ କ୍ରମଶଃ ମ୍ଳାନ ହୋଇ ଆସିଲା । ପ୍ରବଳ ଭାବେ ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିବାକୁ ଆରମ୍ଭ କଲା । ସୁବିଖ୍ୟାତ ଗଳ୍ପ-ଲେଖକ ଭାବେ ବିଶ୍ୱ ବିଶ୍ରୁତ ଖ୍ୟାତି ଅର୍ଜନ କରି ୧୯୧୦ ରେ ୪୮ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା । ମୃତ୍ୟୁ ସମୟରେ ଈଷତ୍ ହାସ୍ୟ ପ୍ରକାଶ କରି ସେ କହିଥିଲେ—'ଆଲୋକ ଜଳାଇ ଦିଅ··· ଅନ୍ଧକାର ମୁଁ ଘୃହେଁନା ଗୃହକୁ ଯିବ ।'

—✻—

# କୋଡିଏ ବର୍ଷପରେ

ରାତ୍ର ଦଶଟା ହେବ । ସହରର ରାଜପଥ ଉପରେ ଜଣେ ପୁଲସ୍ ଅଭ୍ୟସ୍ତ ସଦମ୍ଭ ଭଙ୍ଗୀରେ ଏ ପଟ ସେପଟ ବୁଲି ପହରା ଦେଉଥିଲେ । ଆର୍ଦ୍ର ଜଳକଣା ମିଶ୍ରିତ ଶୀତଳ ପବନ ବହୁଥାଏ । ରାଜପଥ ଏକପ୍ରକାର ଜନ-ବିରଳ । ଦ୍ଵାରମାନଙ୍କ ସମ୍ମୁଖରେ ଯାତାୟାତ କରୁଥିଲାବେଳେ, ତାଙ୍କର ସୁଦୀର୍ଘ ସୁପୁଷ୍ଟ ବପୁ, ନାନା ଭାବରେ ହସ୍ତଯଷ୍ଟି ଘୂରାଇବାର କୌଶଳ, ଏ ପଟ ସେପଟ ବୁଲି ଜନବିରଳ ରାଜପଥରେ ଗୃହାନ୍ତରକୁ ସତର୍କ ଦୃଷ୍ଟିପାତ, ତାଙ୍କୁ ଯଥାର୍ଥ ଶାନ୍ତି ରକ୍ଷକ ରୂପେହିଁ ପ୍ରତିପନ୍ନ କରୁଥିଲା । ନିକଟବର୍ତ୍ତୀ ଅଧିକାଂଶ ବ୍ୟବସାୟ-ଗୃହରୁ ମଧ୍ୟ ଆଲୋକ ନିର୍ବାପିତ ହୋଇ ସାରିଥିଲା ।

ହଠାତ୍ ସେଇ ସବୁ ଗୃହାବଳୀ ମଧ୍ୟରେ ଯାଉଁ ଯାଉଁ ପୁଲିସଟିର ଗତି ମନ୍ଦୀଭୂତ ହୋଇ ପଡ଼ିଲା । ଏକ ଅନ୍ଧକାର ବିପଣୀ ସମ୍ମୁଖରେ କେହି ଜଣେ ଅଗ୍ନିବିହୀନ ସିଗାରେଟଟିଏ ମୁଖରେ ଦେଇ ଅଳସ ଭାବେ ଠିଆ ହୋଇଥିଲେ । ପୁଲିସଟି ତାଙ୍କର ନିକଟବର୍ତ୍ତୀ ହେବାରୁ ସେ ଅବିଳମ୍ବେ କହିବାକୁ ଆରମ୍ଭ କଲେ—

"ଆଜ୍ଞା, ଆଉକିଛି ମନେ କରିବେ ନାହିଁ । ମୁଁ ବର୍ତ୍ତମାନ ଏଠି ମୋର ଜଣେ ବନ୍ଧୁଙ୍କୁ ଅପେକ୍ଷା କରୁଛି । ଦୀର୍ଘ କୋଡ଼ିଏ ବର୍ଷ ପୂର୍ବେ ଆମେ ଠିକ୍ ଆଜିଦିନ ଏଇ ସମୟରେ ପୁନର୍ବାର ସାକ୍ଷାତ୍ କରିବାକୁ ସ୍ଥିର କରିଥିଲୁ । ଏହା ବୋଧହୁଏ ଆପଣଙ୍କୁ ବଡ଼ ବିଚିତ୍ର ମନେ ହେଉଥିବ । ୨୦ବର୍ଷ ପୂର୍ବେ ସେତେବେଳେ ଏଇ ଷ୍ଟୋର ପରିବର୍ତ୍ତେ ଏଠି ଏକ ଭୋଜନାଳୟ ଥିଲା ।"

"ହଁ, ପ୍ରାୟ ଅନେକଦିନୁ ସେଇ ଦୋକାନର ସାଇନ୍‌ବୋର୍ଡ଼ ବଦଳି ତା' ଜାଗାରେ ଏଇ ଦୋକାନଟି ହୋଇଛି ।"

ଦୋକାନର ଦ୍ୱାର ନିକଟରେ ଠିଆହୋଇଥିବା ଲୋକଟି ଢ଼ଆସିଲି ମାଣ୍ଡି ସିଗାରେଟ୍ ଧରାଇଲା । ସେଇ ଆଲୋକରେ ଲୋକଟିର ମଳିନ ଚତୁର୍ଭୁଜାକାର ମୁଖମଣ୍ଡଳ, ତୀକ୍ଷ୍ଣ ଚକ୍ଷୁ ଏବଂ ଦକ୍ଷିଣ ଭ୍ରୂଲତା ନିକଟବର୍ତ୍ତୀ ଶ୍ୱେତ ଧଳା କ୍ଷତ ଚିହ୍ନଟି ମଧ୍ୟ ଦେଖାଗଲା ।

"କୋଡ଼ିଏ ବର୍ଷପୂର୍ବେ, ଆଜର ଏହି ରାତିରେ ମୁଁ ପୃଥିବୀରେ ମୋର ସବୁଠୁ ଅନ୍ତରଙ୍ଗ ବନ୍ଧୁ ଜିମି ବେଲସ୍ ସହିତ ଏଇଠି ଥିବା ବ୍ରେଜନାଳପୁରେ ଆହାର କରିଥିଲି । ସେ ଓ ମୁଁ ଏଇ ନଗରୀରେ ଦ୍ୱିନେ ଦୁଇ ଭାଇ ପରି ଏକାଠି ଚଳୁଥିଲୁଁ । ମୋ ବୟସ ୧୮ ଓ ଜିମିର କୋଡ଼ିଏ । ତା' ପରଦିନ ପଶ୍ଚିମାଞ୍ଚଳକୁ ଭାଗ୍ୟାନ୍ୱେଷଣରେ ମୋର ଯିବା ସ୍ଥିର ହୋଇଥାଏ । ଏଇ ସହର ଛାଡ଼ି ଜିମି କୁଆଡ଼େ ଯାଏ ନା. ତା' ମତରେ ଏହାଠାରୁ ଭଲ ସହର ଆଉ ଦୁନିଆରେ ନାହିଁ । ସେଇ ରାତିରେ ଆମେ ସ୍ଥିର କରିଥିଲୁ,—ଆଜଠାରୁ କୋଡ଼ିଏ ବର୍ଷପରେ ଆମ ଅବସ୍ଥା ଯାହା ହୋଇଥାଉ ବା ଆମେ ଯେଉଁ ସ୍ଥାନରେ ଥାଉନା କାହିଁକି, ଠିକ୍ ଏଇଠି ଏଇସମୟରେ ଆସି ମିଳିତ ହେବୁଁ । ଆମେ ଅନୁମାନ କରିଥିଲୁ, ଏଇ କୋଡ଼ିଏ ବର୍ଷ ମଧ୍ୟରେ ଯାହା ଭାଗ୍ୟରେ ଯାହା ଥିବ ତାହା ଆମେ ଏକ ପ୍ରକାର ପାଇ ସାରିଥିବୁ ।"

"ବାଃ ଏ'ତ ଗୋଟାଏ ଅତି ମଜାର ବିଷୟ । ବହୁ ଦୀର୍ଘ କାଳ ପରେ ପୁଣି ସାକ୍ଷାତ । ଅଚ୍ଛା ବିଚ୍ଛେଦ ହେଲାଦିନୁ କ'ଣ ତୁମେ ତୁମ ବନ୍ଧୁ ବିଷୟରେ କିଛି ଶୁଣିବାକୁ ପାଇନ ?"—ପୁଲିସଟି ପଚାରିଲା ।

“ହଁ, ବିଦାୟ ନେଲାପରେ ଆମ ମଧ୍ୟରେ ପତ୍ର ଆଦାନ ପ୍ରଦାନ ଚାଲିଥିଲା । ମାତ୍ର ତା’ ମୋଟେ ବର୍ଷେ ଦୁଇବର୍ଷ ଲାଗି । ତା’ ପରଠୁଁ ଆମେ ଆଉ କେହି କାହାର ସନ୍ଧାନ ନେଇନୁ । ପଶ୍ଚିମାଞ୍ଚଳର ମାୟା ମତେ ଏକପ୍ରକାର ମୁଗ୍ଧ, ବିଭୋର କରି ଦେଇଥିଲା । ସେ ଯା ହେଉ, ମୋର ଦୃଢ଼ ବିଶ୍ୱାସ, ଜିମି ଯଦି ବଞ୍ଚିଥିବ, ତେବେ ସେ ନିଶ୍ଚୟ ଆସି ଏଠି ମୋ ସଙ୍ଗେ ସାକ୍ଷାତ କରିବ । କାରଣ ଜଗତରେ ମୁଁ ଜିମିଭଳି ସତ୍ୟନିଷ୍ଠ, ବିଶ୍ୱାସୀ ଓ ଘନିଷ୍ଠ ବନ୍ଧୁ ଆଉ କାହାକୁ ଦେଖିନି । ସେ ମତେ କଦାପି ଭୁଲି ପାରିବ ନାହିଁ । ତା’ ସଙ୍ଗେ ସାକ୍ଷାତ କରିବା ଲାଗି ଶହ ଶହ ମାଇଲ ଦୂରରୁ ମୁଁ ଆସି ଏଇ ଦୁଆର ମୁହଁରେ ଠିଆ ହୋଇଛି ।”

ପ୍ରତୀକ୍ଷମାଣ ବ୍ୟକ୍ତିଟି ଘୋଡ଼ଣୀରେ କ୍ଷୁଦ୍ର କ୍ଷୁଦ୍ର ହୀରକ ଖଚିତ ଏକ ସୁଦୃଶ୍ୟ ଘଡ଼ି ବାହାର କଲା । ସେ ଜଣାଇ ଦେଲା—

“ବର୍ତ୍ତମାନ ୧୦ଟା ବାଜିବାକୁ ଆଉ ତିନି ମିନିଟି ବାକି । ସେ ଦିନ ରାତିରେ ଠିକ୍ ୧୦ଟା ବେଳେ ଆମେ ଏଠିଥିବା ଭୋଜନାଳୟ ଦ୍ୱାରରୁ ବିଦାୟ ନେଇଥିଲୁ ।”

“ପଶ୍ଚିମାଞ୍ଚଳରେ ନିଶ୍ଚୟ ତୁମେ ତୁମର ବହୁ ଉନ୍ନତି ସାଧନ-କରିଥିବ ।”

“ହିଁ ! ମୋର ଧାରଣା ଜିମି ମୋର ଅଧା ଉପାର୍ଜନ କରିଥିବ କି ନାହିଁ ସନ୍ଦେହ । ଅତି ଭଲ ଚରିତ୍ରର ହେଲେ କ’ଣ ହେବ, କାମରେ ସେ ବେଶି ଆଗେଇ ପାରେନା । ମାତ୍ର ମୋର ପ୍ରାପ୍ୟ ଲାଗି ଖୁବ୍ ନାମଜାଦା ବହୁ ଚତୁର ଧୂର୍ତ୍ତ ଲୋକଙ୍କ ସଙ୍ଗେ ମୋତେ ପ୍ରତିଦ୍ୱନ୍ଦିତା କରିବାକୁ ହୋଇଛି ।”

ପୁଲିସଟି ନିଜ ବାଡ଼ି ଘୂରାଉ ଘୂରାଉ ପାଦେ ଦୁଇପାଦ ଅଗ-ସର ହୋଇ କହିଲା—“ଆଚ୍ଛା, ଏଥର ମୋ କାମରେ ମୁଁ ଯାଏଁ ।

ତୁମେ ଆଉ କେତେ ସମୟ ଅପେକ୍ଷା କରିବ ? ଆଶାକରେ, ତୁମର ବନ୍ଧୁ ନିରାପଦରେ ଏଠାକୁ ଆସିବେ ।"

"ହଁ ତାହାଙ୍କି ମୋର ବିଶ୍ୱାସ । ମୁଁ ଆଉ ପ୍ରାୟ ଅଧଘଣ୍ଟାଏ ଅପେକ୍ଷା କରିବି । ଯଦି ପୃଥିବୀରେ ଜମି ବଞ୍ଚିକରି ଥାଏ, ତେବେ ସେ ନିଶ୍ଚୟ ସେଇ ସମୟ ମଧ୍ୟରେ ଏଠାକୁ ଆସିବ ।"

"ନମସ୍କାର" ।—ପୁଲିସ ଏତେକ କହି ସାରି ତାହାର ଅଭ୍ୟସ୍ତ ପହରା ଦେବା କାମରେ ଘରକୁ ଘର ବାଟ୍ ଦେଇ ପୂର୍ବପରି ତତ୍ପରତା ସହିତ ଅଗ୍ରସର ହେଲା । ଶୀତଳ ପବନ ବହିବା ସଙ୍ଗେ ସଙ୍ଗେ ଆକାଶରୁ ମେଘ କୁଣ୍ଡା-ଝାଡ଼ିବାକୁ ଲଗିଲା । କେତେକ ପଥଚାରୀ ଖିନ୍ନ, ଚକିତ ହୋଇ, ବର୍ଷାତି କୋଟର କଲର ଟେକି ପକେଟରେ ହାତ ପୂରାଇ ରାସ୍ତାରେ ଚାଲୁଥିବା କେତୋଟି ଲୋକଙ୍କୁ ଦ୍ରୁତ ପଦକ୍ଷେପରେ ଅତିକ୍ରମ କରି ଯାଉଥିଲେ । ମାତ୍ର ପୂର୍ବ ନିର୍ଦ୍ଧାରିତ ବିପଣୀ ଦ୍ୱାରରେ ଆଦ୍ୟ ଯୌବନର ପ୍ରିୟବନ୍ଧୁ ସହ ସାକ୍ଷାତ କରିବା ଲାଗି ଶହ ଶହ ମାଇଲ ଦୂରରୁ ଆସିଥିବା ଉକ୍ତ ଭଦ୍ରବ୍ୟକ୍ତି ସେହିପରି ସିଗାରେଟ ମୁଖରେ ଧାରଣ କରି ଦଣ୍ଡାୟମାନ ହୋଇ ରହିଲେ ।

ପ୍ରାୟ କୋଡ଼ିଏ ମିନିଟ ସେ ସେହିପରି ଅପେକ୍ଷା କଲା ପରେ ଜଣେ ଦୀର୍ଘାକାର ବ୍ୟକ୍ତି ରାଜପଥର ବିପରୀତ ପାର୍ଶ୍ୱରୁ ଦ୍ରୁତ ପଦରେ ଆସି ଠିକ୍ ସେହି ପ୍ରତୀକ୍ଷମାଣ ବ୍ୟକ୍ତିଙ୍କ ନିକଟରେ ଉପସ୍ଥିତ ହେଲା । ନବାଗତ ଲୋକଟି ପିନ୍ଧିଥିବା ଲମ୍ବା ଓଭର କୋଟ୍‌ଟିର କଲର ସବୁ କାନ ପର୍ଯ୍ୟନ୍ତ ଟେକି ଦେଇଥାଏ । ସନ୍ଦିଗ୍ଧ ଭାବେ ସେ ପଚାରିଲା—

"ଆପଣ ନାମ କଣ—ବବ୍ ?"

"ଆରେ, ତମେଇ ଜମି ଓ୍ୱେଲସ୍ ?" ଦ୍ୱାର ନିକଟରେ ଠିଆ ହୋଇଥିବା ଲୋକଟି ପଚାରିଲା ।

ନବାଗତ ବ୍ୟକ୍ତି ଅପରର ହାତ ଦୁଇଟିକୁ ନିଜ ହାତରେ ଧରି ବିହ୍ୱଳ ଭାବେ କହିଲା—"ଆଃ...କି ଖୁସି ମୁଁ ବବ୍ ! ବଞ୍ଚିଥିଲେ ଏଇଠି ତୁମ ସଙ୍ଗେ ସାକ୍ଷାତ ହେବ ବୋଲି ମୁଁ ଏକ ପ୍ରକାର ସୁନିଶ୍ଚିତ ଥିଲି । ଓହୋ, ଦୀର୍ଘ କୋଡ଼ିଏ ବର୍ଷ ! ସେଦିନର ସେଇ ପୁରୁଣା ଭୋଜନାଳୟଟିର ଚିହ୍ନ ଆଉ ଏଠି ନାହିଁ । ସେଇଟି ଥିଲେ ଆଜି ପୁଣି ଆମେ ଏଇଠି ଏକତ୍ର ଭୋଜନ କରିଥାନ୍ତେ । ନୁହେଁ ? ହଁ, ପଶ୍ଚିମାଞ୍ଚଳରେ ତମେ କ'ଣ ସବୁ ପାଇଲ ?"

"ମୋର ଯାହା କିଛି କାମନାର ବିଷୟ ସେ ସବୁ ପଶ୍ଚିମାଞ୍ଚଳରେ ହିଁ ସଫଳ ହୋଇଛି । କିଓ ଜମି, ତୁମେତ ବହୁତ ବଦଳି ଯାଇଛ ! ମୁଁ ଭାବିପାରୁନି, ତୁମେ ଏକବାରେ ଦୁଇ ତିନ ଇଞ୍ଚ ଉଚ୍ଚରେ ବଡ଼ ହୋଇ ଯାଇଛ ।"

"ହଁ ମତେ ୨୦ ବର୍ଷ ହେଲା ପରଠୁଁ ମୁଁ ଟିକିଏ ଉଚ୍ଚାରେ ବଢ଼ି ଯାଇଛି ।"

"ଜମି, ତୁମେ ପୁଣି ଏଇ ସହରରେ ଭଲରେ ଚଳୁଛ ତ ?"

"ଏକପ୍ରକାର ଚଳି ଯାଉଛି । ନଗରର ଏକ ସରକାରୀ କାର୍ଯ୍ୟାଳୟରେ ମୁଁ ମୋର ସ୍ଥାନ କରିନେଇ ପାରିଛି । ହଉ ବବ୍, ଆସ କୋଉଠାଏ ଯାଗାକୁ ଯିବା, ସେଇଠି ବସି ଗତ କଥା ସବୁ ପକେଇବା ।"

ପରସ୍ପର ବାହୁ ଛନ୍ଦି ବନ୍ଧୁ ଯୁଗଳ ରାଜପଥରେ ଅଗ୍ରସର ହେଲେ । ପଶ୍ଚିମାଗତ ବନ୍ଧୁଟି ଆପଣାର ସାଫଲ୍ୟ ଓ ଉନ୍ନତିର ବିବରଣୀ ଆନୁପୂର୍ବିକ ବର୍ଣ୍ଣନା କରିବାରେ ଉଚ୍ଛ୍ୱସିତ ହୋଇ

ପଡ଼ୁଥାଏ । ଅପରଟି ଓଭରକୋଟ ମଧ୍ୟରେ ଏକ ପ୍ରକାର ସମ୍ପୂର୍ଣ୍ଣ ନିମଜ୍ଜିତ ରହି ଆଗ୍ରହର ସହିତ ସେସବୁ ଶୁଣୁଥାଏ ।

ଛକ ଉପରେ ବୈଦ୍ୟୁତିକ ଆଲୋକରେ ସମୁଦ୍‌ଭାସିତ ଏକ ଔଷଧ ଦୋକାନ । ସେଇ ସମୁଜ୍ଜ୍ୱଳ ଆଲୋକର ନିକଟବର୍ତ୍ତୀ ହେବା ହେବା ମାତ୍ରେ ଉଭୟେ ଏକା ସଙ୍ଗେ ପରସ୍ପର ମୁଖକୁ ନିରୀକ୍ଷଣ କଲେ । ପଶ୍ଚିମ ଦେଶାଗତ ବ୍ୟକ୍ତିଟି ହଠାତ୍ ଠିଆ ହୋଇପଡ଼ି, ନିଜର ବାହୁ ମୁକ୍ତ କରି କହିଲା—"ଏଁ, ତୁମେ ତ ଜିମି ୱେଲସ୍ ନୁହଁ ! ୨୦ ବର୍ଷ ଅତି ଦୀର୍ଘ ସମୟ ହେଲେ ବି ଜଣକର ରୋମୀୟ ଧରଣର ଦୀର୍ଘ, ସୂକ୍ଷ୍ମ ନାସାକୁ ସ୍ଫୀତାକାର ଓ ଅବନମିତ କରିବାକୁ ସେତିକ ଯଥେଷ୍ଟ ନୁହେ ।"

ଦୀର୍ଘାକାର ଲୋକଟି କହିଲା—'ହଁ, ସେତିକ ସମୟ . ବେଳେ ବେଳେ ଭଲ ମଣିଷଙ୍କୁ ବି ଖରାପ କରି ପକାଏ । ଯା'ହେଉ, ଦଶ ନ ଟି ହେଲା ଏଠି ତୁମେ ଏକ ପ୍ରକାର ଅଟକ ହୋଇ ରହିଛ । ପଶ୍ଚିମାଞ୍ଚଳ ରେ ତମେ ତ ଶାନ୍ତିରେ ଅଛ ? ସେଠାରେ ଆହ୍ୱାନ ବୋଧହୁଏ ତୁମେ ବର୍ତ୍ତମାନ ବି ଶୁଣି ପାରୁଛ । ହଉ, ବର୍ତ୍ତମାନ ଆମେ ଷ୍ଟେସନକୁ ଯିବା ପୂର୍ବରୁ ତୁମକୁ ଏଇ ପତ୍ରଟି ମୋର ଦେବାର କଥା । ତୁମ ହାତରେ ଏଇ ପତ୍ରଟି ଦେବାକୁ ବଟ୍‌ପୁଲସ୍ ୱେଲସ୍ ମତେ ଅନୁରୋଧ କରିଛନ୍ତି । ଏଇ ଝରକା ପାଖକୁ ଯାଇ ତମେ ଏଇ ଚିଠିଟି ପଢ଼ିପାର ।"

ପଶ୍ଚିମାଦେଶାଗତ ବ୍ୟକ୍ତି କ୍ଷୁଦ୍ର ପତ୍ରଟି ଖୋଲି ପଢ଼ି ବାକୁ ଲାଗିଲେ । ପତ୍ରଟି ପଢ଼ିବାକୁ ଆରମ୍ଭ କଲାବେଳେ ତାଙ୍କ ହାତ ଅକମ୍ପିତ ଥିଲେ ହେଁ ପତ୍ରଟି ଶେଷ କଲା ବେଳକୁ ତାହା ଈଷତ୍ କମ୍ପିତ ହେଉଥିଲା । ପତ୍ରଟି ବାସ୍ତବିକ ଅତି କ୍ଷୁଦ୍ର ।

ପ୍ରିୟ ବବ୍,

ନିର୍ଦ୍ଧାରିତ ସମୟରେ ପୂର୍ବ ନିର୍ଦ୍ଦିଷ୍ଟ ସ୍ଥାନରେ ମୁଁ ଯଥାଶ୍ରତ ଉପସ୍ଥିତ ହୋଇଥିଲି । ଡ଼ଆସିଲ ମାତ୍ର ସିଗାରେଟ୍ ଧରାଇଲା ବେଳେ ମୁଁ ତୁମ ମୁହଁକୁ ଚାହିଁ ବୁଝିଲି—ପଶ୍ଚିମାଞ୍ଚଳରେ ହିଁ ଏ ମୁହଁର ପ୍ରୟୋଜନୀୟତା । ଯାହାହେଉ ସେ କଥା ମୁଁ ନିଜେ କହି ପାରିନାହିଁ । ଏଣୁ ଆଉଜଣେ ଅକପଟ ବ୍ୟକ୍ତିଙ୍କୁ ଏଇ କାର୍ଯ୍ୟଲାଗି ନିୟୋଜିତ କଲି । ଇତି ।

ଜମି

—*—

# ଆଇଭାନ ତୁର୍ଗେନିଫ୍

ଊନବିଂଶ ଶତାବ୍ଦୀର ରୁଷ ଦେଶର ଅନ୍ୟତମ ସୁପ୍ରସିଦ୍ଧ ଔପନ୍ୟାସିକ ତୁର୍ଗେନିଫ୍ ଓରେଲ ନାମକ ସ୍ଥାନରେ ଏକ ପ୍ରାଚୀନ ସମ୍ଭ୍ରାନ୍ତ ପରିବାରରେ ଖ୍ରୀ: ୧୮୧୮ ନଭେମ୍ବର ନଅ-ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସମ୍ଭ୍ରାନ୍ତ ଓ ଧନଶାଳୀ ଜମିଦାର ପରିବାରୋଚିତ ଶିକ୍ଷା ସେ ବାଲ୍ୟ କାଳରେ ଲାଭ କରିଥିଲେ । ନିଜର ମାତୃଭାଷା ସେତେବେଳେ ତାଙ୍କୁ ପଢ଼ିବାକୁ ଦିଆ ଯାଉନଥିଲା । ରୁଷର କବିତା ଓ କିମ୍ବଦନ୍ତୀ ବିଷୟ ସେ କେବଳ ତାଙ୍କ ମାତାଙ୍କର ଏକ ଚାକର ଠାରୁ ଜାଣିବାକୁ ପାଇଥିଲେ । ଖ୍ରୀ: ୧୮୨୮ ଆଇଭାନଙ୍କ ପିତା ମସ୍କୋରେ ଆସି ବସବାସ କଲେ ଓ ତୁର୍ଗେନିଫ୍ ଉକ୍ତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଲାଗିଲେ । ସେତେବେଳକୁ ତାଙ୍କୁ ୧୬ ବର୍ଷ ବୟସ ।

ଖ୍ରୀ: ୧୮୩୪ରେ ସେ ପିଟରସ୍ ବର୍ଗ୍ ବିଶ୍ୱବିଦ୍ୟାଳୟରେ ଭାଷାତତ୍ତ୍ୱ ଅଧ୍ୟୟନ କଲେ ଏବଂ କୃତିତ୍ୱର ସହିତ ସେ ସେଠାରୁ ଉତ୍ତୀର୍ଣ୍ଣ ହେଲେ । ସେଠାରେ ଅଧ୍ୟୟନ କରୁଥିବା ସମୟରେ ସେ ଲେଖାଲେଖି କରିବାକୁ ଅନୁପ୍ରାଣିତ ହୁଅନ୍ତି । ଏହି ସମୟରେ ତାଙ୍କର କେତେକ କବିତା ସେଠାର ଜନୈକ ଅଧ୍ୟାପକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବାରୁ ସେ ଲେଖା ଲେଖି କରିବାକୁ ଅଧିକ ଉତ୍ସାହିତ ହୋଇ ଥିଲେ । ବିଦେଶରେ ଅଧ୍ୟୟନ କଲେ ପ୍ରକୃତ ଶିକ୍ଷା ଲାଭ ହୁଏ । ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ୧୮୩୮ ଖ୍ରୀଷ୍ଟାବ୍ଦରେ ସେ ବର୍ଲିନ୍ ଯାତ୍ରା କଲେ । ସେଠାରେ ସେ ଦୁଇବର୍ଷ ଦର୍ଶନ, ଇତିହାସ ଓ ପ୍ରାଚୀନ ଭାଷାଦି ଅଧ୍ୟୟନ କରିଥିଲେ । ଏହି ସମୟରେ ଦାର୍ଶନିକ ହେଗେଲ୍‌ଙ୍କ ଦ୍ୱାରା ସେ ବିଶେଷ ପ୍ରଭାବିତ ହୋଇଥିଲେ । ଏହାପରେ

ଭାବରେ ସେ ପ୍ରାଚ୍ୟ ଦେଶୀୟ ହେଲେହେଁ ପାଶ୍ଚାତ୍ୟ ସଂସ୍କୃତିର ସେ ଥିଲେ ଦାୟାଦ । ଋଷିଆକୁ ଫେରି ସେ ସିଧା ମସ୍କୋ ଆସିଲେ । ସେଠାରେ ତାଙ୍କର ମାତା ବାସ କରୁଥାନ୍ତି । ତାଙ୍କର ମାତା ଥିଲେ ଜଣେ ରୁକ୍ଷ, କଠୋର ପ୍ରକୃତି ବିଶିଷ୍ଟ ସମ୍ଭ୍ରାନ୍ତ ମହିଳା । ୧୮୪୦ରେ ମାତ୍ର ଏକବର୍ଷ ପାଇଁ ସେ ଏକ ସରକାରୀ ଅଫିସରେ କାର୍ଯ୍ୟ କରିଥିଲେ ।

୧୮୪୩ ରେ ତାଙ୍କର ଏକ ବର୍ଣ୍ଣନାତ୍ମକ କାବ୍ୟ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ସେ ସୁ-ବିଖ୍ୟାତ ହୋଇ ପଡ଼ିଲେ । ତାପରେ ସେ ପଦ୍ୟ ପରିବର୍ତ୍ତେ ଗଳ୍ପ ଉପନ୍ୟାସ ରଚନାରେ ମନୋନିବେଶ କଲେ । ୧୮୪୧—୫୦ ମଧ୍ୟରେ ଲିଖିତ ତାଙ୍କର "Sport man's sketches" ପ୍ରକାଶିତ ହୋଇଥିଲା । ଏଥିରେ ଭୂମିହୀନ କୃଷକଙ୍କ ଦାସତ୍ୱ ସମ୍ପର୍କରେ ପ୍ରବଳ ଅସନ୍ତୋଷ ସାର୍ଥକ ଭାବେ ଅଭିବ୍ୟକ୍ତି ଲାଭ କରିଥିଲା । ସରକାରୀ କର୍ମକର୍ତ୍ତାଗଣ ବଡ଼ ବଡ଼ ଜମିଦାରୀ ଅଧିନସ୍ଥ ପଲ୍ଲୀ କୃଷକ ଜୀବନର କଳା ସୌଷ୍ଠବ ପୂର୍ଣ୍ଣ ଏହି ଜୀବନ୍ତ ରଚନାଟି ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ କରି ପାରିନଥିଲେ ।

୧୮୫୨ରେ ତାଙ୍କର ଗୋଗୋଲଙ୍କ ପ୍ରଶସ୍ତି ପୂର୍ଣ୍ଣ ରଚନାଟି ପ୍ରକାଶିତ ହେଲା । ଉକ୍ତ ପୁସ୍ତକରେ ବୈପ୍ଳବିକ ଭାବଧାରା ପ୍ରକାଶିତ ହୋଇଥିବା ଅପରାଧରେ ତାଙ୍କୁ ଦୁଇମାସ କାରାବାସ ଦଣ୍ଡ ଭୋଗିବାକୁ ପଡ଼ିଥିଲା ଏବଂ ତା'ପରେ ଦୁଇବର୍ଷ ଲାଗି ସେ ନିଜ ଜମିଦାରୀରେ ନିର୍ବାସିତ ହୋଇ ରହିଲେ । ମାତ୍ର ଏହି ଦଣ୍ଡାଦେଶ ତାଙ୍କ ପକ୍ଷେ ଆଶୀର୍ବାଦର କାର୍ଯ୍ୟ କରିଥିଲା । ସେ ଏହି ସମୟ ମଧ୍ୟରେ ବହୁ ସଂଖ୍ୟକ ପୁସ୍ତକ ପ୍ରଣୟନ କରିବାକୁ ସମର୍ଥ ହୋଇଥିଲେ । ୧୮

ରେ ତାଙ୍କର 'ରୁଡ଼ିନ' ୧୮୫୮ରେ Anoble man's nest ଓ ୧୮୬୨ରେ 'ପିତା ଓ ପୁତ୍ର' ତାଙ୍କର ସର୍ବପ୍ରଧାନ ତିନଗୋଟି ଉପନ୍ୟାସ ପ୍ରକାଶିତ ହୋଇଥିଲା । ସ୍ୱଦେଶ ଅପେକ୍ଷା ବିଦେଶରେ ତାଙ୍କର ରଚନାବଳୀ ଅଧିକ ପ୍ରଶଂସିତ ଓ ଆଦୃତ ହୋଇଥିଲା ।

୧୮୬୩ରେ ବେଡ଼େନ୍-ବେଡ଼େନ୍‌ରେ ସେ ଏକ ମନୋହର ଗୃହ କ୍ରୟ କରି ୧୮୭୦ ପର୍ଯ୍ୟନ୍ତ ସେଠାରେ ବାସ କରିଥିଲେ । ଫ୍ରାନ୍‌ସ ପ୍ରୁସିଆ ଯୁଦ୍ଧ ପରେ ସେ ପ୍ରଧାନତଃ ପ୍ୟାରିସ୍‌ରେ ବାସ କରୁଥିଲେ । ତାଙ୍କର ଅଧିକାଂଶ ଉପନ୍ୟାସ ସେ ପ୍ରଥମେ ଫରାସି ଭାଷାରେ ଲେଖୁଥିଲେ । ୧୮୮୩ ସେପ୍‌ଟେମ୍ବର ୩ ତାରିଖରେ ପ୍ୟାରିସ୍ ନଗରୀରେ ମେରୁଦଣ୍ଡର କର୍କଟ ରୋଗରେ ତାଙ୍କର ମୃତ୍ୟୁ ହୋଇଥିଲା ।

—*—

# ନିର୍ବୋଧ

## ଆଇଭାନ ତୁର୍ଗେନିଫ୍

ନିର୍ବୋଧ ଲୋକଟିଏ । ଜୀବନର ଅନେକ ବର୍ଷ ସେ ବେଶ୍ ଖୁସିରେ କଟାଇ ଦେଲେ । ମାତ୍ର କ୍ରମେ ଏକ ଜନରବ ତାଙ୍କ ସମ୍ପର୍କରେ ପ୍ରଚାରିତ ହେଲା । ସେ ଶୁଣିବାକୁ ପାଇଲେ—ସମସ୍ତେ କହୁଛନ୍ତି, ସେ କୁଆଡେ ଗୋଟାଏ ବୁଦ୍ଧିହୀନ, ମୂର୍ଖ ବ୍ୟକ୍ତି ।

ଏହା ଶୁଣି ସେ ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଲେ । ମନ ଦୁଃଖରେ ବସି କିପରି ଏହି ଅପ୍ରୀତିକର ଜନରବକୁ ସେ ଦୂର କରିବେ, ତାହା ଚିନ୍ତା କଲେ ।

ହଠାତ୍ ତାଙ୍କର ସେଇ ନିର୍ବୋଧ ମସ୍ତିଷ୍କରେ ଏକ ଭାବ ଖେଳିଗଲା । କାଳ ବିଳମ୍ବ ନକରି ସେ ତାହାକୁ କାର୍ଯ୍ୟକାରୀ କରିବାକୁ ଲାଗିଗଲେ ।

ଠିକ୍ ସେହିଦିନ ରାଜପଥରେ ଯାଉ ଯାଉ ଜଣେ ପରିଚିତ ବ୍ୟକ୍ତିଙ୍କ ସହ ତାଙ୍କର ସାକ୍ଷାତ ହେଲା । ପରିଚିତ ଭଦ୍ରବ୍ୟକ୍ତି ତାଙ୍କ ସହ ଆଳାପ କରୁକରୁ କଥା ପ୍ରସଙ୍ଗରେ ଜଣେ ଖ୍ୟାତନାମା ଚିତ୍ରଶିଳ୍ପୀଙ୍କର ପ୍ରଶଂସା କଲେ । ଏହା ଶୁଣିବା ମାତ୍ରେ ନିର୍ବୋଧ ବ୍ୟକ୍ତି ଉଚ୍ଚ କଣ୍ଠରେ କହି ଉଠିଲେ—"ହେ ଭଗବାନ ! ସେଇ ଶିଳ୍ପୀ କେଉଁ ଦିନରୁ ପୁରୁଣା ହୋଇ ଗଲେଣି । ତମେ କ'ଣ ଏକଥା ଆଜଯାଏ ଜାଣିନାହଁ ? ସତ କହୁଛି, ମୁଁ ତୁମଠାରୁ ଏପରି ମନ୍ତବ୍ୟ ଆଶା କରି ନଥିଲି । ଦେଖୁଛି, ତୁମେ ଆଜିକାଲିକାର କିଛି ଖବର ରଖୁନାହଁ । ତୁମେ ମଧ୍ୟ ଶେଷକୁ ପୁରୁଣାକାଳିଆ ହୋଇଗଲ !"

ଏହାଶୁଣି ସେଇ ପଣ୍ଡିତ ବ୍ୟକ୍ତି ବଡ଼ ଅସ୍ୱାଚ୍ଛନ୍ଦ୍ୟ ଅନୁଭବ କରି ନିର୍ବୋଧଙ୍କ କଥାରେ ସଙ୍ଗେ ସଙ୍ଗେ ଏକମତ ହୋଇଗଲେ ।

କିଛି ସମୟ ପରେ ଆଉ ଜଣେ ପଣ୍ଡିତ ବ୍ୟକ୍ତିଙ୍କ ସହ ନିର୍ବୋଧଙ୍କର ସାକ୍ଷାତ ହେଲା । କଥାବାର୍ତ୍ତା ହେଉ ହେଉ ସେ କହିଲେ—"ମୁଁ ଆଜି ଗୋଟାଏ ଅତି ଚମତ୍କାର ବହି ପଢୁଥିଲି—ବହିଟାର ନାଁ ହେଉଛି—ସଭ୍ୟତାର ସଙ୍କଟ" ।

ନିର୍ବୋଧ ଉଚ୍ଚ କଣ୍ଠରେ ଅବଜ୍ଞା ପ୍ରକାଶ କରି କହିଲେ—"ହେ ଭଗବାନ ! ତୁମେ ଏଥିପାଇଁ ଲଜ୍ଜାବୋଧ କରିବା ଉଚିତ । ସେ ବହିଟା ନିହାତି ବାଜେ । ଆଜିକାଲି କେହି ଆଉ ସେ ବହି ପଢୁନାହାନ୍ତି । ତମେ କ'ଣ ଏକଥା ଜାଣି ନାହିଁ ! ଆଜିକାଲି ତୁମେ ପଛରେ ପଡ଼ିଗଲଣି ।"

ଏହା ଶୁଣି ସେଇ ପଣ୍ଡିତ ବ୍ୟକ୍ତି କ୍ଷୁଣ୍ଣ ଓ ଅସ୍ୱାଚ୍ଛନ୍ଦ୍ୟ ବୋଧକରି ସଙ୍ଗେ ସଙ୍ଗେ ନିର୍ବୋଧ କଥାରେ ସମ୍ମତ ହୋଇଗଲେ ।

ତା' ପରଦିନ ଆଉ ଜଣେ ପଣ୍ଡିତ ବ୍ୟକ୍ତି ସେଇ ନିର୍ବୋଧଙ୍କୁ କହିଲେ—"ମୋର ବନ୍ଧୁ ନ. ଦା. ବାସ୍ତବିକ ଜଣେ ଅତି ଚମତ୍କାର ଲୋକ । ପ୍ରକୃତ ମହାନୁଭବତା ତୁମେ ତାଙ୍କଠାରେହିଁ ଦେଖିବାକୁ ପାଇବ ।"

"ହେ ଭଗବାନ !" ଚିତ୍କାର କରି ନିର୍ବୋଧ କହିଲେ—"ନ.ଦା. ହେଉଛନ୍ତି ଜଣେ ଦୁର୍ବୃତ୍ତଙ୍କ ଗୁରୁ । ତାଙ୍କରି ଯୋଗୁ ତାଙ୍କ ପରିବାରର ସର୍ବନାଶ ହୋଇଛି । କିଏ ଭଲା ତାଙ୍କର ସେଇ କୀର୍ତ୍ତିର ବିଷୟ ନଜାଣେ ? ଆଜିକାଲିକା ଦୁନିଆର ଖବର ନରଖି ତମେ ପଛରେ ପଡ଼ିଗଲଣି !"

ପରିଚିତ ବ୍ୟକ୍ତି ମଧ୍ୟ ଏ କଥାରେ ଖୁବ୍ ଆହତ ବୋଧକରି ନିର୍ବୋଧଙ୍କ କଥାରେ ସମ୍ମତି ପ୍ରଦାନପୂର୍ବକ ଅବିଳମ୍ବେ ଅନ୍ୟତ୍ର ପ୍ରସ୍ଥାନକଲେ ।

ଏହିପରି ଯିଏ ଯେଉଁ ବିଷୟ ବା ବ୍ୟକ୍ତିଙ୍କ ପ୍ରଶଂସା ନିର୍ବୋଧ ଆଗରେ କଲେ, ନିର୍ବୋଧ ବ୍ୟକ୍ତି ସେଇ ଏକମାତ୍ର ପନ୍ଥାଅନୁସରଣ କରିବାକୁ ଲାଗିଲେ । କେବେ କେବେ ସେ ଉତ୍ତେଜିତ ଭାବେ ତିରସ୍କାର କରି ଲୋକଙ୍କୁ କହୁଥିଲେ—"ତୁମେ କ'ଣ ଭଲ ଜାଣିଛ ? ଗୁଣୀ ଲୋକଙ୍କ କଥାରେ ତୁମରି କ'ଣ ଆସ୍ଥା ଅଛି ବୋଲି ତୁମେ ଏବେ ବିଶ୍ୱାସ କରୁଛ ?"

କ୍ରମେ ତାଙ୍କ ସମ୍ପର୍କରେ ଲୋକେ କହିବାକୁ ଆରମ୍ଭ କଲେ- "ଲୋକଟା ବଡ ମୁର୍ଖରି, ଭୟଙ୍କର ରାଗୀ ସତ ମାତ୍ର ଲୋକଟାର କି ଜ୍ଞାନ !"

କେହି କେହି କହିଲେ—"ହଁ ଲୋକଟାଏ ତ ସେ ! କି ଶାଣିଦିଆ ପାଟି !"

କିଏ କହିଲା—"ଲୋକଟା ନିଶ୍ଚୟ ପ୍ରତିଭାଶାଳୀ ।"

ଏହାର ପରିଣତି ସ୍ୱରୂପ କେତେ ମାସ ପରେ ଗୋଟାଏ ସମ୍ବାଦପତ୍ରର ସମ୍ପାଦକ ସେଇ ନିର୍ବୋଧ ବ୍ୟକ୍ତିଙ୍କୁ ତାଙ୍କ ପତ୍ରିକାର ସମାଲୋଚନା ବିଭାଗର ପରିଚାଳନା ଦାୟିତ୍ୱ ଅର୍ପଣକଲେ ।

ସେଠାରେ ମଧ୍ୟ ନିର୍ବୋଧ ପୂର୍ବପରି ନିନ୍ଦୁକ ପ୍ରବୃତ୍ତି ଓ ଆପଣାର ଅବଜ୍ଞାପୂର୍ଣ୍ଣ, ଦୋଷଦର୍ଶୀ ଭଙ୍ଗୀର ପରିବର୍ତ୍ତନ ନକରି ସମସ୍ତଙ୍କୁ ଓ ସବୁ ବିଷୟକୁ ସମାଲୋଚନା କଲେ ॥

ଏହା ଫଳରେ, ଯେ ଏ ପର୍ଯ୍ୟନ୍ତ ପ୍ରବୀଣ ବ୍ୟକ୍ତିମାନଙ୍କୁ ନିନ୍ଦା କରୁଥିଲେ, ସେ ହଠାତ୍ ନିଜେ ଜଣେ ପ୍ରବୀଣ ବ୍ୟକ୍ତିରେ ପରିଣତ ହୋଇଗଲେ । ତରୁଣମାନେ ତାଙ୍କୁ ଭକ୍ତି କଲେ—

ଦୈବାତ୍ ତାଙ୍କର ସମ୍ମୁଖବର୍ତ୍ତୀ ହେଲେ, ଭୟରେ ଥରି ଉଠୁଥିଲେ ।

ଏହା ବ୍ୟତୀତ ସେଇ ହତଭାଗ୍ୟ ତରୁଣ ବ୍ୟକ୍ତିମାନେ ଆଉ କ'ଣ ବା କରନ୍ତେ ? କାରଣ, ଜଣେ ଆଉଜଣକୁ ପୂଜା କରିବାର କୌଣସି ପ୍ରୟୋଜନ ନ ଥିଲେ ହେଁ, ଏହା ନକଲେ ସଙ୍ଗେ ସଙ୍ଗେ ଆଧୁନିକତାର ପଛରେ ପଡ଼ିଯିବାର ଭୟ ଅଛିତ !

ଏଣୁ ସାର ହେଉଅଛି—ସବୁ ନବୋଧ ବ୍ୟକ୍ତି ଖିରୁମାନଙ୍କ ସାହାଯ୍ୟରେ ହିଁ ଖ୍ୟାତିକାର୍ଜନ କରିଥାଆନ୍ତି ।

—*—

# ଶତରଞ୍ଜ ଖେଳାଳୀ

## ମୁନ୍‌ସି ପ୍ରେମ୍‌ଚାନ୍ଦ

—୧—

ଓ୍ୱାଜିଦ୍ ଅଲ୍ଲୀଶାହଙ୍କ ସମୟର କଥା । ଲକ୍ଷ୍ନୌ ସେତେବେଳେ ବିଳାସିତାରେ ନିମଜ୍ଜିତ । ଧନୀ, ଦରିଦ୍ର ସମସ୍ତେ ବିଳାସିତାରେ ବୁଡ଼ି ରହିଥାଆନ୍ତି । କିଏ ନୃତ୍ୟ ଓ ସଂଗୀତର ମଜଲିସ ସଜାଉ ଥାଏତ କିଏ ଅଫିମ ନିଶାରେ ବିଭୋର ହୋଇ ଥାଏ । ଜୀବନର ପ୍ରତ୍ୟେକ ବିଭାଗରେ ଆମୋଦ ପ୍ରମୋଦର ପ୍ରାଧାନ୍ୟ । ଶାସନ ବିଭାଗ, ସାହିତ୍ୟ, ସାମାଜିକ ବ୍ୟବସ୍ଥା, କଳା-କୌଶଳ, ଉଦ୍ୟୋଗ, ଧନ୍ଦା, ଆହାର-ବ୍ୟବହାର ସର୍ବତ୍ର ବିଳାସିତା ବ୍ୟାପ୍ତ ହୋଇ ରହିଥାଏ । ରାଜକର୍ମଚାରୀ ବିଷୟ ବାସନାରେ, କବିଗଣ ପ୍ରେମ ଓ ବିରହର ବର୍ଣ୍ଣନାରେ, କାରିଗର ଓ ଶିଳ୍ପୀମାନେ ସ୍ୱର୍ଣ୍ଣ ଓ କାର୍ପାସର ସୂତା କର୍ମରେ, ବ୍ୟବସାୟୀ ଗଣ ସୁରୁମା, ଅତର ସୁବାସଦ୍ରବ୍ୟ, ଅନୁଲେପନ, ଧୂପ ଓ ଗନ୍ଧଦ୍ରବ୍ୟାଦି ପ୍ରସ୍ତୁତ କରିବାରେ ଲିପ୍ତଥିଲେ । ସମସ୍ତଙ୍କ ଆଖିରେ ବିଳାସିତାର ମୋହ, ସଂସାରରେ କଣ ହେଉଅଛି ସେ ବିଷୟରେ କାହାରି ଭ୍ରୂକ୍ଷେପ ନଥିଲା । ପରନ୍ତୁ କୁକୁଡ଼ା ଓ ଅନ୍ୟ ପକ୍ଷୀମାନଙ୍କ ଲଢ଼େଇ ଖୁବ୍ ଚାଲୁଥିଲା । କାହାରି ବା ପଶାଖେଳ ଚାଲୁଥିଲା—'ପୁଅ ବାର' ଶବ୍ଦ ଶୁଭୁଥିଲା । କେଉଁଠି ଶତରଞ୍ଜ ଖେଳର ରାଜା, ରାଜା ସଙ୍ଗରେ ଲଢ଼େଇ ପ୍ରବଳଭାବେ ଚାଲୁଥିଲା । ରାଜାଙ୍କ ଠାରୁ ଆରମ୍ଭକରି ରଙ୍କ ପର୍ଯ୍ୟନ୍ତ ଏହିପରି ନିଶାରେ ମତୁଥିଲେ । ଏପରିକି ଭିକାରୀକୁ ପଇସା ମିଳିଲେ ସେ ରୋଟି ନକିଣି ଅଫିମ ବା ମଦ କିଣି ଖାଉଥିଲେ । ଶତରଞ୍ଜ, ତାଆସ ଗଞ୍ଜାପା ଖେଳିବାରେ ବୁଦ୍ଧିର ସୂକ୍ଷ୍ମତା, ବିଚାର ଶକ୍ତିର ବିକାଶ ଓ

ଜଟିଳ ବିଷୟ ସମାଧାନ କରିବାରେ ସାମର୍ଥ୍ୟ ଅର୍ଜିତ ହୁଏ-ଏହିପରି ଏକ ଭ୍ରାନ୍ତ ମତ ବାଦ ଅତି ବଳିଷ୍ଠ ଭାବେ ପ୍ରଚଳିତ ହେଉଥାଏ ।

ଏଣୁ ଏପରି ସମୟରେ ମିର୍ଜା ସଜ୍ଜାଦ୍ ଅଲ୍ଲୀ ଏବଂ ମୀର-ରୌସନ ଅଲ୍ଲୀ ଯଦି ନିଜର ଅଧିକାଂଶ ସମୟ ବୁଦ୍ଧିକୁ ତୀକ୍ଷ୍ଣ କରିବାରେ ଆତ୍ମ ନିୟୋଗ କରନ୍ତି, ତେବେ କେଉଁ ଚିନ୍ତାଶୀଳ ଲୋକ ଏଥିରେ ଆପତ୍ତି କରିବ ? ଦୁହିଁଙ୍କର ମୌରସୀ ଜାଗିରି ଥାଏ । ଜୀବିକା ନିର୍ବାହ କରିବା ପାଇଁ କୌଣସି ଚିନ୍ତା କରିବାକୁ ପଡ଼ୁ ନଥାଏ । ଘରେ ବସି ବସି ଦୁହିଁଙ୍କ ସମୟ କଟୁଥିଲା । ଏଣୁ କ'ଣ ବା ଆଉ କରିବେ ? ପ୍ରତ୍ୟହ ପ୍ରାତଃ କାଳରେ ଦୁଇ ବନ୍ଧୁ 'ନାସ୍ତା' (ଜଳଖିଆ) କରି ଶତରଞ୍ଜ ପାଲି ବିଛାଇ ବସି ଯାଆନ୍ତି । ଗୋଟି ସବୁ ସଜା ହୋଇ ଦୁଇ ପକ୍ଷରୁ ଧୁମ୍ ଧାମ୍ ଯୁଦ୍ଧ ଆରମ୍ଭ ହୋଇଯାଏ । ତା'ପରେ କେତେବେଳେ ମଧ୍ୟାହ୍ନ, ଅପରାହ୍ନ ଓ ସନ୍ଧ୍ୟା ହୁଏ, ସେ ବିଷୟରେ ସେମାନଙ୍କର କୌଣସି ଚେତନା ରହେ ନାହିଁ । ଘର ଭିତରୁ ବାରମ୍ବାର ଖବର ଆସେ 'ଖାନା' (ଆହାର୍ଯ୍ୟ) ତିଆରି ହୋଇ ସାରିଛି । ମାତ୍ର ତାର ଜବାବ୍ ମିଳେ—"ବଢ଼ାବଢ଼ି କର, ଆମେ ଯାଉଛୁ ।" ମାତ୍ର ସେମାନେ ଖେଳ ଛାଡ଼ି ଉଠନ୍ତି ନାହିଁ । ଶେଷରେ ରୋଷେୟା ହତାଶ ହୋଇ ଠିକ୍ ସେଇ ଘରକୁ ଖାଇବା ଚିଜ ବଢ଼ାବଢ଼ି କରି ନେଇ ଆସେ । ଦୁଇ ବନ୍ଧୁ ଖେଳୁ ଖେଳୁ ଖାଇବା ଆରମ୍ଭ କରି ଦିଅନ୍ତି ।

ମିର୍ଜା ସଜାଦ ଅଲ୍ଲୀଙ୍କ ଘରେ କେହି ମାନ୍ୟ ବୟସ୍କ ଲୋକ ନଥାନ୍ତି । ଏଣୁ ତାଙ୍କର ବୈଠକ ଘରେ ଖେଳ ଚାଲେ । ମାତ୍ର ତାଙ୍କ ପରିବାରର ଲୋକେ ଏ ସବୁ ଖେଳକୁ ପସନ୍ଦ କରୁ ନଥାନ୍ତି । ଏପରିକି ଗ୍ରାମୀୟ ଲୋକେ ଓ ଘରର ଚାକରମାନେ ମଧ୍ୟ ସବୁଦିନ ଏଇ ସମ୍ପର୍କରେ ବିରକ୍ତିପୂର୍ଣ୍ଣ ଟିପ୍ପଣୀ କରନ୍ତି—"ଏ ଖେଳଟା

ଅତି ଅଶୁଭ—ଏହା ଯୋଗୁ ଘରର ସର୍ବନାଶ ହୁଏ । ହେ ଭଗବାନ ! କାହାର ଯେପରି ଏ ଖେଳ ପ୍ରତି ଆସକ୍ତି ନ ହେଉ । ଏଥିରେ ମାତିଲେ ଲୋକ କେଉଁ କାମକୁ ଯୋଗ୍ୟ ହୁଏନା । ଏହା ଏକ ଅତି ସାଂଘାତିକ ବ୍ୟାଧି ।”

ମିର୍ଜାଙ୍କ ବେଗମ୍ (ପତ୍ନୀ) ଙ୍କର ମଧ୍ୟ ଏହି ଖେଳ ପ୍ରତି ଘୋର ବିରକ୍ତି । ଏଥିପାଇଁ ସ୍ୱାମୀଙ୍କୁ ଗାଳିଦେବାକୁ ସେ ସବୁବେଳେ ସୁଯୋଗ ଖୋଜୁଥା'ନ୍ତି । ମାତ୍ର ତାଙ୍କୁ ସୁଯୋଗ କମ୍ ମିଳେ । ଦେଖୁ ଦେଖୁ ହଠାତ୍ ମିର୍ଜାଙ୍କ ଖେଳ ଆରମ୍ଭ ହୋଇଯାଏ ଓ ମିର୍ଜା ଖେଳ ସାରି ଘର ଭିତରକୁ ଫେରିଲା ବେଳକୁ ବେଗମଙ୍କୁ ନିଦ ହୋଇ ଯାଇଥାଏ ! ଏଣୁ ତାଙ୍କର ସବୁ ରାଗ ପଡ଼େ ଚାକର ମାନଙ୍କ ଉପରେ—“କ'ଣ ସେ ପାନ ମଗେଇ ପଠାଇଛନ୍ତି । କହିଦେ, ସେ ନିଜେ ଆସି ଘରୁ ନେଇ ଯାଆନ୍ତୁ ।—ଖାଇବାକୁ ବି ଫୁରୁସତ ନାହିଁ—ଖାନା ନେଇ ଯାଇ ମୁଣ୍ଡ ପାଖେ ରଖିଦେ । ଖାଇଲେ ଖାଆନ୍ତୁ ନୋହିଲେ କୁକୁରକୁ ଦିଅନ୍ତୁ ।” ମାତ୍ର ତାଙ୍କ ମୁହଁ ଉପରେ କଡ଼ାକଥା କହିବାକୁ ବେଗମଙ୍କର ସାହସ ହୁଏନା । ମୀର ସାହେବଙ୍କ ଉପରେ ତାଙ୍କର ଯେତେ ରାଗ ସ୍ୱାମୀଙ୍କ ଉପରେ ସେତେ ରାଗ ନଥାଏ । ବିରକ୍ତିରେ ସେ ମୀର ସାହେବଙ୍କୁ ‘ମୀର ବିଗାଡ଼ୁ’ ନାଁ ଦେଇଥାନ୍ତି । ସମ୍ଭବତଃ, ମୀର୍ଜାଜୀ ସ୍ତ୍ରୀଙ୍କ ଆଗେ ଆପଣା ସଫାଇ ଦେବାଲାଗି ମୀର ସାହେବଙ୍କ ଉପରେ ସବୁ ଦୋଷ ଢାଳି ଦେଉଥିଲେ ।

ଥରେ ବେଗମ ସାହେବଙ୍କ ମୁଣ୍ଡ ବ୍ୟଥା ହେଲା । ସେ ନିଜ ପରିଚାରିକାକୁ କହିଲେ—“ଯା, ଶୀଘ୍ର ମିର୍ଜା ସାହେବଙ୍କୁ ଡାକି ଆଣ । ସେ ଯାଇ ହାକମ୍ ପାଖରୁ ମୋ ଲାଗି ତୁରନ୍ତ ଔଷଧ ଆଣିବେ ।”

ପରିଗୃହିକା ଗଲା । ମାତ୍ର ମିର୍ଜାଙ୍କ ସବୁ ଶୁଣି କହିଲେ—"ତୁ ଯା', ମୁଁ ସଙ୍ଗେ ସଙ୍ଗେ ଯାଉଛି ।" ବେଗମଙ୍କ ମନ ଭଲ ନଥାଏ । ତାଙ୍କ ମୁଣ୍ଡ ବ୍ୟଥା ହେଉଥିଲାବେଳେ ସ୍ୱାମୀ ଶତରଞ୍ଜ ଖେଳିବେ, ଏହା କିପରି ବା ସେ ସହି ପାରିବେ ? ତାଙ୍କ ମୁହଁ ଲାଲ ପଡ଼ିଗଲା । ସେ ପରିଗୃହିକାକୁ କହିଲେ—"ଯା ତାଙ୍କୁ ସଙ୍ଗେ ସଙ୍ଗେ ଆସିବାକୁ କହ । ନୋହିଲେ, କହିଦେ, ବେଗମ୍ ସାହେବ ନିଜେ ହକିମ୍‌ଙ୍କ ପାଖକୁ ଚାଲିଯିବେ ।"

ମିର୍ଜାଙ୍କ ବାଜିଏ ମଜା ଖେଳରେ ମାତିଥିଲେ । ଆଉ ଗୋଟାଏ ଦୁଇଟା ଗୋଟି ଚଳାଇଲେ ମୀର ସାହେବ ହାରିଯାଇ ଥାନ୍ତେ । ବିରକ୍ତିରେ କହିଲେ"—କ'ଣ ଶେଷ ନିଶ୍ୱାସ ଉଠିଲାଣି—ଟିକିଏ ସବୁର କରି ପାରୁନାହାନ୍ତି ?"

ମୀର—ଆହେ, ତୁମେ ଟିକିଏ ଯାଇ ଶୁଣି ଆସନା । ସ୍ତ୍ରୀଲୋକମାନଙ୍କ ମିଜାସ ତ ସେହିପରି ।

ମିର୍ଜା—ହଁ, ମୋ ଯିବା ତ ତୁମେ ନିଶ୍ଚୟ ଚାହୁଁଥିବ । ଆଉ ଥରେ ଦି'ଥର ଗୋଟି ଚଳାଇଲେ ତୁମେ ହାରିଯିବ କି ନା ?

ମୀର—ସେପରି ଭ୍ରମ ଧାରଣା କାହିଁକି ମନକୁ ଆଣୁଛ ? ମୁଁ ବର୍ତ୍ତମାନ ଗୋଟାଏ ଅଚ୍ଛା ମାର୍ଗେ ଗୋଟି ଚଳାଇବାକୁ ଭାବୁଛି । ତମର ସବୁ ଗୋଟି ଥିଲେ ବି ତମେ ନିଶ୍ଚୟ ହାରିବ । ସେ ଯାହା ହେଉ, ତମେ ଏବେ ଯାଇ ସେ କ'ଣ କହୁଛନ୍ତି ଆଗେ ଶୁଣିଆସ । ତାଙ୍କ ମନରେ କାହିଁକି ବା ବୃଥାରେ ଆଘାତ ଦେବ ?

ମିର୍ଜା—ତାହେଲେ ତମକୁ ଆଗେ ହରାଇ ସାରି ମୁଁ ଯିବି । ମିର—ମୁଁ ଖେଳିବି ନାହିଁ । ତମେ ଯାଇ ଆଗେ ଶୁଣି ଆସ । ମିର୍ଜା—ଆରେ ଭାଇ, ମତେ ତ ହକିମ୍ ପାଖକୁ ଯିବାକୁ ପଡ଼ିବ । ମୁଁ ଜାଣେ ତାଙ୍କର ମୁଣ୍ଡବ୍ୟଥା କିମ୍ବା ଆଉ କିଛି ହେଉ ନାହିଁ । ଏହା କେବଳ ମୋତେ ତଡ଼ାଇବାକୁ ଗୋଟାଏ ଫିସାଦ ।

ମୀର—ଯାହାହେଉ ପଛକେ ତାଙ୍କ ମାନ୍ ତ ତମକୁ ରଖିବାକୁ ହେବ ।

ମିର୍ଜା—ଆଚ୍ଛା ଗୋଟାଏ ଦାନ ଚଳୁ ।

ମିର—କେଭେ ନୁହେଁ । ତମେ ଯାଇ ତାଙ୍କ କଥା ଶୁଣି ନ ଆସିଲେ ମୁଁ ପାଲ ସୁଦ୍ଧା ଛୁଇଁବ ନାହିଁ ।

ମିର୍ଜା ସାହେବ ବାଧ ହୋଇ ଅନ୍ଦରକୁ ଗଲେ । ତହୁଁ ବେଗମ ସାହେବ ମୁଖ ବକ୍ରତ କରି ଗର୍ଜନ କରି କହିଲେ—ସେଇ ତୁଚ୍ଛ ଶତରଞ୍ଜ ଖେଳଟା ତୁମର ଏତେ ପ୍ରିୟ ହେଲା । କିଏ ମରିଯାଉ ପଛକେ ତୁମେ ଉଠିବା ନାଁ ନେଉ ନାହଁ ? ତୁମପରି ଲୋକ ଆଉ କିଏ ଅଛି ?

ମିର୍ଜା—ମୁଁ କ'ଣ କରିବ ? ମିର ସାହେବ ଜମା ମାନିଲେ ନାହିଁ । ବଡ଼ ମୁସ୍କିଲରେ ମୁଁ ତାଙ୍କୁ ଏଡ଼ି ଦେଇ ଆସି ପାରିଛି ।

ବେଗମ—ସେ ବୋଧହୁଏ ଭାବୁଛନ୍ତି ସମସ୍ତେ ତାଙ୍କପରି ଅଧମ । ତାଙ୍କର ତ ପୁଣି ପରିବାର ଅଛନ୍ତି, ନା ସମସ୍ତଙ୍କୁ ସେ ସଫା କରି ଦେଲେଣି ।

ମିର୍ଜା—ସତରଞ୍ଜ ଖେଳରେ ତାଙ୍କର ଭାରି ଝୁଙ୍କ୍ । ସେ ଆସିଲେ ଅନିଚ୍ଛା ସତ୍ତ୍ୱେ ମୋତେ ତାଙ୍କ ସଙ୍ଗେ ଖେଳିବାକୁ ପଡ଼େ ।

ବେଗମ—ତମେ କାହିଁକି ତାଙ୍କୁ ତଡ଼ି ଦେଉନାହଁ ?

ମିର୍ଜା—ସେ ମୋର ସମବୟସ୍କାପଦ ମର୍ଯ୍ୟାଦାରେ ମଧ୍ଯ ମୋଠାରୁ ଟିକିଏ ଉଚ୍ଚରେ ତାଙ୍କର ସ୍ଥାନ । ମୋତେ ତ ପୁଣି ସେ କଥା ବିଚାରି ମୁଲାହିଜା କରିବାକୁ ପଡ଼ିବ ।

ବେଗମ—ତାହାହେଲେ ମୁଁ ଯାଇ ତାଙ୍କୁ ତଡ଼ିଦେଇ ଆସୁଛି । ମନ କଷ୍ଟ କଲେ ପଛେ କରନ୍ତୁ । କିଏ କାହାକୁ ଖାଇବା

ତାଙ୍କ ଅଡ଼ାଡ଼ି ପକାଉଛନ୍ତି । ସେ ଗଲେ ଆମର ମଙ୍ଗଳ । ଆଲୋ, ହିରିଆ, ଯା ବାହାରୁ ଶତରଞ୍ଜ ପାଲଟା ଉଠାଇ ଆଣ । ମୀର ସାହେବଙ୍କୁ କହିଦେ—'ମିଆଁ ବର୍ତ୍ତମାନ ଆଜି ଖେଳିବେ ନାହିଁ । ଆପଣ ଘରକୁ ଚାଲି ଯାଆନ୍ତୁ ।'

ମିର୍ଜା—ହାଁ ହାଁ, ସେମିତି କାର୍ଯ୍ୟ କରନା । ମତେ ଲଜ୍ଜା ଦେବା କ'ଣ ତୁମର ଇଚ୍ଛା ? —ଆଲୋ ହିରିଆ, କୁଆଡ଼େ ଯାଉଛୁ ? —ରହ ।

ବେଗମ—କାହିଁକି ତାକୁ ଅଟକାଉଛ ? ମତେ ଯାହା ମରଣ ନ ହେଉଛି । ହଉ, ତାକୁ ତ ଅଟକାଇଲ । ଦେଖିବା ଦେଖି ମତେ କିପରି ଅଟକାଇବ ।

ଏହାକହି ବେଗମ ସାହେବା ରାଗିକରି ବୈଠକ ଘର ଆଡ଼େ ଚାଲିଲେ । ବିଚରା ମିର୍ଜା ସାହେବ ସେତା ପଡ଼ିଗଲେ । ବିବି (ସ୍ତ୍ରୀ)ଙ୍କୁ ମିନତି କଲେ-'ତମକୁ ଠାକୁରଙ୍କ ରାଣ, ମୋ ମୁଣ୍ଡଖାଅ ସେପଟକୁ ଯାଅନା ।' କିନ୍ତୁ ବେଗମ ସେକଥା ଶୁଣିଲେ ନାହିଁ । ବୈଠକଖାନା ଦ୍ୱାରକୁ ଚାଲିଗଲେ । ମାତ୍ର ଏକାକୀ ପରପୁରୁଷ ପାଖକୁ ଯିବା ତାଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ଘର ଭିତରକୁ ଉଙ୍କି ମାରିଲେ । ଘରେକେହି ନାହାନ୍ତି ମୀର ସାହେବ ଗୋପନରେ ଗୋଟାଏ ଦୁଇଟା ଗୋଟି ଆପଣା ଖେଳର ସୁବିଧା ଲାଗି ଏପଟ ସେପଟ କରିଦେଇ, କିଛି ନଜାଣିଲା ଭଳି ବାହର ପିଣ୍ଡାରେ ଯାଇ ପଦଚାରଣା କରୁଥାନ୍ତି । ଏହାଦେଖି ବେଗମ ସାହେବାଙ୍କ ସାହସ ବଢ଼ିଗଲା । ଘରଭିତରକୁ ପଶିଯାଇ ସେ ଶତରଞ୍ଜ ପାଲଟାକୁ ଓଲଟାଇଦେଲେ ଗୋଟି ଗୁଡ଼ାଏ ମେଜ ତଳକୁ, ଆଉ ଗୁଡ଼ାଏ ବାହାରକୁ ଫିଙ୍ଗି ଦେଲେ । ତା ପରେ ଘର ଭିତରପଟୁ ଶିକୁଳୀ ଦେଇ ଦେଲେ । ମୀର ସାହେବ ତ ଦୁଆର ବାହାରେ ଥିଲେ । ଗୋଟିସବୁ

ବାହାରେ ଫିଙ୍ଗାହେବା ଦେଖିଲେ । ଚୁଡ଼ି ଝଁଣ ଝଁଣ ହେବା କାନରେ ଶୁଣିଲେ । ପୁଣି ଦରଜା ବନ୍ଦ ହେଲା । ସେ ବୁଝି ପାରିଲେ ବେଗମ ସାହେବା ରାଗି ଯାଇଛନ୍ତି । ଚୁପ୍‌କରି ଆପଣା ଘର ଆଡ଼େ ଖସି ଚାଲିଗଲେ ।

ମିର୍ଜା କହିଲେ — ତୁମେ ସତେ କଣ କଲ ?

ବେଗମ—ପୁଣି ମିର ସାହେବ ଏଠାକୁ ଆସିବେ ତ ସିଧା ସିଧା ତାଙ୍କୁ ଘରୁ ନିକାଳିଦେବ । ତମେ ଯଦି ଭଗବାନଙ୍କୁ ଏହି ଏକାଗ୍ରତା ଦେଖାଉଥାନ୍ତ, ତେବେ ଜଣେମହାତ୍ମା ହୋଇସାରନ୍ତଣି । ତୁମେ ତେଣେ ଶତରଞ୍ଜ ଖେଳିବ ଆଉ ମୁଁ ଚୁଲି ଚକଠୁ ଆରମ୍ଭ କରି ଯାବତ ଘରକାମ କରି ପେଶି ହେଉଥିବି । ତମେ ଏବେ ହକିମ୍‌ଙ୍କ ପାଖକୁ ଯିବ ନା ଆଉ କଣ ଭାବି ଦ୍ୱିଧା କରୁଛ ?

ମିର୍ଜାଘରୁ ବାହାରିଲେ । ମାତ୍ର ହକିମଙ୍କ ଘରକୁ ଯିବା ପରିବର୍ତ୍ତେ ମୀର ସାହେବଙ୍କ ଘରେ ପହଞ୍ଚିଲେ । ତାଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ ।

ମୀର ସାହେବ କହିଲେ—'ଗୋଟିଗୁଡ଼ାକ ବାହାରେ ଫୋପଡ଼ା ହେବା ଦେଖି ମୁଁ ସଙ୍ଗେ ସଙ୍ଗେ ସବୁ ବୁଝିଗଲି । ଆଉ ବିଳମ୍ବ ନକରି ପଳାଇ ଆସିଲି । ଭାରି'ତ ଚଡ଼ା ଲୋକ ସେ ! ମାତ୍ର ତାଙ୍କୁ ଏପରି ପ୍ରଶ୍ରୟ ଦେବା ତୁମର ଠିକ୍ ନୁହେଁ । ଘରକାମ ବୁଝିବା ତାଙ୍କରକାମ । କିନ୍ତୁ ତୁମର ବାହାର ବିଷୟ ବୁଝିବାରେ ତାଙ୍କର କି ଦରକାର ?

ମିର୍ଜା-ଆଚ୍ଛା, ସେଥିରୁ କଣ ମିଳିବ ? ମତେ ଖାଲି ଏତିକି କୁହ, ଏଣିକି କେଉଁଠି ଖେଳ ହେବ ?

ମିର—ଇଏବା କିବା କଥାଟେ ! ଆମର ଏତେବଡ଼ ଘର ପଡ଼ିଛି । ଏଣିକି ଏଇଠି ଖେଳ ଚାଲିବ ।

ମିର୍ଜା—ହଁ, ହେଲା ଯେ ମୁଁ ବେଗମ ସାହେବାଙ୍କୁ କିପରି ବୁଝାଇବି ? ନିଜ ଘରେ ଥିଲାବେଳେତ ସେଇ ଖେଳ ଯୋଗୁ ଏତେ ବିରକ୍ତ ହେଉଥିଲା । ଏଠି ବୈଠକ ହେବା ଜାଣିଲେ ତ ନିଶ୍ଚୟ ମୋତେ ଖାଅନ୍ତା ମାରି ପକାଇବ ।

ମୀର—ହଁ ଗାଳି ଦେବତ, ଦିନେ ଦୁଇଦିନ ବାଦ ଦିନେ ଠିକ ହୋଇ ଯିବ । ମାତ୍ର ଆଜଠୁ ତୁମେ ଟିକଏ ମନ ଦୃଢ଼ କର ।

—୨—

ମୀର ସାହେବଙ୍କ ବେଗମ କୌଣସି ଅଜ୍ଞାତ କାରଣରୁ ସ୍ୱାମୀଙ୍କର ବାହାରେ ରହିବାଟାକୁ ଉପଯୁକ୍ତ ମନେ କରୁଥିଲେ । ଏଣୁ ସେ ସ୍ୱାମୀଙ୍କର ଶତରଞ୍ଜ—ପ୍ରୀତିକୁ କଦାପି ସମାଲୋଚନା କରୁନଥିଲେ । ବରଂ ଯଦି କେବେ ମୀର ସାହେବଙ୍କ ଡେରି ହୋଇ ଯାଏ, ତେବେ ସେ ତାଙ୍କୁ ସେଇ ବିଷୟ ଚେତାଇ ଦେଉଥିଲେ । ଏଣୁ ମୀର ସାହେବ ତାଙ୍କ ସ୍ତ୍ରୀଙ୍କୁ ଖୁବ ଭଲ ଏବଂ ଉଦାର ବୋଲି ଭୁଲ୍ ଧାରଣା କରିଥିଲେ । ମାତ୍ର ଯେତେବେଳେ ବୈଠକ ଖାନାରେ ଖେଳ ଆରମ୍ଭ ହେଲା, ମୀର ସାହେବ ସାରାଦିନ ଘରେ ରହିଲେ । ସେତେବେଳେ ଏହା ତାଙ୍କୁ ବହୁତ କଷ୍ଟଦାୟକ ମନେ ହେଲା । ତାଙ୍କର ସ୍ୱାଧୀନତାରେ ବାଧା ପଡ଼ିଲା । ଘର ବାହାରେ ଦାଣ୍ଡକୁ ଉଁକି ମାରିବା ଲାଗି ଦିନସାରା ସେ ଛଟପଟ ହେବାକୁ ଲାଗିଲେ ।

ଚାକରମାନେ ବି ଗାଉଁ ଗାଉଁ ହୋଇ ବିରକ୍ତି ପ୍ରକାଶ କଲେ । ଏପର୍ଯ୍ୟନ୍ତ ଦିନ ସାରା ସେମାନେ ଅଳସରେ ସମୟ କଟାଉଥିଲେ । ଘରେ କିଏ ଆସିଲା, ଗଲା ସେ ବିଷୟରେ ସେମାନଙ୍କୁ ଭାବିବାକୁ ପଡୁ ନଥିଲା । ବର୍ତ୍ତମାନ ଦିନ ସାରା ସେମାନଙ୍କୁ ଏଠି ସେଠି ଧାଁ ଧପଡ଼ କରିବାକୁ ପଡ଼ିଲା । କେତେବେଳେ ପାନ, ତ

କେତେବେଳେ ମିଠାଇ ଆଣିବାକୁ ହୁକୁମ ହୁଏ । ହୁକା ତ ପ୍ରେମି-କର ହୃଦୟ ପରି ସର୍ବଦା ଜଳୁଥାଏ । ସେମାନେ ବେଗମ ସାହେବାଙ୍କ ପାଖକୁ ଯାଇ କହୁଥାନ୍ତି—ହଜୁର, ମିଆଁଙ୍କ ଶତରଞ୍ଜ ଆମ ପ୍ରାଣର ଜଂଜାଳ ହେଲାଣି । ଦିନ ସାରା ଧାଁ ଧପଡ଼ କରିକରି ଆମ ପାଦ ବଥାଇଲାଣି । ଇଏ ବାବା କି ବିଚିତ୍ର ଖେଳ—ସକାଳୁ ସଞ୍ଜ ପର୍ଯ୍ୟନ୍ତ ଚାଲିଛି ତ ଚାଲିଛି । ଘଡ଼ିଏ ବିପଡ଼ି ସିନା ମନ ଖୁସି ପାଇଁ ଖେଳନ୍ତୁ । ଯାହାହେଉ ଆମର ସେଥିରେ କହିବାର କ'ଣ ଅଛି । ଆମେ ଆପଣଙ୍କ ଚାକର, ଆମକୁ ଯାହା ହୁକୁମ ଦେବ ତା କରିବୁ । ମାତ୍ର ଏଇ ଖେଳ ଅତି ଅଶୁଭ । ଏହି ଖେଳରେ ମାତିବା ଲୋକର ମଙ୍ଗଳ ହୁଏନା । ଏହା ନିଶ୍ଚୟ ଘରର ବିପଦ ଘଟାଇବ । କେବେ କେବେ ଜଣେ ଖେଳାଳୀ ଯୋଗୁ ଗୋଟାଏ ଗୋଟାଏ ଅଞ୍ଚଳ ବି ଧ୍ୱଂସ ହୋଇଯାଇଛି । ଏଠି ମହଲା ସାରା ଏବେ ଏହି କଥା ଆଲୋଚନା ପଡ଼ିଛି । ଆମେ ହଜୁରଙ୍କ ନିମକ୍ (ଲୁଣ) ଖାଉଛୁ । ଆମ ଖାମିନ୍ଦଙ୍କର ନିନ୍ଦା ଶୁଣି ଶୁଣି ଦୁଃଖ ଲାଗୁଛି । ମାତ୍ର ଆମେ କ'ଣ କରିପାରିବୁ ।

ଏହା ଶୁଣି ବେଗମ ସାହେବା କହନ୍ତି—ମୁଁ ତ ନିଜେ ଏହା ପସନ୍ଦ କରୁନାହିଁ । ମାତ୍ର ସେ'ତ କାହାକଥା ଶୁଣୁ ନାହାନ୍ତି—କ'ଣ କରା ଯିବ !

ସେଇ ମହଲାରେ ମଧ୍ୟ ଯେଉଁ କେତେଜଣ ପୁରୁଣା କାଳିଆ ଲୋକଥିଲେ, ସେମାନେ ବି ଏହି ଖେଳ ଯୋଗୁ ଅଜ୍ଞାତ ବିପଦର ଆଶଙ୍କା କରୁଥିଲେ । ମାତ୍ର ତହିଁରେ କୌଣସି ସୁଫଳ ଫଳି ନଥିଲା । ଆଭିଜାତ୍ୟ ଯେତେବେଳେ ଏପରି ଅଧୋଗାମୀ ଏକମାତ୍ର ଭଗବାନ ସେତେବେଳେ ରକ୍ଷାକର୍ତ୍ତା । ଶତରଂଜ ଦ୍ୱାରା ଏହି ରାଜ୍ୟ ଧ୍ୱଂସ ହେବ । ସବୁ କେବଳ ଧ୍ୱଂସର ସୂଚନାହିଁ କରୁଥିଲା ।

ସେତେବେଳେ ରାଜ୍ୟରେ ହାହାକାର ପଡ଼ିଥାଏ । ପ୍ରଜାମାନେ ସବୁ ଦିଗରୁ ଲୁଣ୍ଠିତ ହେଉଥାନ୍ତି । ସେମାନଙ୍କ ଦୁଃଖ ଶୁଣିବାକୁ ବି କେହି ନଥାନ୍ତି । ଗ୍ରାମାଞ୍ଚଳର ସମସ୍ତ ସମ୍ପଦ ଲକ୍ଷ୍ନୌକୁ ଟାଣି ହୋଇ ଆସୁଥାଏ ଓ ସେଠାରେ ତାହା ନାନାବିଧ ବ୍ୟସନ ଓ ସମ୍ଭୋଗ ଲୀଳାରେ ବ୍ୟୟିତ ହୋଇ ଯାଉଥାଏ । ଇଂରେଜ କମ୍ପାନୀଙ୍କ ଠାରୁ ଆଣିଥିବା ଋଣ ଦିନକୁ ଦିନ ବଢ଼ି ଯାଉଥାଏ । ଓଡ଼ା କମ୍ବଳପରି ଦୁଃଖ କ୍ରମଶଃ ଭାରି ହୋଇ ଉଠୁଥାଏ । ଦେଶରେ ସୁ-ବ୍ୟବସ୍ଥା ନହେବା ଯୋଗୁ ବାର୍ଷିକ କର ମଧ୍ୟ ଅସୁଲ ହୋଇ ପାରୁ ନଥାଏ । ରେସିଡ଼େଣ୍ଟ ବାରମ୍ବାର ଚେତାଇ ଦେଉଥାନ୍ତି । ମାତ୍ର ଲୋକେ ତ ବ୍ୟସନରେ ବିଭୋର—ସେ ଦିଗକୁ କାହାରି ଧ୍ୟାନ ନଥାଏ ।

ପୁଣି କେତେମାସ କଟିଗଲା—ମୀର ସାହେବଙ୍କ ବୈଠକଖାନାରେ ସେହିପରି ଖେଳ ଚାଲିଛି । ପ୍ରତ୍ୟହ ନୂଆ ନୂଆ ଜଟିଳ ଯୁଦ୍ଧ ଚାଳନାରେ ସେମାନେ ସୁଦକ୍ଷ ହେଲେ, ସୈନ୍ୟମାନଙ୍କୁ ନୂଆ ନୂଆ ପଥରେ ପରିଚାଳନାକରି ଓ ନୂଆ ବ୍ୟୂହ ରଚନା କରି ସେମାନେ ଖେଳ ଚାଲିଲେ । କେତେବେଳେ ଖେଳୁ ଖେଳୁ ସେମାନଙ୍କର ମଧ୍ୟରେ କଳହ, ମତଭେଦ, କଠୋର ଯୁକ୍ତିତର୍କ, ଓ ଉତ୍ତେଜକ ବାକ୍ୟ-ବିନିମୟ ହେଉଥିଲା । ମାତ୍ର ଖୁବ୍ ଶୀଘ୍ର ପୁଣି ସେ ଦୁହେଁ ମିଳିମିଶି ଯାଉଥିଲେ । କେବେ କେବେ କଳହ ଯୋଗୁ ଉଭୟେ ଖେଳ ଛାଡ଼ି ଯେଝା ଘରକୁ ଚାଲି ଯାଉଥିଲେ । ମାତ୍ର ଗୋଟାଏ ରାତିର ନିଦ୍ରା ସଙ୍ଗେ ସଙ୍ଗେ ସମସ୍ତ ମନ ମାଳିନ୍ୟ ଶାନ୍ତ ହୋଇ ଯାଉଥିଲା । ସକାଳେ ପୁଣି ଦୁଇ ମିତ୍ର ଆସି ସେହି ବୈଠକଖାନାରେ ଏକତ୍ର ହୋଇ ଯାଉଥିଲେ ।

ଏଣେ ଦୁଇ ମିତ୍ର ବସି ସତରଞ୍ଜ ଖେଳରେ ମାତିଛନ୍ତି । ଏହି ସମୟରେ ଜଣେ ଅଶ୍ୱାରୋହୀ ବାଦସାହୀ ଫୌଜ-ଅଫିସର୍ ମୀର ସାହେବଙ୍କ ନାମ ପଚାରି ପଚାରି ଆସି ସେଠି ପହଞ୍ଚିଲା । ଉପରେ ମୀର ସାହେବଙ୍କ ହଂସା ଉଡ଼ିଗଲା । ତାଙ୍କ ମୁଣ୍ଡରେ ଇଏ ପୁଣି କ'ଣ ନୂଆ ଚଢ଼କ ପଡ଼ିଲା ! କାହିଁକି ପୁଣି ତାଙ୍କୁ ତଲବ୍ କରା ଯାଇଛି । କିଛି ଭଲ ମନେହେଉ ନାହିଁ । ସେ ଘର ଦରଜା ବନ୍ଦ କରି ଦେଲେ । ଚାକରକୁ କହିଦେଲେ—କହିଦଅ 'ମୀର ସାହେବ ଘରେ ନାହାନ୍ତି ।'

ଅଶ୍ୱାରୋହୀ—ଘରେ ନାହାନ୍ତି ତ କେଉଁଠି ଅଛନ୍ତି ?

ଚାକର—ଆଜ୍ଞା, ତା ମୁଁ ଜାଣେନା । କ'ଣ କାମ ଅଛି ?

ଅଶ୍ୱାରୋହୀ—ତୋତେ ସେ କାମ କଣ କହିବି ? ନବାବଙ୍କୁ ସାକ୍ଷାତ କରିବାକୁ ମୀର ସାହେବଙ୍କୁ ଆଦେଶ ହୋଇଛି । ସମ୍ଭବତଃ ଫୌଜ ଲାଗି କେତେକ ସିପାହୀ ସେ ଚାହାନ୍ତି । ଜାଗିର ଭୋଗିବା କ'ଣ ଖାଲି ଖେଳ କଥା ହୋଇଛିକି ! ଯୁଦ୍ଧ କ୍ଷେତ୍ରକୁ ଗଲେ ସେ ସବୁ ଜାଣି ପାରିବେ ଯେ ।

ଚାକର—ଆଚ୍ଛା ହଜୁର୍ । ସେ ଆସିଲେ ଆମେ ତାଙ୍କୁ ଜଣାଇ ଦେବୁ ।

ଅଶ୍ୱାରୋହୀ—ନା ନା, ଏ ଖାଲି କହିଦେବା କଥା ନୁହେଁ । ମୁଁ କାଲି ପୁଣି ନିଜେ ଆସିବି । ତାଙ୍କୁ ସଙ୍ଗେ ସଙ୍ଗେ ନେଇଯିବାକୁ ହୁକୁମ ହୋଇଛି ।

ଅଶ୍ୱାରୋହୀ ଚାଲିଗଲା । ମୀର ସାହେବଙ୍କ ହୃଦୟ କମ୍ପିଥାଏ । ମିର୍ଜାଙ୍କୁ ସେ ପଚାରିଲେ—"ଆଚ୍ଛା ଏଥର ଆମେ କ'ଣ କରିବା ?"

ମିର୍ଜା—ଏତ ସାଙ୍ଘାତିକ କଥା । ମୋର ଆଶଙ୍କା, ମୋତେ ବି ଡକା ହୋଇଥିବ ।

ମିର୍—ସିଏ କାଲି ପୁଣି ଆସିବ ବୋଲି କହି ଯାଇଛି ।

ମିର୍ଜା—ଦୁର୍ଭାଗ୍ୟ ଆଉ କାହାକୁ କହନ୍ତି ! ଯୁଦ୍ଧ କ୍ଷେତ୍ରକୁ ଯିବାକୁ ଯଦି ଆମକୁ ଆଦେଶ ଦିଆଯାଏ, ତାହେଲେ ଅକାଳେ ମୃତ୍ୟୁ ସୁନିଶ୍ଚିତ ।

ମିର୍—ଏଥିରୁ ନିସ୍ତାରର ଏକମାତ୍ର ବାଟ ହେଉଛି—ସେ ଆମକୁ ଘରେ ନପାଇବା । କାଲିଠାରୁ ଗୋମତୀ ନଦୀ ତୀରରେ ଏକ ପରିତ୍ୟକ୍ତ ନିର୍ଜନ ସ୍ଥାନରେ ଆମେ ଏକାଠି ରହିବା । କିଏ ଆଉ ସେ ସ୍ଥାନରେ ସନ୍ଧାନ ଦେଇ ପାରିବ ? ସେମହାଶୟ ଆସି ଖାଲି ହାତରେ ଫେରି ଯିବେ ।

ମିର୍ଜା—ବାଃ ବାଃ ! ସାବାସ୍ ! ଚମତ୍କାର ପରିକଳ୍ପନା ! ଯାହାଠାରୁ ଆଉ ଭଲ ବ୍ୟବସ୍ଥା ଆମ ପକ୍ଷେ ଆଉ କିଛି ନାହିଁ ।

ଆରପାଖେ ସେତେବେଳେ ମୀର ସାହେବଙ୍କ ବେଗମ ଅଶ୍ୱାରୋହୀକୁ କହୁଥାନ୍ତି—"ଆପଣ ସେ ଦୁହିଁଙ୍କୁ ଖୁବ୍ ଭୟଭୀତ କରାଇ ଦେଲେ ।"

ଅଶ୍ୱାରୋହୀ ଉତ୍ତର ଦେଉଥାନ୍ତି—"ଏପରି ମୂର୍ଖ ଲୋକଙ୍କୁ ମୁଁ କେତେ ନଚାଇଛି । ଶତରଞ୍ଜ ଖେଳ ଯୋଗୁ ସେମାନଙ୍କ ସବୁ ସାହସ ଓ ବୁଦ୍ଧି ବୃତ୍ତି ଲୋପପାଇ ଯାଇଛି । ଆଉ ଏଥର ତମେ ଘରେ ସେ ସେମାନଙ୍କୁ ଦେଖା ପାଇ ପାରିବ ନାହିଁ ।"

—ଗ—

ତା ପରଦିନଠୁ ଦୁଇ ବନ୍ଧୁ ମୁହଁ ଅନ୍ଧାର ବେଳୁ ଘରୁ ବାହାରି ଯାନ୍ତି । କାଖରେ ଏକ ଛୋଟ ଦରି ଯାକି, ଡବାରେ ଗୁଡ଼ିଏ ପାନ ଭର୍ତ୍ତିକରି ଗୋମତୀ ନଦୀ ପାରି ହୋଇ ଧାରି ପାଖରେ

ଥିବା ଏକ ପରିତ୍ୟକ୍ତ ମସ୍‌ଜିଦ୍‌କୁ ଚାଲି ଯାନ୍ତି । ସେଇଟିକୁ ସମ୍ଭବତଃ ନବାବ ଆସଫ୍ ଉଦ୍ଦୌଲ୍ଲ ତିଆରି କରିଥିଲେ । ଘରୁ ତମାଖୁ, ଚିଲମ ଓ ଉତ୍ତେଜକ ପାନୀୟ ନେଇ ଯାଆନ୍ତି । ମସ୍‌ଜିଦ୍‌ରେ ପହଞ୍ଚି ଦରି ବିଛାଇ, ହୁକ୍‌କା ଭରତି କରି, ଶତରଞ୍ଜି ଖେଳିବାକୁ ବସିଯାନ୍ତି । ତା'ପରେ ସେ ମାନେ ସାରା ସଂସାର ବିଷୟ ଭୁଲି ଯାଆନ୍ତି । 'କିସ୍ତି' 'କିସ୍ତି ମାତ୍' ଭଳି ଗୋଟିଏ ଦୁଇଟି ଶବ୍ଦ ବ୍ୟତୀତ ସେମାନଙ୍କ ମୁହଁରୁ ଆଉ କିଛି ବାହାରୁ ନଥାଏ । କୌଣସି ଯୋଗୀ ମଧ୍ୟ ସମାଧିସ୍ଥ ହେଲାବେଳେ ଏପରି ଏକାଗ୍ର ହେଉ ନଥିବ ! ଦ୍ଵିପ୍ରହର ବେଳକୁ କ୍ଷୁଧା ବୋଧ ହେଲେ ଦୁଇ ମିତ୍ର କେଉଁ ରୁଟି ଦୋକାନକୁ ଯାଇ ଖାଇ ଆସନ୍ତି ଏବଂ ଏକ ଚିଲମ ହୁକା ଟାଣି ପୁଣି ସଂଗ୍ରାମ କ୍ଷେତ୍ରରେ ମାତି ଯାନ୍ତି । କେବେ କେବେ ଭୋଜନ କରିବା ବିଷୟ ମଧ୍ୟ ଭୁଲି ଯାଆନ୍ତି ।

ଏଣେ ଦେଶର ରାଜନୈତିକ ଅବସ୍ଥା କ୍ରମେ ଭୟଙ୍କର ରୂପ ଧାରଣ କରୁଥାଏ । କମ୍ପାନି ଫୌଜ ଲକ୍ଷ୍ନୌ ଆଡ଼କୁ ମାଡ଼ି ଆସୁ ଥାନ୍ତି । ସହରରେ ଖୁବ୍ ବିଶୃଙ୍ଖଳା ଦେଖା ଯାଉଥାଏ । ଲୋକେ ସ୍ତ୍ରୀ ପିଲାଙ୍କୁ ନେଇ ଗ୍ରାମାଞ୍ଚଳକୁ ପଳାଉଥାନ୍ତି । ମାତ୍ର ଆମର ଏଇ ଦୁଇ ଖେଳାଳୀଙ୍କର ଏ ବିଷୟରେ ତିଳେ ଭ୍ରୂକ୍ଷେପ ନଥାଏ । ସେମାନେ ଘରୁ ଗ୍ଳୋଟେ ଗଳି ବାଟେ ଚାଲି ଆସନ୍ତି । କାରଣ, ଅନ୍ୟବାଟେ ଗଲେ କାଳେ କେଉଁ ବାଦସାହୀ କର୍ମଚାରୀ ନଜରରେ ପଡ଼ିଯିବେ ତ ଅଯଥା ଝିକଝାପ୍ ଭୋଗିବାକୁ ପଡ଼ିବ । କେତେ ହଜାର ଟଙ୍କା ଆୟର ଜାଗିର ମୋଫତରେ ଭୋଗିବାହିଁ ସେମାନଙ୍କ ଉଦ୍ଦେଶ୍ୟ ।

ଦିନେ ଦୁଇ ମିତ୍ର ମସଜିଦ୍‌ର ଧ୍ୱଂସ ସ୍ତୂପ ମଝିରେ ବସି ଖେଳୁଥିଲେ । ମିର୍‌ଙ୍କ ଖେଳ ଅତି ଶୋଚନୀୟ ହୋଇ ଥାଏ ।

ମିର୍ଜା ତାଙ୍କୁ ବାରମ୍ବାର ହରାଇ ଦେଉଥାନ୍ତି । ଏଇ ସମୟରେ ଦୂରରେ କମ୍ପାନି ସେନା ଦେଖା ଗଲେ । ସେମାନେ ହେଉଛନ୍ତି ଗୋରା ଫୌଜ ଲକ୍ଷ୍ନୌ ଅଧିକାର କରିବାକୁ ସେମାନେ ମାଡ଼ି ଆସୁଥିଲେ ।

ମିର ସାହେବ କହିଲେ—ହେଇ, ଇଂରେଜୀ ସୈନ୍ୟ ମାଡ଼ି ଆସୁଛନ୍ତି ! ଖୋଦା (ଭଗବାନ) ଆମକୁ ରକ୍ଷା କରନ୍ତୁ ।

ମିର୍ଜା—ଆସନ୍ତୁ ହେ । ହେଇ, ଏଣେ କସ୍ତି ହେଲା ।

ମିର—ଟିକିଏ ସେମାନଙ୍କୁ ଦେଖିବା, ଏଇଠି ଠିଆ ହୋଇ ହୋଇ ଆମେ ତ ଏଠି ନିରାପଦରେ ଅଛୁଁ ।

ମିର୍ଜା—ହଁ ତମେ ସେମାନଙ୍କୁ ଦେଖିବତ ଏମିତି ତରବର କାହିଁକି ? ଫେର କସ୍ତି ।

ମିର—ସେମାନଙ୍କର ତ ତୋପସବୁ ଅଛି । ପ୍ରାୟ ପାଞ୍ଚ ହଜାର ଲୋକହେବେ । କେଡ଼େ ବିଚିତ୍ର ସେମାନେ ଦିଶୁଛନ୍ତି । ନାଲି ମୁହାଁ ମାଙ୍କଡଙ୍କପରି ସେମାନଙ୍କ ମୁହଁ । ସେମାନଙ୍କୁ ଦେଖିଲେ ତ ଲୋକ ଡ଼ରି ଯିବ ।

ମିର୍ଜା—ହଉଆଜ୍ଞା, ଆଉ ଡେ଼ରି କରନ୍ତୁନାହିଁ । ମୁଁ ଏଥିରେ ଭୁଲିଯିବା ଲୋକ ନୁହେଁ । ହେଇ ପୁଣି କସ୍ତି ।

ମିର—ତମେ ତ ଆଜ୍ଞା ବିଚିତ୍ର ଲୋକ ! ଆମ ସହର ଉପରକୁ ବିପଦ ମାଡ଼ି ଆସୁଛି । ଏଣେ ତମେ ଖାଲି 'କସ୍ତି' 'କସ୍ତି' ପାଟି କରୁଛ । ସହରଟା ଅବରୁଦ୍ଧ ହୋଇଗଲେ ଆମେ କିପରି ଘରକୁ ଫେରିବା ସେକଥା ଟିକିଏ ଭାବୁଛ ?

ମିର୍ଜା—ଘରକୁ ଫେରିଲା ବେଳେ ସେକଥା ଚିନ୍ତାକରାଯିବ । 'କସ୍ତି' ଆଉ ଗୋଟାଏ ଦାନ ଦେଲେ ତମେ ହାରିଯିବ ।

ବ୍ରିଟିସ ସେନା ସେ ସ୍ଥାନ ଅତିକ୍ରମ କରି ଚାଲିଗଲେ । ସେତେବେଳକୁ ସମୟ ପ୍ରାୟ ସକାଳ ୧୦ଟା । ପୁଣିଥରେ ଖେଳ ଆରମ୍ଭ ହେଲା ।

ମିର୍ଜା ପଚାରିଲେ—ଆଜି ଖାଇବା ବିଷୟ କଣ କରାଯିବ ?

ମିର—ଆଜି ଉପବାସ (ରୋଜା) ହୋଇଯାଉ । କଣ ତୁମକୁ ଖୁବ୍ ଭୋକ ଲାଗୁଛି ?

ମିର୍ଜା—ନା ନା । କିଏ ଜାଣେ ସହରରେ ବର୍ତ୍ତମାନ କ'ଣ ହେଉଥିବ ।

ମିର—ସହରରେ କିଛି ହେଉନଥିବ । ଲୋକେ ଖାନାଖାଇ ଆରାମରେ ଶୋଇଥିବେ । ସ୍ୱୟଂ ନବାବ ସାହେବ ମଧ୍ୟ ପ୍ରମୋଦ ଭବନରେ ରହିଥିବେ ।

ଦୁହେଁ ପୁଣି ଖେଳରେ ମାତିଗଲେ । ଦିନ ତିନିଟା ହୋଇ-ଗଲା । ଏଥର ମିର୍ଜାଙ୍କ ଖେଳର ଅବସ୍ଥା ଶୋଚନୀୟ ହୋଇ ଯାଇ ଥାଏ । ୪ଟା ବାଜିଲା ବେଳକୁ ବ୍ରିଟିଶ୍ ଫୌଜ ଫେରିବାର ସଙ୍କେତ ଧ୍ୱନି ସେମାନେ ଶୁଣିବାକୁ ପାଇଲେ । ନବାବ ଓ୍ୱାଜିଦ୍ ଆଲିଶାହ ବନ୍ଦୀ ହୋଇଥାଆନ୍ତି । ବ୍ରିଟିଶ୍ ସୈନ୍ୟମାନେ ତାଙ୍କୁ କେଉଁ ଅଜ୍ଞାତ ସ୍ଥାନକୁ ନେଉଥାନ୍ତି । ନଗର ମଧ୍ୟରେ କୌଣସି ବିଦ୍ରୋହ ବା ବିପ୍ଳବ ହୋଇନଥିଲା । ବିନ୍ଦୁଏ ରକ୍ତପାତ ମଧ୍ୟ ହୋଇନାହିଁ । ସମ୍ଭବତଃ କୌଣସି ସ୍ୱାଧୀନ ଦେଶର ନରପତି କେବେ ଏପରି ଭାବେ ବିନା ରକ୍ତପାତରେ ଜରାପଦରେ ପରାଜିତ ହୋଇନାହାଁନ୍ତି । ଏହା ଈଶ୍ୱରଙ୍କୁ ସନ୍ତୁଷ୍ଟ କରୁଥିବା ଅହିଂସା ନୁହେଁ । ଏହା ହେଉଛି ଚରମ କାପୁରୁଷତା-ଯାହା ପାଇଁ ପରମ ପ୍ରଭୁ ଆଖିରୁ ଲୁହ ଢାଳନ୍ତି । ଅଯୋଧ୍ୟା ଭଳି ଏକ ବିରାଟ ରାଜ୍ୟର ନବାବ ବନ୍ଦୀ ଭାବେ ନୀତ ହେଲେ ଏବଂ ଲକ୍ଷ୍ନୌ

ବ୍ୟସନଉନ୍ନିଦ୍ରାରେ ନିମଜ୍ଜିତ ହୋଇଗଲା । ଏହ ହେଉଛି ଚରମ ରାଜନୈତିକ ବିପର୍ଯ୍ୟୟ ।

ମିର୍ଜାସାହେବ କହିଲେ—ଇଂରେଜ ଗୁଡ଼ାକ ଆମ ନବାବଙ୍କୁ ବନ୍ଦୀକରି ପକାଇଲେ ।

ମିର—ହଉହୋ, ହେଇଟି କିସ୍ତି ।

ମିର୍ଜା—ଦୟାକରି ଟିକଏ ରୁହ । ମୋର ବର୍ତ୍ତମାନ ମନ ଲାଗୁନି । ବିଚରା ନବାବ୍ ସାହେବ ଏବେ ଲୁହ ନିକାଢ଼ି ରକ୍ତ କାନ୍ଦୁଥିବେ ।

ମିର—ତା ନିଶ୍ଚୟ କରୁଥିବେ । ଏଭଳି ବିଳାସ ସେ ଆଉ କେଉଁଠି ପାଇବେ । ହେଇ 'କିସ୍ତି' ।

ମିର୍ଜା—ସବୁ ଦିନ କାହାର ସମାନ ଯାଏନା । ସତେ ତାଙ୍କ ଅବସ୍ଥା କି କରୁଣ !

ମିର—ହିଁ ତା'ତ ନିଶ୍ଚୟ ଠିକ୍ । ହେଇଟି ଏଣେ ପୁଣି 'କିସ୍ତି' । ଆଉ ଉପାୟ ନାହିଁ—ଏଥର ବୋଝ ।

ମିର୍ଜା—ଈଶ୍ୱରଙ୍କ ରାଣ । ତମେ ବଡ଼ ହୃଦୟ ହୀନ । ଏପରି ଚରମ ଦୁର୍ଦ୍ଦଶା ଦେଖିକରି ମଧ୍ୟ ତୁମର ଦୁଃଖ ହେଉନାହିଁ । ହାୟ ! ବିଚରା ଓ୍ୱାଜିଦ୍ ଆଲି ଶାହ !

ମିର—ପ୍ରଥମେ ତୁମ ବାଦଶାହକୁ ବଞ୍ଚାଅତ ଦେଖି । ତା' ପରେ ନବାବଙ୍କ ବିଷୟରେ ଦୁଃଖ କରିବ । ହେଇ କିସ୍ତିମାତ (ଖେଳ ଶେଷ) ହୋଇଗଲା । ହାତ ମିଳାଇ ନିଅ !

ବାଦଶାହଙ୍କୁ ନେଉଥିବା ସେନା ସେମାନଙ୍କ ସମ୍ମୁଖ ଦେଇ ଚାଲିଗଲେ । ସେମାନେ ଗଲାପରେ ମିର୍ଜା ପୁଣି ଥରେ ଖେଳ ହଜାଇଲେ । ହାରିଯିବାରୁ ତାଙ୍କର ଖୁବ୍ ମନ ଦୁଃଖ ହୋଇଥାଏ । ମିର କହିଲେ—'ଆସ, ନବାବ ସାହେବଙ୍କ ଦୁଃଖରେ ଏକ ଶୋକ

ଗୀତିକା ଆବୃତ୍ତି କରିବା ।' ମାତ୍ର ମିର୍ଜା ସାହେବଙ୍କ ସଙ୍ଗୀତାନୁରାଗ ନିଜ ପରାଜୟ ଯୋଗୁ ସେତେବେଳେ ଲୁପ୍ତ ହୋଇ ଯାଇଥାଏ । ସେ କୋଟ୍ ଗୁଡ଼ିବାକୁ ଅଧୀର ହୋଇ ପଡ଼ଥାନ୍ତି ।

— ୪ —

ସଞ୍ଜ ହୋଇଗଲା । ସେଇ ଭଗ୍ନ ସ୍ତୁପ ଉପରେ ପେଚକ ମାନେ ରାବିବାକୁ ଆରମ୍ଭ କଲେ । ଘରଚଟିଆ ମାନେ ସେମାନଙ୍କ ନୀଡ଼କୁ ଫେରିଆସିଲେ । ମାତ୍ର ଖେଳାଳୀ ଦୁହେଁ ଯୁଦ୍ଧ ଖେଳରେ ତନ୍ମୟ ରହିଥାନ୍ତି । ଯେତେ–ଯେପରି ଦୁଇ ରକ୍ତ-ପିପାସୁ ସୈନିକ ଯୁଦ୍ଧରେ ଆତ୍ମ ବିସ୍ମୃତ । ମିର୍ଜାଜୀ ଉପର୍ଯ୍ୟୁପରି ୩ ଥର ହାରି ଯାଇଥାନ୍ତି । ଏହି ୪ର୍ଥ ଥର ଖେଳମଧ୍ୟ ତାଙ୍କ ପକ୍ଷେ ଆଶା-ପ୍ରଦ ମନେହେଉ ନଥାଏ । ଖୁବ୍ ମନଦେଇ ଖେଳି ଜୟଯୁକ୍ତ ହେବାକୁ ସବୁଥର ସେ ମନସ୍ଥ କରୁଥାନ୍ତି । ମାତ୍ର ସବୁଥର ଭୁଲ ଭାବେ ଗୋଟି ଚଳାଇବା ଯୋଗୁ ତାଙ୍କୁ ହାରିବାକୁ ପଡ଼ୁଥାଏ । ପ୍ରତ୍ୟେକ ପରାଜୟ ତାଙ୍କୁ ପ୍ରତିଶୋଧ ନେବାକୁ କେବଳ ଉତ୍ତେଜିତ କରୁଥାଏ । ଅନ୍ୟପକ୍ଷରେ ମିର ସାହେବ ଆନନ୍ଦରେ ଗଜଲ ଗାଉଥାନ୍ତି ଓ ଗୁପ୍ତ ଧନ ପାଇଲା ଭଳି ଆନନ୍ଦରେ ବ୍ୟଙ୍ଗପୂର୍ଣ୍ଣ ଟିପ୍ପଣୀ କରୁଥାନ୍ତି । ମିର୍ଜାଜୀ ତା' ଶୁଣି ଶୁଣି ଉତ୍ତେଜିତ ହେଉ-ଥାନ୍ତି । ଯେତିକି ତାଙ୍କର ଖେଳ ଦୁର୍ବଳ ହେଉଥାଏ ସେତିକି ସେ ଧୈର୍ଯ୍ୟହରାଇ ବସୁଥାନ୍ତି । ପ୍ରତ୍ୟେକ କଥାରେ ସେ ରାଗି ପ୍ରତିବାଦ କରନ୍ତି—"ଦୟାକରି ତମେ ଗୋଟି ବଦଳାଇ ପାରିବ ନାହିଁ । ଏମିତିଖେଳ ହୁଏନା । ଥରେ ତମେ ଗୋଟି ଚଳାଉଛ—ପୁଣି ତାକୁ ବଦଳାଉଛ । ତମକୁ ଥରେ କେବଳ ଗୋଟି ଚଳାଇବାକୁ ହେବ ।" "ଥରେ ଚଳାଇବାକୁ ତମକୁ ଘଣ୍ଟାଏ ଲାଗି ଯାଉଛି ।

ତା ହୋଇ ପାରିବ ନାହିଁ । ଗୋଟାଏ ଗୋଟି ଚଳାଇବାକୁ ଯେ ୫ ମିନିଟରୁ ବେଶୀ ସମୟ ନେବ ସେ ହାରିଗଲା ବୋଲି ଧରା-ଯିବ ।" "ତୁମେ ପୁଣି ବଦଳାଇଲ ! ଦୟାକରି ସେ ଗୋଟିଟା ସେଇଠି ରଖିଦିଅ ।"

ମିରସାହେବ ନିଜ ରାଣୀ ଗୋଟିଟିକୁ ହରାଇବା ଉପରେ । ସେ କହିଲେ, "ମୁଁ ଆଦୌ ଗୋଟି ଚଳାଇ ନାହିଁ ।"

ମିର୍ଜା—ହଁ, ତମେ ଗୋଟି ଚଳାଇ ସାରିଛ । ସେଇ ଛକରେ ଦୟାକରି ଗୋଟିଟିକୁ ଥୋଇ ଦିଅ ।

ମିର—ମୁଁ କାହିଁକି ତାକୁ ସେଇ ଛକରେ ଥୋଇବି ? ମୁଁ ଗୋଟିକୁ ଆଦୌ ହାତରୁ ଓହ୍ଲାଇ ନାହିଁ ।

ମିର୍ଜା—ସେଇଟା ହୋଇ ପାରିବ ନାହିଁ—ତମେ ରାଣୀଟିକୁ ହରାଇବାକୁ ବସିଛ, ସେଥିପାଇଁ ତୁମର ଏଇ ଗୋଟିଏ ଫନ୍ଦି ।

ମିର—ତମେ ଫାଙ୍କିବାକୁ ବସିଛ ! ଜିତିବା ହାରିବା ଭାଗ୍ୟର କଥା । ଧପେଇ କରି କେହି ଜିତି ପାରିବ ନାହିଁ ।

ମିର୍ଜା—ତା' ହେଲେ ତେମେ ଖେଳରେ ହାରିଲ ।

ମିର – ମୁଁ କାହିଁକି ହାରିବି ?

ମିର୍ଜା—ତା' ହେଲେ ଦୟାକରି ସେ ଗୋଟିଟା ଯେଉଁଠି ଥିଲା ସେଇଠି ରଖିଦିଅ ।

ମିର—ମୁଁ କାହିଁକି ତାକୁ ସେଠି ରଖିବି ? ତା କଦାପି ହୋଇ ପାରିବ ନାହିଁ ।

ମିର୍ଜା—କାହିଁକି ନରଖିବ ? ତୁମକୁ ଅଲବତ ରଖିବାକୁ ପଡ଼ିବ ।

ବିବାଦ ବଢିଲା । ଦୁହେଁ ଆପଣା ଆପଣା ମତ ଉପରେ ଦୃଢ଼ ରହିଲେ । କେହି କାହା ପାଖେ ନଇଁବାକୁ ରାଜି ନୁହନ୍ତି । ଅପ୍ରାସଙ୍ଗିକ କଥା ଚାଲିଲା । ମିର୍ଜା କହିଲେ-"ତମ ବଂଶରେ କିଏ ସତରଞ୍ଜ ଖେଳିଥିଲେ ଯିନା ତମେ ତା'ର ନିୟମ ଜାଣି ଥାଆନ୍ତ । ତମ ପୂର୍ବ ପୁରୁଷତ ଘାସ କାଟୁଥିଲେ । ତମେ ସତରଞ୍ଜ ଖେଳି ଜାଣିବ କୁଆଡୁ ? ସମ୍ଭ୍ରାନ୍ତ ହେବାଟା ସମ୍ପୂର୍ଣ୍ଣ ଅଲଗା ବିଷୟ । ଜାଗିର ପାଇଗଲେ କେହି ସମ୍ଭ୍ରାନ୍ତ ହୋଇଯାଏ ନାହିଁ ।"

ମିର—ତମେ କଣ କହିଲ ? ତମ ବାପା ଘାସ କାଟୁଥିବେ । କେତେ ପୁରୁଷ ହେଲା ଆମେ ଆମ ବଂଶରେ ଏଇଖେଳ ଖେଳି ଆସୁଛୁ ।

ମିର୍ଜା—ଆହେ ଯା'ହେ, ଘାସି ଉଦ୍ଦିନଙ୍କ ଘରେ ରୋଷେୟା ହୋଇ ତମେ ଆଜି ସମ୍ଭ୍ରାନ୍ତ ବୋଲି ଦେଖେଇ ହଉଚ । ସମ୍ଭ୍ରାନ୍ତ ହେବା କଥା କିନ୍ତୁ ଖେଳିବା କଥା ନୁହେଁ ।

ମିର—ତମ ପୂର୍ବ ପୁରୁଷଙ୍କ ମୁହଁରେ ତମେ କାହିଁକି କାଳି-ବୋଳିବାକୁ ବସିଛ ? ସେହିମାନେ ନିଶ୍ଚୟ ରୋଷେୟାକାମ କରୁଥିଲେ । ଆମେତ ସର୍ବଦା ବାଦସାହଙ୍କ ସଙ୍ଗେ ଖାନାଖାଇ ଆସିଛୁ ।

ମିର୍ଜା—ଆରେ ଛୋଟଲୋକ ! ଏମିତି ବଢି ବଢି କରି କଥା କହନା ।

ମିର—ମୁହଁ ସମ୍ଭାଳି କଥା କୁହ । ନହେଲେ ଭଲ ଫଳ ହେବନାହିଁ । ଏମିତି କଥା ମୁଁ ଶୁଣି ବରଦାସ୍ତ କରି ପାରିବି ନାହିଁ । ମୋତେ ଆଖି ଦେଖାଇଲେ ମୁଁ ଆଖି ଉପାଡ଼ି ଦେଇ ପାରେ । କ'ଣ ପରୀକ୍ଷା ଚାହଁ ?

ମିର୍ଜା—ତମେ ବଳ ପରୀକ୍ଷା କରିବାକୁ ଚାହୁଁଛ ? ଆଚ୍ଛା, ଦେଖିବା; ଆଜି ହାତାହାତି ହୋଇ ଯାଉ ! ଏପଟ ନୋହିଲେ ସେପଟ ।

ଦୁଇବନ୍ଧୁ ଅଣ୍ଟାରୁ ତରବାରି ବାହାର କଲେ । ନବାବଙ୍କ ସମୟରେ ସମସ୍ତେ ଛୁରି ତରବାରି ପ୍ରଭୃତି ସାଙ୍ଗରେ ନେଉଥିଲେ । ଦୁହେଁ ବିଳାସପ୍ରିୟ ଥିଲେ ସତ, ମାତ୍ର ଭୀରୁ ନଥିଲେ । ସେମାନେ ଭାବୁଥିଲେ ବାଦଶାହଙ୍କ ଲାଗି କାହିଁକି ମରିବୁ ? ସେମାନଙ୍କର ରାଜନୈତିକ ଚେତନାର ଅଧଃ ପତନ ହୋଇଥିଲା । ସେମାନଙ୍କ ଠାରେ ବ୍ୟକ୍ତିଗତ ଗୌରବର ଅଭାବ ନଥିଲା । ଦୁହେଁ ସ୍ଥାନ ନେଇ ପରସ୍ପରର ସମ୍ମୁଖୀନ ହେଲେ । ଦୁହିଁଙ୍କର ତରବାରି ଚମକିଲା, ସଂଘର୍ଷରୁ ଝଣ୍ ଝଣ୍ ଶବ୍ଦ ହେବାକୁ ଲାଗିଲା । ଦୁହେଁ ଆହତ ହୋଇ ପଡ଼ିଗଲେ ଏବଂ କିଛି ସମୟ ପରେ ମୃତ୍ୟୁ ଲଭିଲେ । ନକଲି ବାଦ୍‌ଶାହଙ୍କ ଲାଗି ଯେ ଦୁହିଁଙ୍କ ଆଖିରୁ ଟୋପାଏ ଲୁହ ଝରି ନଥିଲା, ସେହି ଦୁହେଁ ଶତରଞ୍ଜ ଖେଳର ନକଲି ରାଜା ମନ୍ତ୍ରୀଙ୍କ ଲାଗି ପ୍ରାଣ ଦେଇ ଦେଲେ ।

ଅନ୍ଧାର ହୋଇ ଆସୁଥିଲା । ସତରଞ୍ଜ ପାଲି ସେହିପରି ବିସ୍ତହୋଇ ପଡ଼ିଥାଏ । ଖେଳର ଗୋଟି ସବୁ ସେହିପରି ସଜାହୋଇ ରହିଥାନ୍ତି ! ମନେ ହେଉଥିଲା ଯେପରି ଦୁଇ ବାଦଶାହ ଆପଣା ଆପଣା ସିଂହାସନ ଉପରେ ବସି ଶୋକ କରୁଛନ୍ତି ।

ଚାରିଆଡ଼ ନୀରବ ଓ ନିର୍ଜନ । ଏକମାତ୍ର ଧ୍ୱଂସ ସ୍ତୂପର ଭଗ୍ନ ପ୍ରାଚୀର, ମେହେରାବ ଏବଂ ଧୂଳି-ଧୂସରିତ ମିନାର ଏହି ମୃତ ଦେହକୁ ଦେଖୁଥିଲା ଏବଂ ସେମାନଙ୍କ ଲାଗି ଶୋକ କରୁଥିଲା ।

—:୦:—

ମୁଦ୍ରାକର—ଶ୍ରୀ ମାଗୁଣି ଚରଣ କାନୁନଗୋ
କଂଗ୍ରେସ ପ୍ରେସ, କଟକ-୨
୧୯୫୮